

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : wwwödhwanipratidhwaniönet

email: pratidhwaniödhwani@gmailöcom


ଯା ଦେବୀ ସର୍ବଭୂତେଷୁ...

ବାଲେଶ୍ୱର ❑ ଶୁକ୍ରବାର ୦୬ ନଭେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 06 November 2026

Vol No 36 ■ No 290 ■ Price :Rs. 2.00 (8 pages) ■ RNI Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି ପୂଜାସଂଖ୍ୟା ସାଗରିକା

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ।।।



ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net

ବାତ୍ୟା ଅର୍ଣ୍ଣବ କ୍ଷୟକ୍ଷତି ଭରଣା ପାଇଁ କେନ୍ଦ୍ରକୁ ୨,୫୨୬ କୋଟି ମାଗିଲା ଓଡ଼ିଶା



ଭୁବନେଶ୍ୱର, ୦୫/୧୧ (ନି.ପ୍ର): କେନ୍ଦ୍ରକୁ ୨ହଜାର ୫୨୬ କୋଟି ଟଙ୍କାର ସହାୟତା ମାଗିଲା ଓଡ଼ିଶା । ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରୀୟ ଟିମ୍ । ବ୍ୟାପକ କ୍ଷୟକ୍ଷତି ହୋଇଛି, ସମ୍ପୂର୍ଣ୍ଣ ଆକଳନ କରିବାକୁ ଆହୁରି ୭/୮ ଦିନ ଲାଗିବ । ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷୟକ୍ଷତି ଭରଣା ପାଇଁ କେନ୍ଦ୍ରୀୟ ଟିମ୍‌କୁ ଦାବି ପତ୍ର ଦିଆଯାଇଛି । ସ୍ଥାୟୀ ପ୍ରତିକାର ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ । କେନ୍ଦ୍ର ଗୃହ ମନ୍ତ୍ରାଳୟର ଯୁଗ୍ମ ସଚିବ ରବିଶଙ୍କରଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ଗଞ୍ଜାମ ଓ ଗଜପତି ଜିଲ୍ଲା ଗସ୍ତ କରି କ୍ଷୟକ୍ଷତିର ଆକଳନ କରିଛନ୍ତି । ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ବନ୍ୟା, ବାତ୍ୟା ଓ ଗ୍ରୀଷ୍ମ ପ୍ରବାହ ପରି ପ୍ରାକୃତିକ ବିପର୍ଯ୍ୟୟ ବାରମ୍ବାର ଆସୁଛି । ଏହାଦ୍ୱାରା ରାଜ୍ୟର ବିକାଶ କାମ ବାଧାପ୍ରାପ୍ତ ହେଉଛି । ତେଣୁ, କେନ୍ଦ୍ରୀୟ ଟିମ୍ ତାଙ୍କ ରିପୋର୍ଟରେ ତତ୍କାଳ ରିଲିଫ ଓ ପୁନର୍ନିର୍ମାଣ ପାଇଁ ସହାୟତା ସହିତ ଏହାର ସ୍ଥାୟୀ ପ୍ରତିକାର ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ବାତ୍ୟା ଅର୍ଣ୍ଣବ ପ୍ରଭାବରେ ୩ ଜିଲ୍ଲାରେ ପ୍ରାଥମିକ କ୍ଷୟକ୍ଷତି ଆକଳନ ରିପୋର୍ଟ ଅନୁସାରେ, ୨ହଜାର ୫୨୬ କୋଟି ଟଙ୍କାର ଦାବି ରଖିଛନ୍ତି ସରକାର । ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲା ବାତ୍ୟା ଓ ବନ୍ୟା ଦ୍ୱାରା ବେଶୀ କ୍ଷତିଗ୍ରସ୍ତ ହୋଇଛି । ବାରମ୍ବାର ହେଉଥିବା ଏହି ପ୍ରାକୃତିକ ଦୁର୍ବିପାକର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାର କେନ୍ଦ୍ର ନିକଟରେ ୧୦ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ମାଗିଛନ୍ତି । ଆଗାମୀ ୮ ରୁ ୧୦ ଦିନ ଭିତରେ ସମସ୍ତ କ୍ଷୟକ୍ଷତିର ବୃତ୍ତାନ୍ତ ଆକଳନ ରିପୋର୍ଟ କେନ୍ଦ୍ର ସରକାରଙ୍କ ପାଖରେ ଦାଖଲ କରାଯିବ । ସ୍ଥିତି ଅନୁଧ୍ୟାନ କରିବା ପାଇଁ ଏକ ୮ ଜଣିଆ କେନ୍ଦ୍ରୀୟ କମିଟି ଓଡ଼ିଶା ଗସ୍ତରେ ଆସିଥିଲେ । ଲୋକ ସେବା ଭବନରେ ମୁଖ୍ୟ ଶାସନ ସଚିବ ଏବଂ ବିଭିନ୍ନ ବିଭାଗର ସଚିବମାନଙ୍କ ସହ ଆଲୋଚନା କରିବା ପରେ ଏହି ଟିମ୍ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଭେଟିଥିଲେ। କେନ୍ଦ୍ରୀୟ ଟିମ୍ ସ୍ଥିତି ଅନୁଧ୍ୟାନ କରି ଅତିରିକ୍ତ କ୍ଷତି ହୋଇଥିବା ଉପଲବ୍ଧି କରିଛନ୍ତି ।

ଦିଲ୍ଲୀରେ ଭୁଶୁଡ଼ିଲା ୩ ମହଲା କୋଠା: ୨ ମୃତ



ନୂଆଦିଲ୍ଲୀ,୫/୧୧ : ଦିଲ୍ଲୀର ଚାନ୍ଦନୀ ଚୌକ୍ ଅଞ୍ଚଳରେ ଭୟଙ୍କର ଅଘଟଣ । ଭୁଶୁଡ଼ି ପଡ଼ିଲା ନିର୍ମାଣାଧୀନ ତିନି ମହଲା କୋଠା। ଏଥିରେ ଦୁଇ ଜଣଙ୍କ ଜୀବନ ଯାଇଛି । ଆଉ ୬ ଜଣ ଭଗ୍ନାବଶେଷ ତଳେ ଫସିଥିବା ଆଶଙ୍କା ରହିଛି । ଆଜି ସକାଳେ ଚାଓ୍ୱଡ଼ି ବଜାର ମେଟ୍ରୋ ଷ୍ଟେସନ ନିକଟ ପାଇଓ୍ୱାଲାନ୍ ଅଞ୍ଚଳରେ ଘଟିଛି ଏହି ଦୁର୍ଘଟଣା । ସକାଳ ପ୍ରାୟ ୯ଟା ୫୦ରେ ଦିଲ୍ଲୀ ଅଗ୍ନିଶମ ବିଭାଗକୁ ଘଟଣା ସମ୍ପର୍କରେ ଖବର ମିଳିଥିଲା । ଖବର ପାଇବା ପରେ ପ୍ରଥମେ ଉଦ୍ଧାରକାରୀ ଦଳ ପହଞ୍ଚିଥିଲେ। ପରେ ଅଧିକ କର୍ମଚାରୀ ଓ ଅଧିକାରୀଙ୍କୁ ଘଟଣାସ୍ଥଳକୁ ପଠାଯାଇଥିଲା । ଏବେ ମୋଟ ୬ଟି ଅଗ୍ନିଶମ ୟୁନିଟ୍ ଉଦ୍ଧାର କାର୍ଯ୍ୟରେ ସାମିଲ ଅଛନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ସକାଳ ପ୍ରାୟ ୯ଟାରୁ ୯ଟା ୩୦ ମଧ୍ୟରେ ହଠାତ୍ ଜୋରରେ ଶବ୍ଦ ହୋଇଥିଲା । ବାହାରକୁ ଆସି ଦେଖିବାବେଳକୁ ପାଖରେ ନିର୍ମାଣ ହେଉଥିବା କୋଠାଟି ଭୁଶୁଡ଼ି ପଡ଼ିଥିଲା । ସେଠାରେ ୩ରୁ ୪ ଜଣ ଶ୍ରମିକ କାମ କରୁଥିବା ଜଣେ ଆହତ ଶ୍ରମିକଙ୍କଠାରୁ ସେମାନେ ଜାଣିବାକୁ ପାଇଥିବା କହିଛନ୍ତି ।

◆◆ପୃଷ୍ଠା ୭

ଭିଜିଲାନ୍ସକୁ ଦେଖି ପୋଖରୀକୁ ଡେଇଁଥିବା ଲାଞ୍ଚୁଆ ପୁଲିସ୍ ବାବୁ ବନ୍ଧାହେଲେ

ଭୁବନେଶ୍ୱର, ୦୫/୧୧ (ନି.ପ୍ର):ଲାଞ୍ଚ ନେବା ଅଭିଯୋଗରେ ବନ୍ଧାହେଲେ ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନାର ସବ୍-ଇନ୍ସପେକ୍ଟର ସୁଜିତ କୁମାର ମହାନ୍ତ। ଏକ ମାମଲାର ଫାଇନାଲ୍ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଅଭିଯୋଗକାରୀଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ତାଙ୍କୁ ଧରିଥିଲା ଭିଜିଲାନ୍ସ। ଭିଜିଲାନ୍ସକୁ ଦେଖି ପୋଖରୀକୁ ଡେଇଁପଡ଼ିଥିଲେ ସବଇନ୍ସପେକ୍ଟର । ତେବେ ପୋଖରୀରୁ ତାଙ୍କୁ ଉଦ୍ଧାର କରି ଲାଞ୍ଚ ଟଙ୍କା ଜବତ କରିଥିଲା ଭିଜିଲାନ୍ସ । ଏହାସହ ଥାନା ପରିସର ରେଷ୍ଟରୁମରୁ ବି ୧ ଲକ୍ଷ ୫୫ ହଜାର ଟଙ୍କା ଜବତ ହୋଇଥିଲା।

ସୁନ୍ଦରଗଡ଼ରେ ଦୁଇ ୟୁନିୟନ ମଧ୍ୟରେ ବିବାଦରୁ ଫୁଟିଲା ଗୁଳି: ଜଣେ ମୃତ

ସୁନ୍ଦରଗଡ଼, ୦୫/୧୧ (ନି.ପ୍ର): ସୁନ୍ଦରଗଡ଼ ଦରଲିପାଲିରେ ଗୁଳିକାଣ୍ଡ । ପାଉଁଶ ପରିବହନକୁ ନେଇ ଦୁଇ ୟୁନିୟନ ମଧ୍ୟରେ ଥିବା ବିବାଦ ଉଗ୍ର ରୂପ ନେଇଛି। ଏହି ବିବାଦରୁ ଜଣେ ବ୍ୟକ୍ତିଙ୍କ ଉପରକୁ ଗୁଳିମାଡ଼ ହୋଇଥିବା ସୂଚନା ମିଳିଛି । ଗୁଳିଟି ତାଙ୍କ ଛାତିରେ ବାଜିଥିବା ତାଙ୍କର ମୃତ୍ୟୁ ହୋଇଛି । ଗୁଳିମାଡ଼ରେ ମୃତ ଯୁବକଙ୍କ ନାଁ ସୁନୀଲ ନେଟି । ତାଙ୍କୁ ଗୁରୁତର ଅବସ୍ଥାରେ ସୁନ୍ଦରଗଡ଼ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି । ପାଉଁଶ ପରିବହନକୁ ନେଇ ଦୁଇ ୟୁନିୟନ ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା । ଆଜି ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏତିକି ବେଳେ ଜଣଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା । ପାଉଁଶ ପରିବହନ ବିବାଦ ହିଁ ଗୁଳିକାଣ୍ଡର କାରଣ

◆◆ପୃଷ୍ଠା ୭

ଟୁଟିଲା ବିଧାୟକ-ଅଫିସର ବିବାଦ: ସିଡିଓଙ୍କୁ କୁଣ୍ଢାଇ ପକାଇଲେ ସରୋଜ



ଭୁବନେଶ୍ୱର, ୦୫/୧୧ (ନି.ପ୍ର): ଶେଷରେ ଟୁଟିଲା ବିଧାୟକ-ଅଫିସର କଳି । ସବୁ ବିବାଦରେ ପଡ଼ିଲା ପୂର୍ଣ୍ଣଚ୍ଛେଦ । ଏକାଠି ହେଲେ ଆସିକା ବିଧାୟକ ସରୋଜ ପାଢ଼ୀ ଓ ଗଞ୍ଜାମ ସିଡିଓ ସମୀର ଜେନା । ଦୁହିଁଙ୍କ କୋଳାକୋଳି ଫଟୋ ଏବେ ସାମ୍ନାକୁ ଆସିଛି । ଦକ୍ଷିଣାଞ୍ଚଳ ଆରଡିସି ବିଜୟ ଅମୃତ କୁଲାଙ୍ଗେଙ୍କ ଉପସ୍ଥିତିରେ ଆଲୋଚନା ପରେ ବିବାଦର ସମାଧାନ ହୋଇଛି । ରିଲିଫ୍ ବଣ୍ଟନକୁ କେନ୍ଦ୍ର କରି ବିଧାୟକ ସରୋଜ ପାଢ଼ୀ ଓ ସିଡିଓ ସମୀର ଜେନାଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା । ସିଡିଓଙ୍କୁ ବିଧାୟକ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଥିଲା । ଘଟଣା ଥାନାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ପର୍ଯ୍ୟନ୍ତ ପହଞ୍ଚିଥିଲା ।

◆◆ପୃଷ୍ଠା ୭

ଚକମା ଦେଇଦେଲେ କୋଟିଆ ଭୋଟର

ଭୁବନେଶ୍ୱର, ୦୫/୧୧ (ନି.ପ୍ର): କାହିଁକି ଆନ୍ଧ୍ର ମୁହାଁ ହେଉଛନ୍ତି କୋଟିଆବାସୀ ? ଓଡ଼ିଶା ଯୋଜନା ବନାମ ଆନ୍ଧ୍ର ଯୋଜନା । କାହା ଯୋଜନା ଭଲ ? ସୀମାନ୍ତ କୋଟିଆରୁ ଆଜି ସକାଳୁ ଯେଉଁ ଚିତ୍ର ଆସିଥିଲା ତାହା ବିଚଳିତ କଲାଭଳି। କଡା ସୁରକ୍ଷା ସତ୍ୱେ ଲୁଚି ଛପି ଯାଇ ଆନ୍ଧ୍ରରେ ଭୋଟ ଦେଇ ଫେରିଥିଲେ କିଛି କୋଟିଆ ବାସିନ୍ଦା। ଜଣେ କି ଦୁଇ ଜଣ ନୁହଁନ୍ତି କୋଟିଆରେ ପ୍ରାୟ ସମସ୍ତେ ଦୁଇ ରାଜ୍ୟର ତାଲିକାରେ ରହିଛନ୍ତି। ସେମାନଙ୍କ ପାଖରେ ରହିଛି ଉଭୟ ରାଜ୍ୟର ରାସନ କାର୍ଡ। ଦୁଇ ରାଜ୍ୟରୁ ଉଠାଉଛନ୍ତି ରାସନ ଚାଉଳ। ସେହିପରି ସେମାନଙ୍କ ପାଖରେ ଦୁଇଟି ଆଧାର କାର୍ଡ, ଦୁଇଟି ଭୋଟର କାର୍ଡ ଥିବା ମଧ୍ୟ ଜଣାପଡିଛି । ଉଭୟ ପଟରୁ ଲାଭ ପାଉଥିବାରୁ ଦୁଇ ରାଜ୍ୟର ଭୋଟରେ ସେମାନେ ଭାଗ ନେଉଥିବା କହିଛନ୍ତି । ଏତିକି ନୁହେଁ ଆନ୍ଧ୍ର ସୀମାକୁ ଲାଗିଥିବାରୁ , ଅଧିକାଂଶ ଲୋକ ତେଲଗୁରେ କଥା କହୁଥିବାରୁ ଓଡ଼ିଆ ସ୍କୁଲ ଥାଇ ବି କମ୍ ପିଲା ଆସୁଛନ୍ତି। ଅଭିଭାବକମାନେ ତେଲଗୁ ସ୍କୁଲରେ ସେମାନଙ୍କ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଏଥିସହ କୋଟିଆବାସୀଙ୍କ ମନ ଜିଣିବା ପାଇଁ ଆନ୍ଧ୍ର କୋଟିଆର ବୟସ୍କ, ଦିବ୍ୟାଙ୍ଗଙ୍କୁ ୪ହଜାର ଟଙ୍କା ଲେଖାଏଁ ଭତ୍ତା ଦେଉଛି । ମାଗଣାରେ ସୋଲାର ପ୍ୟାନେଲ୍ ଲାଇଟ୍ ଯୋଗାଇ ଦେଇଛି। ଯାହାକି ଓଡ଼ିଶା ସହାୟତା ହିସାବରେ ବହୁତ ଅଧିକ। ତେଣୁ କୋଟିଆବାସୀ ଆନ୍ଧ୍ର ମୋହ ଛାଡି ପାରୁନାହାନ୍ତି । ତେବେ ଆନ୍ଧ୍ରର ଏହି ନିର୍ବାଚନ ଓଡ଼ିଶା ପାଇଁ ଏକ ବଡ ବାର୍ତ୍ତା ଦେଇଛି । କୋଟିଆବାସୀଙ୍କୁ ମନ ଜିଣିବା ସହ ସମସ୍ୟାର ସମାଧାନ କରିବା ପାଇଁ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡିବା ଜରୁରୀ ହୋଇପଡିଛି ।

ଶିଶୁପାଳଗଡ଼ରେ ଗଡ଼ିଲା ମୁଣ୍ଡ: ୮ ଜଣଙ୍କୁ ଗିରଫ କଲା ପୋଲିସ

ଭୁବନେଶ୍ୱର, ୦୫/୧୧ (ନି.ପ୍ର): ନୂଆ ବନ୍ଧୁକ ଆଣିବା ଖୁସିରେ ଚାଲିଥିଲା ସେଲିବ୍ରେସନ୍ ଓ ଏକାଠି ହୋଇ ପାର୍ଟି କରୁଥଲେ ୯ ବନ୍ଧୁ। ଶିଶୁପାଳଗଡ଼ରେ ଭୋଜି ସମୟରେ ନୂଆ ବନ୍ଧୁକରୁ ହେଲା ଗୁଳି ଚାଳନା ଆଉ ଚାଲିଗଲା ବନ୍ଧୁ ତପନ ନାୟକଙ୍କ ଜୀବନ। ଧଉଳି ଥାନା ଅଂଚଳରେ ଘଟିଥିବା ଏ ଘଟଣା ସମସ୍ତଙ୍କୁ ଚକିତ କରିଛି। ଗତକାଲି ବିଳମ୍ବିତ ରାତିରେ ଶିଶୁପାଳଗଡ଼ ନିକଟରେ ଗୁଳିକାଣ୍ଡ ହେବା ନେଇ ଖବର ପାଇଥିଲା ପୋଲିସ। ଆଉ ଯାହାର ତଦନ୍ତ କରି ଆଜି ସେଲିବ୍ରେସନରେ ସାମିଲ ଥିବା ୮ ଜଣଙ୍କୁ ଗିରଫ କରିଛି କମିସନରେଟ ପୋଲିସ। ସୂଚନା ଅନୁସାରେ ସେଲିବ୍ରେସନ ମଝିରେ ପାର୍ଶଲ ଆସିଥିବା ବନ୍ଧୁକର କରାଯାଇଥିଲା ଲଞ୍ଚିଂ। ବନ୍ଧୁକ ସେଟ୍ ବେଳେ ଗୁଳିଚାଳନାରୁ ଗୁରୁତର ହୋଇଥିଲେ

◆◆ପୃଷ୍ଠା ୭

ଶିଶୁଭବନ ଓଭରବ୍ରିଜ୍ ଗୁଳିକାଣ୍ଡ ଘଟଣାରେ ୯ ଗିରଫ

ଭୁବନେଶ୍ୱର, ୦୫/୧୧ (ନି.ପ୍ର): ଭୁବନେଶ୍ୱର ଶିଶୁଭବନ-ମାଉସୀମା ଓଭରବ୍ରିଜ୍‌ରେ ଘଟିଥିବା ଗୁଳିକାଣ୍ଡ ଓ ହତ୍ୟା ଘଟଣାରେ କମିଶନରେଟ୍ ପୋଲିସ ପକ୍ଷରୁ ତ୍ୱରିତ ତଦନ୍ତ କରାଯାଇ ଘଟଣାରେ ସମ୍ପୃକ୍ତ ସମସ୍ତ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ମାନଙ୍କ ଠାରୁ ଘଟଣାରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।

ଗିଡ଼ିପାବାଲି ଭୂସ୍ଖଳନ ସ୍ଥଳରୁ ମିଳିଲା ଆଉ ୫ ମୃତଦେହ: ସମସ୍ତେ ଗୋଟିଏ ପରିବାରର



ଭୁବନେଶ୍ୱର, ୦୫/୧୧ (ନି.ପ୍ର): ଅର୍ଣ୍ଣବ ପ୍ରଭାବରେ ଗଞ୍ଜାମ-କନ୍ଧମାଳ ସୀମାନ୍ତ ତଥା ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ୍ ବାଇବାଲି ପଞ୍ଚାୟତ ଗିଡ଼ିପାବାଲି ଗାଁରେ ହୋଇଥିବା ଭୟଙ୍କର ଭୂସ୍ଖଳନରେ ପଥର ଓ ମାଟି ତଳେ ଚାପି ହୋଇଥିବା ଲୋକଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରହିଥିବା ବେଳେ ଉଦ୍ଧାରକାରୀ ଦଳକୁ ଆଜି ମିଳିଛି ଆଉ ୫ ମୃତଦେହ। ସେମାନେ ସମସ୍ତେ ଗୋଟିଏ ପରିବାରର। ସେମାନଙ୍କ ମଧ୍ୟରେ ୩ ଜଣ ଛୁଆ ଅଛନ୍ତି। ସକାଳେ ୩ଟି ମୃତଦେହ ମିଳିଥିବା ବେଳେ ଅପରାହ୍ନରେ ଆଉ ୨ଟି ମୃତଦେହ ମିଳିଥିଲା। ସେମାନଙ୍କ ପରିବାର ଲୋକଙ୍କ ସହମତିରେ ସେହି ଭୂସ୍ଖଳନ ସ୍ଥାନରେ ଅନ୍ତିମ ସଂସ୍କାର କରାଯାଇଛି। ଯେଉଁ ମୃତକମାନଙ୍କ ମୃତଦେହ ଆଜି ଉଦ୍ଧାର କରାଯାଇଥିଲା, ସେମାନେ ହେଉଛନ୍ତି- ବିଜୟ ପ୍ରଧାନ, ତାଙ୍କ ପତ୍ନୀ ଭୂମିକା ପ୍ରଧାନ (୨୭), ପୁଅ ଅରୁଣ (୭) ପ୍ରଧାନ, ଦୁଇ ଝିଅ- ବିଜୟଲକ୍ଷ୍ମୀ (୬) ଓ ରାଜଲକ୍ଷ୍ମୀ (୧)। ପୂର୍ବରୁ ଗିଡ଼ିପାବାଲିରୁ ମାଟି ତଳୁ ୨ ଜଣଙ୍କ ମରଶରୀର ଉଦ୍ଧାର କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୭ ଜଣଙ୍କ ମରଶରୀର ଉଦ୍ଧାର ହୋଇଥିବାବେଳେ

◆◆ପୃଷ୍ଠା ୭

ଅଣ୍ଡା ଭାଙ୍ଗିଗଲା, ଅହଙ୍କାର ଗଲାନି



ନୂଆଦିଲ୍ଲୀ,୫/୧୧ : ୟୁଏସ୍ ମିଡଟର୍ମ ଇଲେକ୍ସନରେ ପରାଜିତ ହୋଇଛନ୍ତି ରିପବ୍ଲିକାନ୍ ପାର୍ଟି । ହାରିଛନ୍ତି ଡୋନାଲ୍ଡ ଟ୍ରମ୍ପ । କିନ୍ତୁ ସମସ୍ତଙ୍କୁ ନାକରେ କନ୍ଦାଇଥିବା ଟ୍ରମ୍ପ ହାରିବା ପରେ ମଧ୍ୟ ମୁହଁ ଫୁଟାଣି ଛାଡ଼ି ନାହାନ୍ତି । ନିଜ ପ୍ରତିକ୍ରିୟାରେ କ'ଣ କହିଛନ୍ତି ଟ୍ରମ୍ପ ଆସନ୍ତୁ ଦେଖିବା । ଆମେରିକାର ୟୁଏସ୍ ମିଡଟର୍ମ ଇଲେକ୍ସନରେ ବାଜି ମାରିନେଲେ ଡେମୋକ୍ରାଟିକ୍ ପାର୍ଟି। ୟୁଏସରେ ଭାରତୀୟ ବଂଶୋଦ୍ଭବଙ୍କ ଦବଦବା । ସେପଟେ ସମସ୍ତଙ୍କୁ ନାକରେ କନ୍ଦାଇଥିବା ଟ୍ରମ୍ପ ଦେଶବାସୀଙ୍କଠାରୁ ପରୋକ୍ଷରେ ନାତ ଖାଇଲେ । ହାରିଲା ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟି । କିନ୍ତୁ ହାରିବା ପୂର୍ବରୁ ଟ୍ରମ୍ପ୍ କରିଥିବା ଦାବି ଏବେ ଆମେରିକା ରାଜନୀତିରେ ବ୍ରେକିଂ ନ୍ୟୁଜ୍ ପାଲଟିଛି । ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ଦାବି କରି କହିଛନ୍ତି ଯେ ଯଦି ଏହି ନିର୍ବାଚନରେ ବାଲାଟ୍ ପେପରରେ ତାଙ୍କ ନାଁ ଥାଆନ୍ତା ତାହେଲେ ତାଙ୍କ ଦଳ ବହୁମତରେ ବିଜୟ ହାସଲ କରି ଇତିହାସ ରଚିଥା'ନ୍ତା। ଆମେରିକୀୟ କଂଗ୍ରେସର ଦୁଇଟି ମୁଖ୍ୟ ସଦନ ପ୍ରତିନିଧି ସଭା ଏବଂ ସିନେଟ୍ ଉପରେ ନିୟନ୍ତ୍ରଣ ବଜାୟ ରଖିବା ପାଇଁ ଏହି ନିର୍ବାଚନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ କିଛି ପ୍ରମୁଖ ସ୍ଥାନରେ ଡେମୋକ୍ରାଟ୍ସମାନଙ୍କ ଆଗୁଆ ରହିବା ଏବଂ ରିପବ୍ଲିକାନ୍ ପାର୍ଟିକୁ ଚାପର ସାମ୍ନା କରିବାକୁ ପଡ଼ିବା ପରେ ଟ୍ରମ୍ପ ନିଜର ସୋସିଆଲ୍ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ୍' ମାଧ୍ୟମରେ ଏହି ପ୍ରତିକ୍ରିୟା ଦେଇଥିଲେ । ଆମେରିକାର ଏହି ମିଡଟର୍ମ ନିର୍ବାଚନର ଫଳାଫଳ ଆମେରିକୀୟ ସଂସଦରେ କ୍ଷମତାର ସମୀକରଣକୁ ବଦଳାଇ ଦେଇପାରେ

◆◆ପୃଷ୍ଠା ୭

ଏବେ ନେତନ୍ୟାହୁଙ୍କୁ ଗାଦିକୁ ଫେରିବା ହୋଇଗଲା ମୁସ୍କିଲ: ସ୍ୱର ବଦଳାଇଦେଲେ ନିଜ ସହଯୋଗୀ

ନୂଆଦିଲ୍ଲୀ,୫/୧୧ : ଇସ୍ରାଏଲରେ ନୂଆ ସରକାର ଗଠନକୁ ନେଇ ଚାଲିଥିବା ରାଜନୈତିକ ଟାଣାଟାଣି ମଧ୍ୟରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ପାଇଁ ଅଡୁଆ ବଢ଼ାଇଛି ତାଙ୍କ ନିଜ ମେଣ୍ଟ। ଆବଶ୍ୟକ ବହୁମତ ଠାରୁ ଆଠଟି ଆସନ ପଛରେ ଥିବା ନେତାନ୍ୟାହୁ ଶିବିରରେ ସେତେବେଳେ ଫାଟ ଦେଖାଦେଲା, ଯେତେବେଳେ 'ୟୁନାଇଟେଡ୍ ତୋରାହ ଜୁଡାଇଜ୍ମ' ବା ଗୁରୁତ୍ୱପୂର୍ଣ୍ଣ ଘଟକ 'ଡେଗେଲ୍ ହାତୋରା' ପ୍ରଧାନମନ୍ତ୍ରୀ ପଦ ପାଇଁ କୌଣସି ନାମ ସୁପାରିସ୍ ନ କରିବାକୁ ଘୋଷଣା କଲା। ଚାରି ଜଣ ସାଂସଦ ଥିବା ଏହି ଗୋଷ୍ଠୀର ମତ ନେତାନ୍ୟାହୁଙ୍କ ପାଇଁ ବଡ଼ ଝଟକା। ଅନ୍ୟପଟେ ବିରୋଧୀ ଶିବିରର ନେତା ଗାଦି ଆଇଜେନକୋଟ୍ ?ଙ୍କୁ ଆରବ ଦଳ 'ରାଆମ୍'ର ସମର୍ଥନ ମିଳିବାରୁ ତାଙ୍କ ସ୍ଥିତି ଶକ୍ତିଶାଳୀ ହୋଇଛି । ଏହି ଭଙ୍ଗା-ଗଢ଼ା ରାଜନୈତିକ ସମୀକରଣ ମଧ୍ୟରେ

◆◆ପୃଷ୍ଠା ୭

ସୁବର୍ଣ୍ଣରେଖା ବନ୍ଦର ପୋସ୍କୋ ଭଳି ହେବନି ତ ?

■ବାଲିଆପାଳଠାରେ ସୁବର୍ଣ୍ଣରେଖା ବନ୍ଦର ବାସ୍ତବ ରୂପ କେବେ ନେବ ?
■ବାଲିଆପାଳ ବାସୀଙ୍କ ପାଇଁ ବନ୍ଦର ସ୍ୱପ୍ନ ହୋଇ ରହିଯିବ କି ?
■୧୮ ବର୍ଷ ପରେ ମଧ୍ୟ ବନ୍ଦରର ସ୍ଥିତି ଶୂନ୍ୟ



ବାଲିଆପାଳ ,୪/୧୧ (ନି.ପ୍ର): ଅତୀତରେ ବହୁ କମ୍ପାନୀ ଓଡ଼ିଶାରେ । ବିଭିନ୍ନ ସ୍ଥାନରେ ଅନୁଷ୍ଠାନ ନିର୍ମାଣ ପାଇଁ ଯୋଜନା କରି ଜମି ଅଧିଗ୍ରହଣ କରି ଶେଷରେ ଲୋକଙ୍କୁ ଭୁଆଁ ବୁଲାଇ ଚାଲିଯାଇଥିବା ନଜୀର ରହିଛି । ସେ ଭିତରୁ ଜଗତସିଂହପୁର ଜିଲ୍ଲାର ପ୍ରସ୍ତାବିତ ପୋସ୍କୋ ଅନ୍ୟତମ । ଦୀର୍ଘଦିନ ଧରି ଜମି ଅଧିଗ୍ରହଣ କରି ହଜାର ହଜାର ଗଛ କାଟି ଚାଷ କ୍ଷେତ୍ରକୁ ନଷ୍ଟ କରି ଶେଷରେ ନିଜର କମ୍ପାନୀକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଭଳି ବାଲିଆପାଳରେ ଟାଟା କମ୍ପାନୀ ଦ୍ୱାରା ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ଧୂଆଁ ବାଣ ପାଲଟିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ରାଜନୈତିକ ରୁଟିସେକା ଉଭୟ ସରକାର ଓ ବିରୋଧୀ ଓ ସ୍ଥାନୀୟ ଅଂଚଳର କିଛି ନେତାଙ୍କ ସ୍ୱାର୍ଥ ଆଗରେ ଅଂଚଳବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିଜର ପତିଆରା ବଢ଼ାଇବା ଲକ୍ଷ୍ୟ ଆଳି ବନ୍ଦରକୁ ଅନ୍ଧାର ଭିତରକୁ ଠେଲିଦେଇଛି । ପ୍ରକାଶଯେ, ବାଲିଆପାଳରେ ରାଜ୍ୟ ସରକାରଙ୍କ ବହୁ ଆକାଂକ୍ଷିତ ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ ନେଇ କାହିଁକି କେଜାଣି ଜନସାଧାରଣଙ୍କ ମନରେ ସନ୍ଦେହ ସୃଷ୍ଟି ହେଲାଣି। ଗୋଟିଏ ପଟେ ବନ୍ଦର କର୍ତ୍ତୃପକ୍ଷଙ୍କ ଟାଲମଟୁଳ ନୀତି ଓ ଅନ୍ୟ ପଟେ ଧାନ, ପାନ ମୀନ ରେ ଭରପୁର ସବୁଜ ଶ୍ୟାମଳ ଅଂଚଳରେ ଭିଟାମାଟି ସୁରକ୍ଷା କମିଟିର ବନ୍ଦର ବିରୋଧୀ ରଣପାରୁନାହାନ୍ତି । ବନ୍ଦର କର୍ତ୍ତୃପକ୍ଷ ବଇ ଦ୍ୱନ୍ଦ ଭିତରେ ରଖୁଛି। ନାଶର ଧାରା ପ୍ରବାହିତ ବନ୍ଦରର ହୁଙ୍କାର ଅଂଚଳବାସୀଙ୍କୁ ବନ୍ଦର ପ୍ରତିଷ୍ଠା ନେଇ ବନ୍ଦର ଦ୍ୱାରା ବାଲିଆପାଳ ଅଂଚଳରେ ବିକାଶ ବୋଲି ସପକ୍ଷବାଦୀ ପକ୍ଷବାଦୀ ମନରେ ଆଶା ରଖି ରଖି ସ୍ୱପ୍ନର ସୁବର୍ଣ୍ଣରେଖା ପରିକଳ୍ପନା କରି ଚାଲିଥିବା ବେଳେ ବନ୍ଦର । ବିରୋଧ ଙ୍କ ତୀବ୍ର ପ୍ରତିବାଦରେ ବନ୍ଦର ନିର୍ମାଣକାରି ଠିକା ସଂସ୍ଥାର କର୍ମଚାରୀ ରୀ ବନ୍ଦର ସ୍ଥାନକୁ ପଶି ଟାଟା କମ୍ପାନୀ କେବଳ ବାଲିଆପାଳରେ ସଂସହାୟକ ଗୋଷ୍ଠୀ ଦ୍ୱାରା ସ୍ଥାନୀୟର ସ୍ୱାସ୍ଥ୍ୟ ଶିବିର ଆୟୋଜନ ଓ ମହିଳ ନ ଓ ମହିଳା ସ୍ୱୟଂସ ଅଂଚଳର ବହୁବିଧ ବିକାଶ ବିକାଶ ସୃଷ୍ଟି କରିବା କରିବା ନାମରେ ସ୍ଥାନୀୟ ଦଲାଲମାନଙ୍କ ଦ୍ୱାରା ଲକ୍ଷ ଲକ୍ଷ । ଟଙ୍କାର ଜୀର ତୁଷାରପା ପାତ ହେବାର ମାଧ୍ୟମ ସାଜୁଛି । ରେଳ ରାସ୍ତା ପଇଁ ଜମି ହରାଇଥିବା ପରିବାରକୁ ଚାକିରୀ ଓ ଦେବାପାଇଁ ଭୋକେଶନାଳ ଭୋ ଶନାଲ ଟେନିଂର ବ୍ୟବସ୍ଥା କରି ସ୍ଥାନୀୟ ଅଂଚଳର ବିକା ବିକାଶକୁ କମ୍ପାନୀ ନିଜ ହାତକୁ ନେଇ କେବଳ ଶସ୍ତା ପ୍ରଚାର କରିଚାଲିଛି । ୨୦୦୮ ମସିହାରୁ ୨୦ ମସିହା ମଧ୍ୟରେ ଖଣ୍ଡିଏ ଇଟାକି ପଥର ପ୍ରସ୍ତାବିତ ବନ୍ଦର ଅଂଚଳରେ ପଡି ପାରିନାହିଁ । ବନ୍ଦର କର୍ତ୍ତୃପକ୍ଷ ଅନନ୍ୟ ଉପାୟ ନପାଇ ବର୍ଷ ବର୍ଷ ଧରି ଧରି ଭୋଗରାଇ ଅଂଚଳଦେଇ ସମୁଦ୍ର ଭିତକୁ ଯାଇ ବନ୍ଦରର ସର୍ଭେ କାର୍ଯ୍ୟ ଚଳାଇଥିବା ବେଳେ ସ୍ଥଳ ଭାଗରେ ରେଳ ରାସ୍ତା ରାସ୍ତା ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲୁ ଥିବାରୁ ସୁବର୍ଣ୍ଣରେଖା ବନ୍ଦର ଦର ହେବା ନେଇ ସନ୍ଦେହ ସୃଷ୍ଟି କରୁଛି । ଗତ କିଛି ଦିନ ତଳେ ଜଳେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ବନ୍ଦର ନିର୍ମାଣର ଅଗ୍ରଗତି ସମ୍ପର୍କ ରେ ବିଧାନସଭା ରେ ପ୍ରଶ୍ନ ଉଠାଇ ଥିଲେ କି ବର୍ତ୍ତମାନ ବନ୍ଦର ନିର୍ମାଣ କାର୍ଯ୍ୟ ଓ ବସ୍ତା ବିଧାୟିକା ସୁବାସନୀ ଜେନାକେଉଁ ସ୍ତରରେ ରହିଛି, କେଉଁ ପ୍ରକାରର କାର୍ଯ୍ୟ ଚାଲୁ ରହିଛି ଏବଂ କେଉଁ ତହସିଲର କେଉଁ ମୌଳାରେ କେତେ ଜମି ଅଧିଗ୍ରହଣ ହୋଇ ସାରିଛି, ନିର୍ମାଣକାରୀ ସଂସ୍ଥା କେଉଁ କାର୍ଯ୍ୟକୁ ଅଗ୍ରାଧିକାର ଦେଉଛନ୍ତି, ସେ ସମ୍ପର୍କରେ ପଚାରିଥିଲେ । ଏହାର ଉତରରେ ବିଭାଗୀୟ ମନ୍ତ୍ରୀ ୨୦୦୮ ମସିହା ଜାନୁଆରି ୧୧ ତାରିଖରେ ବାଲେଶ୍ୱର ଜିଲ୍ଲାରବାଲିଆପାଳ ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀ ମୁହାଣ ଚୌମୁଖଠାରେ ବନ୍ଦରପ୍ରତିଷ୍ଠା ନିମନ୍ତେ ଚେନ୍ନାଇ କ୍ରିଏଟିଭ୍ ପୋର୍ଟ ଏବଂ ୨୦୧୯ ରେ ଟାଟା କମ୍ପାନୀ ସହିତ ରାଜ୍ୟ ସରକା ଚୁକ୍ତିନାମା । ଆବଶ୍ୟକ ୧୮୪୯.୫୭ ସ୍ୱାକ୍ଷରିତ ହୋଇଥିଲା । ଏଯାଏଁ ସରିନି ଜମି ଅଧୋଗ୍ରହଣ ଏକର ଜମି ୧୪୨୫.୬ ଏକରଜମି ଅଧିଗ୍ରହଣ ହୋଇଛି ସଡ଼କପଥ ଓ ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଚାଲିଛି । ନିର୍ମାଣକାରୀ ଟାଟା କମ୍ପାନି ବନ୍ଦରର ପ୍ରାରମ୍ଭିକ ନିର୍ମାଣ କାର୍ଯ୍ୟ ସହ ଜମି ଅଧିଗ୍ରହଣ କାରର୍ଯ୍ୟକୁ ପ୍ରାଥମିକତା ଦେଉଛନ୍ତି । ବନ୍ଦର ପାଇଁ ଚୌମୁଖ ମୌଳାରେ ୧୩୭୪.୧୭ ଏକର ଜମିର ଆବଶ୍ୟକତା ଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୧୦୫.୬୭ ଏକର ଜମି ଅଧିଗ୍ରହଣ ସରିଛି। ବାକି ୨୬୮.୫୦ ଏକର ଜମି ଅଧିଗ୍ରହଣ ଖୁବ୍ ଶୀଘ୍ର କରାଯିବ ବୋଲି ସେ କହିଥିଲେ । ତେବେ ପ୍ରଶ୍ନ ଉଠୁଛି, ୧୮ବର୍ଷ ମଧ୍ୟରେ ଯଦି ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇନି । ତା'ହେଲେ ପ୍ରସ୍ତାବିତ ବନ୍ଦର ପ୍ରତିଷ୍ଠା ବାସ୍ତବ ରୂପ କେବେ ନେବ । ନାଁ ଏହା ସ୍ୱପ୍ନ ରେ ରହି ଯିବ ? ଯଦି ବାସ୍ତବ ରୂପ ନେବ, ଆଗାମୀ କେତେବର୍ଷ ମଧ୍ୟରେ ଜମି ଅଧିଗ୍ରହଣ ଓ ନିର୍ମାଣ କାର୍ଯ୍ୟ ଶେଷ ହେବ ? ଏ ନେଇ ଏକ ସ୍ପଷ୍ଟ ଚିତ୍ର ମିଳିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

ରାଜନୀତିର ପଶାପାଲିରେ ବନ୍ଧା ପଡିଛି ବଲାଙ୍ଗୀରର ସ୍ୱାଭିମାନ ଲକ୍ଷ୍ମୀଜୋର୍ ପ୍ରକଳ୍ପ

ବଲାଙ୍ଗିର,୪/୧୧ (ନି.ପ୍ର): ବହୁବିଧ ଉଦ୍ଦେଶ୍ୟ ପୂର୍ତ୍ତୀ ଲକ୍ଷ୍ୟ ନେଇ ଲକ୍ଷ୍ମୀଜୋର ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା ୨୦୧୪ ମସିହାରେ । ଏହାର ଗୋଟିଏ ଦିନ ପରେ କ୍ଷୁଦ୍ର ଜଳ ସେଚନ ବିଭାଗର ସମସ୍ତ କର୍ମଚାରୀଙ୍କୁ ବଦଳି କରି ଦିଆଗଲା । ୨୦୧୬ ମସିହାର ଅନ୍ତିମ ଭାଗରେ ଏହାର କାର୍ଯ୍ୟ ଆରମ୍ଭ ହେଲା । କିନ୍ତୁ ଆରମ୍ଭରୁ ରାଜନୀତିର ପଶାପାଲିରେ କିପରି ଏହା ପଥଭ୍ରଷ୍ଟ ହେଲା ତାର ପୁଙ୍ଖାନୁପୁଙ୍ଖ ବିବରଣୀ ଜାଣିବାକୁ ବଲାଙ୍ଗୀର ସ୍ୱାଭିମାନ ମଂଚ ଡକ୍ଟର ପ୍ରେମଚାନ୍ଦ ମହାନ୍ତି ଏବଂ ଶ୍ରୀ ବାମଦେବ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପର ଏସଡିଓ ଇଂ ମାନଭଞ୍ଜନ ଶତପଥିଙ୍କୁ ସାକ୍ଷାତ କରି ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଖରସେଲ୍ ଡଙ୍ଗରରୁ ଆରମ୍ଭ କରି ବେହେରାପାଲି ଗାଁ ପର୍ଯ୍ୟନ୍ତ ୮.୨ କିମି ପ୍ରକଳ୍ପ ପାଇଁ ୨୦ କୋଟି ୧୩ ଲକ୍ଷ ୭୨ ହଜାର ଟଙ୍କା ଅନୁଦାନରେ ଏହାର କାର୍ଯ୍ୟ ଆରମ୍ଭ ହୋଇଥିଲା । ୫୦ ମିଟର ଓସାରର ଏହି ନାଳ ପାଇଁ ୯ ଟି ଚେକ୍ଡମ୍ ର ବ୍ୟବସ୍ଥା ହୋଇଥିଲା । ସେଗୁଡିକ ଯଥାକ୍ରମେ ଗନ୍ଧରେଲ ଡେମ୍ ,ଡେମପଡା ,ପବ୍ଲିକ ସ୍କୁଲ ,ଚମାର୍ ପଡା , ଠିକାଦାର୍ ପଡା ,ଚିମନି ଭାଟି ପଡା ,ସତ୍ୟନାରାୟଣ ପଡା , ଅନ୍ୟ ଏକ ବ୍ରିଜ କମ୍ ବ୍ୟାରେଜ ଓ ଶେଷରେ ବେହେରାପାଲି ଡେମ ଠାରେ ଏହା ନିର୍ମିତ ହୋଇଥିଲା । ଚେକଡେମ୍ ନିର୍ମାଣର ମୂଖ୍ୟ ଉଦ୍ଦେଶ୍ୟ ବନ୍ୟାଜଳ ନିୟନ୍ତ୍ରଣ ,ବଳକା ଜଳକୁ ବାନ୍ଧି ରଖି ଏହାକୁ ଜଳ ସଂକଟ ସମୟରେ ଜନ ସାଧାରଣଙ୍କୁ ସହାୟତା କରିବା ,ଜଳ ସେଚନ ପାଇଁ ଚାଷ ଜମିକୁ ଜଳ ଯୋଗାଇବା ତଥା ଭୂଗର୍ଭସ୍ଥ ଜଳ ସ୍ତରକୁ ବୃଦ୍ଧି କରିବା । ଏହାର ସୁଫଳ ବହୁ ଲୋକ ପାଇ ଥିବାର ପ୍ରମାଣ ମଂଚ ପାଇଥିଲା ଯେପରିକି ଠିକାଦାରପଡା ଓ ଚିମନିଭାଟି ପଡାରେ ଏହି ଜୋର୍ ନିର୍ମାଣ ଆଗରୁ କୁଅମାନେ ଶୁଖି ଯାଉଥିଲା ତେଣୁ ଖରା ଦିନରେ ଏଠିକାର ବାସିନ୍ଦା ଜଳ କଷ୍ଟ ଭୋଗୁଥିଲେ କିନ୍ତୁ ଏବେ ଆଉ ସେ ସମସ୍ୟା ନାହିଁ । ପୁନଶ୍ଚ ଏହି ଜୋରର ଗଚ୍ଛିତ ଜଳ ଦ୍ୱାରା ବେହେରାପାଲି ଗ୍ରାମର ପ୍ରାୟ ୪୨୦ ଏକର୍ ଜମିକୁ ଜଳ ସେଚନର ସୁବିଧା ଯୋଇ ଦିଆ ଯାଉଛି । ୨୦୧୯ ମସିହାରେ ଆସିଥିବା ଭୀଷଣ ବନ୍ୟା ବିପର୍ଯ୍ୟ ଲକ୍ଷ୍ମୀଜୋରକୁ ବୃଥାରେ ବିତର୍କର ବଳୟ ଭିତରକୁ ଟାଣି ଆଣିଲା । ବିଭନ୍ନ ରାଜନୈତିକ ଦଳ ଏହାକୁ ନେଇ ରୁଟି ସେକିବା ଆରମ୍ଭ କରିଦେଲେ । ତାହାର ସୁଯୋଗ ନେଇ କେତେକ ଅସାମାଜିକ ବ୍ୟକ୍ତି ଗାର୍ଡୱାଲ୍ ଗୁଡିକୁ ଭାଙ୍ଗିଦେଲେ । ସେହି ଅଂଚଳ ଗୁଡିକ ଧୀରେ ଧୀରେ ଜବରଦଖଲ ହୋଇଗଲା । ଫଳତଃ ଯେତିକି ଅନୁଦାନ ଏହାର ତିଆରି ପାଇଁ ଆସିଥିଲା ସେଥିରୁ ପ୍ରାୟ ୨ କୋଟିରୁ ଉର୍ଦ୍ଧ୍ୱ ପରିମାଣ ସରକାରଙ୍କ ତହବିଲକୁ ଫେରିଗଲା । ଆଜିବି ଗନ୍ଧରେଲ ଓ ବେହେରାପାଲିର ଚେକଡେମରେ ସ୍ୱଚ୍ଛ ଜଳ ମିଳୁଥିବା ବେଳେ ଅନ୍ୟ ସ୍ଥାନମାଙ୍କରେ ଏପରି ଅସନା ପାଣି ମିଳୁଛି ଯାହା ପାଖ ଦେଇ ଲୋକେ ଗନ୍ଧରେ ଯାଇବି ପାରୁ ନାହାନ୍ତି । ପାର୍ଶ୍ୱବର୍ତ୍ତୀ ଅଂଚଳର ପ୍ରାୟତଃ ସବୁ ଅଧିବାସୀଙ୍କର ପାଇଖାନା ଓ ଶୌଚାଳୟର ବର୍ଜ୍ୟ ଜଳକୁ ବଡ ବଡ ପାଇପ ସାହାଯ୍ୟରେ ନାଳ ମଧ୍ୟକୁ ଛାଡି ଦିଆ ଯାଉଛି । କୁଢକୁଢ ନଡିଆ ଚୋପା ,ପଇଡ ଖୋଳପା ,ପଚାସଢା ପନିପରିବା ଓ ଫଳମୂଳକୁ ଏଠାରେ ଫୋପାଡି ଦିଆ ଯାଉଛି । ଠାଏଠାଏ ମଲା କୁକୁର ,ଘୁଷୁରୀ ତଥା ମଲା ମଣିଷର ଖପୁରୀ ହାତ ,ଗୋଡ ଏଠାରେ ଇତସ୍ତତ ହୋଇ ପଡିଥିବା ଦେଖା ଯାଉଛି । ବସ୍ତା ବସ୍ତା ପଲିଥିନକୁ ଏଠି ଡମ୍ପିଙ୍ଗ ୟାର୍ଡ ଭଳି ଫୋପାଡି ଦିଆ ଯାଉଛି । ବର୍ଷା ସମୟରେ ବିନା ବୁଝିଶୁଝି ଅସାମାଜିକ ବ୍ୟକ୍ତିମାନେ ଗାର୍ଡୱାଲ ଗୁଡିକୁ ଭାଙ୍ଗି ଦେଉଛନ୍ତି ଏବଂ ଚେକଡେମ୍ ର ଦ୍ୱାର ଖୋଲି ଦେଇ କୃତ୍ରିମ ବନ୍ୟାର ଧାରଣା ସୃଷ୍ଟି କରୁଛନ୍ତି । ନାଳର ଓସାର ଯଦିଓ ସବୁ ସ୍ଥାନରେ ୫୦ ଫୁଟ ରହିବା କଥା ତଥାପି ଜବରଦଖଲ ପାଇଁ କେଉଁ ସ୍ଥାନରେ ୭୦ ଫୁଟ ତ ଆଉ କେଉଁ ସ୍ଥାନରେ ୧୮ ଫୁଟ ଓସାର କରି କେନାଲଟିକୁ ସର୍ପିଳ ଗତିରେ ଯିବାକୁ ଦିଆ ଯାଉଛି ।

ଲଗାଣ ବର୍ଷାରେ ପୁରିଗୁଡା ଗ୍ରାମରେ ଭୂସ୍ଖଳନ

ମାଲକାନଗିରି ,୪/୧୧ (ନି.ପ୍ର): ଲଗାଣ ବର୍ଷାର ପ୍ରଭାବରେ ମାଲକାନଗିରି ଜିଲାର ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଭଳି ପ୍ରାକୃତିକ ବିପତ୍ତିର ଆଶଙ୍କା ସୃଷ୍ଟି ହୋଇଛି। ଜିଲାର ମାଥିଲି ବ୍ଲକ ଅନ୍ତର୍ଗତ ନାୟକଗୁଡ଼ା ଗ୍ରାମପଞ୍ଚାୟତ ନିକଟସ୍ଥ ପୁରୀଗୁଡ଼ା ଗ୍ରାମ ସଂଲଗ୍ନ ପାହାଡ଼ରୁ ବଡ଼ ବଡ଼ ପଥର ଖଣ୍ଡ ଓ ମାଟି ଅତଡ଼ା ଖସିପଡ଼ିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଖବରରୁ ପ୍ରକାଶ ଯେ, ଗତ ୩ ରୁ ୪ ଦିନ ହେବ ମାଲକାନଗିରି ଜିଲାରେ ଅବିରତ ବର୍ଷା ଜାରି ରହିଥିବାରୁ ପାହାଡ଼ର ମାଟି ଓ ପଥର ଦୁର୍ବଳ ହୋଇ ଏହି ଭୂସ୍ଖଳନ ଘଟିଛି। ପାହାଡ଼ର ଉପରିଭାଗରୁ ବିଶାଳ ପଥର ଖଣ୍ଡସବୁ ମାଟି ସହ ତଳକୁ ଖସିଆସିଛି। ପୁରୀଗୁଡ଼ା ଗ୍ରାମଟି ପାହାଡ଼ ପାଦଦେଶରେ ଅବସ୍ଥିତ ହୋଇଥିବାରୁ ଏହି ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଆତଙ୍କ ପ୍ରକାଶ ପାଇଛି। ସୌଭାଗ୍ୟବଶତଃ, ଏହି ଭୂସ୍ଖଳନରେ କୌଣସି ଜୀବନହାନି କିମ୍ବା ଧନସମ୍ପତ୍ତିର କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି। ତେବେ ବର୍ଷା ଆଗକୁ ଜାରି ରହିଲେ ପୁନର୍ବାର ବଡ଼ଧରଣର ଧସିବା ଆଶଙ୍କା ରହିଥିବାରୁ ଏହା ଆଗାମୀ ଦିନ ପାଇଁ ଏକ ବଡ଼ ବିପଦର ସଙ୍କେତ ଦେଉଛି। ଲୋକଙ୍କ ନିରାପତ୍ତା ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ତୁରନ୍ତ ଘଟଣାସ୍ଥଳର ସ୍ଥିତି ଅନୁଧ୍ୟାନ କରିବା ସହ ଜରୁରୀ ପ୍ରତିଷେଧମୂଳକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ନ୍ୱରନ୍ପୁର ଗ୍ରାମରେ ଶୁଖିଲା ଖାଦ୍ୟ ବଣ୍ଟନ

ଗଞ୍ଜାମ,୪/୧୧ (ନି.ପ୍ର): ଅର୍ଣ୍ଣ ବାତ୍ୟା ଓ ବନ୍ୟାରେ ମଙ୍ଗଳ ପୁର ପଞ୍ଚାୟତର ନବରନ୍ ପୁର ଗ୍ରାମର ଭୌଗୋଳିକ ସ୍ଥିତି ବଦଳି ଯାଇଛି। ବହୁ ଘରଦ୍ୱାର ବନ୍ୟା ପାଣିରେ ଭାସିଯାଇଛି। ଲୋକେ ମୁକ୍ତାକାଶ ତଳେ କିମ୍ବା ଆଶ୍ରୟ ସ୍ଥଳୀରେ ରହିଛନ୍ତି ଭୋକ ଉପାସରେ। ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଗାଁର ବିପନ୍ନ ଲୋକମାନଙ୍କୁ ସୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି।

ସେଲ୍ ଟେବୁଲ୍ ଟେନିସ୍ ଚାମ୍ପିୟନସିପ୍ ୨୦୨୬ରେ, ଆର.ଏସ.ପିର ଉତ୍କୃଷ୍ଟ ପ୍ରଦର୍ଶନ



ରାଉରକେଲା,୪/୧୧ (ନି.ପ୍ର): ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସେଲ୍ ଟେବୁଲ୍ ଟେନିସ୍ ଚାମ୍ପିୟନସିପ୍ ୨୦୨୬ରେ ଏକ ଚମତ୍କାର ପ୍ରଦର୍ଶନ କରିଛି, ମହିଳା ବର୍ଗରେ ଚାମ୍ପିୟନସିପ୍ ଶୀର୍ଷକ ହାସଲ କରିବା ସହିତ ପୁରୁଷ ବର୍ଗରେ ଦ୍ୱିତୀୟ ରନର୍ସ-ଅପ୍ ସ୍ଥାନ ଅଧିକାର କରିଛି । ବର୍ଣ୍ଣପୁରସ୍ଥିତ ଆଇ.ଆଇ.ଏସ.ସି.ଓ (ଇଶକୋ) ଷ୍ଟିଲ ପ୍ଲାଣ୍ଟ ଦ୍ୱାରା ଆୟୋଜିତ ଏହି ଜାତୀୟ ସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ) ଅଧୀନସ୍ଥ ବିଭିନ୍ନ ଷ୍ଟିଲ ପ୍ଲାଣ୍ଟକୁ ପ୍ରତିନିଧିତ୍ୱ କରୁଥିବା ଆଠଟି ଦଳ ଅଂଶଗ୍ରହଣ କରିଥିଲେ। ଆର.ଏସ.ପି ମହିଳା ଦଳ ଟୁର୍ଣ୍ଣାମେଣ୍ଟରେ ପ୍ରାଧାନ୍ୟ ବିସ୍ତାର କରି ସାମଗ୍ରିକ ଚାମ୍ପିୟନ ହୋଇଥିଲା। ଦୁର୍ଗାପୁର ଷ୍ଟିଲ ପ୍ଲାଣ୍ଟ ରନର୍ସ-ଅପ୍ ସ୍ଥାନ ହାସଲ କରିଥିବାବେଳେ ଆୟୋଜକ ଆଇ.ଆଇ.ଏସ.ସି.ଓ ଷ୍ଟିଲ ପ୍ଲାଣ୍ଟ ଦ୍ୱିତୀୟ ରନର୍ସ-ଅପ୍ ଭାବରେ ପରିସମାପ୍ତି କରିଥିଲା। ଆରଏସପି ଦଳର ନେତୃତ୍ୱ ସିଲିକନ୍ ଷ୍ଟିଲ ମିଲ୍ ର ଶ୍ରୀମତୀ ଡି. ଶକୁନ୍ତଳା ରେଡ୍ଡୀ ନେଇଥିବାବେଳେ ଅନ୍ୟ ସଦସ୍ୟମାନେ ଥିଲେ କମ୍ୟୁନିକେସନ୍ ଇଞ୍ଜିନିୟରିଂ ବିଭାଗର ଶ୍ରୀମତୀ ସୁନୈନା ନନ୍ଦା, ପାୱାର ଡିଷ୍ଟ୍ରିବ୍ୟୁସନର ଶ୍ରୀମତୀ ଶାନ୍ତି କୁମାରୀ ଏବଂ ଡିଜିଟାଲାଇଜେସନର ଶ୍ରୀମତୀ ପାୟଲ ସରକାର ।

ଆର.ଏସ.ପି ର ପୁରୁଷ ଦଳ ଦ୍ୱିତୀୟ ରନର୍ସ-ଅପ୍ ଟ୍ରଫି ହାସଲ କରିଛି। ଦୁର୍ଗାପୁର ଷ୍ଟିଲ ପ୍ଲାଣ୍ଟ ପୁରୁଷ ଚାମ୍ପିୟନ ଭାବରେ ଜୟଲାଭ କରିଥିଲା। ଆର.ଏସ.ପି ପୁରୁଷ ଦଳର କ୍ୟାପଟେନ୍ ଡାକ୍ତର ଏସ୍. କେ. ତିୱାରୀ ଥିବାବେଳେ ଅନ୍ୟ ସଦସ୍ୟମାନେ ଥିଲେ ଫାଇନାନ୍ସ ବିଭାଗର ଶ୍ରୀ ରାଜେଶ ଚୌରାସିଆ, ଏମ୍.ଏମ୍. (ଷ୍ଟୋର୍ସ) ର ଶ୍ରୀ ଆଲବର୍ଟ ଚାର୍ଲ୍ସ କିଣ୍ଡୋ ଏବଂ ପାଇପ୍ ପ୍ଲାଣ୍ଟର ଶ୍ରୀ ଗଣେଶ ରାଓ ରେଡ୍ଡୀ। ସି.ଏମ୍.ଏମ୍. (କ୍ରେନ୍ସ) ର ଶ୍ରୀ ଶ୍ୟାମ ବାହାଦୁର ଥାପ୍ପା ଏହି ଦଳର କୋଚ୍ ଏବଂ ମ୍ୟାନେଜର ଥିଲେ।

ସେଲ୍ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଦ୍ୱାରା ଏପ୍ରିଲ-ଅକ୍ଟୋବର ଅବଧିରେ ସର୍ବାଧିକ ବିକ୍ରୟଯୋଗ୍ୟ ଇସ୍ପାତ ଉତ୍ପାଦନ



ରାଉରକେଲା,୪/୧୧ (ନି.ପ୍ର): ସେଲ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଚାଲୁ ଆର୍ଥିକ ବର୍ଷ ୨୦୨୬-୨୭ ର ଏପ୍ରିଲରୁ ଅକ୍ଟୋବର ଅବଧି ମଧ୍ୟରେ ପ୍ରତିଷ୍ଠା ପରଠାରୁ ତାହାର ସର୍ବାଧିକ ସଞ୍ଚୟୀ ବିକ୍ରୟଯୋଗ୍ୟ ଇସ୍ପାତ ଉତ୍ପାଦନ ରେକର୍ଡ କରିଛି। ନିରନ୍ତର ଅଭିବୃଦ୍ଧି, କାର୍ଯ୍ୟକ୍ଷମତା ଏବଂ ଉନ୍ନତ ବଜାର ପରିଚାଳନାର ପ୍ରଦର୍ଶନ କରି, ପ୍ଲାଣ୍ଟ ଏହି ସାତ ମାସର ଅବଧି ମଧ୍ୟରେ ୨,୪୪୦,୯୯୫ ଟନ୍ ର ସର୍ବୋଚ୍ଚ ମୋଟ ବିକ୍ରୟଯୋଗ୍ୟ ଇସ୍ପାତ ଉତ୍ପାଦନ ହାସଲ କରିଛି, ଯାହା ୨୦୨୩ ରେ ସ୍ଥାପିତ ୨,୪୨୯,୮୩୩ ଟନ୍ ର ପୂର୍ବ ବେଞ୍ଚମାର୍କକୁ ଅତିକ୍ରମ କରିଛି।

ଏହି ମାଇଲଖୁଣ୍ଟ ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ରେକର୍ଡ କରାଯାଇଥିବା ୨,୪୧୪,୭୮୫ ଟନ୍ ତୁଳନାରେ ଏକ ଉଲ୍ଲେଖନୀୟ ବାର୍ଷିକ ଅଭିବୃଦ୍ଧିକୁ ଦର୍ଶାଉଛି। ପ୍ରତିଷ୍ଠା ପରଠାରୁ ପ୍ରମୁଖ ଉତ୍ପାଦନ ୟୁନିଟଗୁଡ଼ିକରେ ରେକର୍ଡ ଭଙ୍ଗକାରୀ ସଞ୍ଚୟୀ ଅବଦାନ ଦ୍ୱାରା ଏହି ଐତିହାସିକ ପ୍ରଦର୍ଶନ ଆହୁରି ମଜବୁତ ହୋଇଛି। ଷ୍ଟିଲ ମେଲ୍ଟିଂ ସପ୍-ଓଓ ରେ ୨,୧୨୯,୮୧୨ ଟନ୍ ର ସର୍ବାଧିକ ଏପ୍ରିଲ-ଅକ୍ଟୋବର ଅପରିଷ୍କୃତ ଇସ୍ପାତ (କ୍ରୁଡ୍ ଷ୍ଟିଲ୍) ଉତ୍ପାଦନ ରେକର୍ଡ କରିଥିବାବେଳେ, ନ୍ୟୁ ପ୍ଲେଟ୍ ମିଲ୍ ୫୯୮,୭୫୮ ଟନ୍ ପ୍ଲେଟ୍ ର ସର୍ବୋଚ୍ଚ ଉତ୍ପାଦନ ହାସଲ କରିଛି। ପ୍ଲେଟ୍ ମିଲ୍ ୩୦୯,୬୪୫ ଟନ୍ ପ୍ଲେଟ୍ ର ଅବଦାନ ଦେଇଛି, ଯାହା ତାହାର ପୂର୍ବର ଶ୍ରେଷ୍ଠ ଐତିହାସିକ ପ୍ରଦର୍ଶନ ଏବଂ ତାହାର ବାର୍ଷିକ ବ୍ୟବସାୟ ଯୋଜନା (ଆନୁଆଲ୍ ବିଜନେସ୍ ପ୍ଲାନ୍) ଲକ୍ଷ୍ୟ ଉଭୟକୁ ଅତିକ୍ରମ କରିଛି। ଏହା ବ୍ୟତୀତ, ସିଲିକନ୍ ଷ୍ଟିଲ୍ ମିଲ୍ ୪୮,୧୭୫ ଟନ୍ ରେ ତାହାର ସର୍ବାଧିକ ଏପ୍ରିଲ-ଅକ୍ଟୋବର କୋଲ୍ଡ ରୋଲଡ୍ ନନ୍-ଓରିଏଣ୍ଟେଡ୍ ଇସ୍ପାତ ଉତ୍ପାଦନ ରେକର୍ଡ କରିଛି, ଯାହା ଗତ ବର୍ଷର ସମାନ ଅବଧି ତୁଳନାରେ ୨୩ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ପ୍ରଦର୍ଶନ କରୁଛି। ସିଣ୍ଟର ପ୍ଲାଣ୍ଟ-ଓ ମଧ୍ୟ ୮୮୧,୮୮୯ ଟନ୍ ଉତ୍ପାଦନ ସହିତ ୨୦୦୭ ପରଠାରୁ ତାହାର ଶ୍ରେଷ୍ଠ ସଞ୍ଚୟୀ ପ୍ରଦର୍ଶନ ରେକର୍ଡ କରିଛି । ଏପ୍ରିଲ-ଅକ୍ଟୋବର ଅବଧି ମଧ୍ୟରେ ଗଢ଼ିଉଠିଥିବା ଏହି ଗତି ସୋପାନ ଅକ୍ଟୋବର ୨୦୨୬ ର ଏକ ଶକ୍ତିଶାଳୀ ଏକକ-ମାସର ପ୍ରଦର୍ଶନ ଦ୍ୱାରା ଦୃଢ଼ ଭାବରେ ସମର୍ଥିତ ହୋଇଥିଲା। ଅକ୍ଟୋବର ମାସ ପାଇଁ ମୋଟ ବିକ୍ରୟଯୋଗ୍ୟ ଇସ୍ପାତ ଉତ୍ପାଦନ ୩୫୪,୯୦୨ ଟନ୍ରେ ପହଞ୍ଚିଥିଲା, ଯାହା ମାସିକ ବାର୍ଷିକ ବ୍ୟବସାୟ ଯୋଜନା ଲକ୍ଷ୍ୟଠାରୁ ପ୍ରାୟ ୪.୭ ପ୍ରତିଶତ ଅଧିକ। ଏହି ମାସରେ ହଟ୍ ମେଟାଲ୍, ମୋଟ କ୍ରୁଡ୍ ଷ୍ଟିଲ୍, ଷ୍ଟିଲ ମେଲ୍ଟିଂ ସପ୍ ଓଓ, ନ୍ୟୁ ପ୍ଲେଟ୍ ମିଲ୍ ଏବଂ ସିଲିକନ୍ ଷ୍ଟିଲ୍ ମିଲ୍ ରେ ପ୍ରତିଷ୍ଠା ପରଠାରୁ ସର୍ବୋତ୍ତମ ଅକ୍ଟୋବର ଉତ୍ପାଦନ ରେକର୍ଡ ମଧ୍ୟ ଦେଖିବାକୁ ମିଳିଥିଲା। ଅକ୍ଟୋବର ମାସ ପାଇଁ ହଟ୍ ମେଟାଲ୍ ଉତ୍ପାଦନ ୪୦୦,୧୮୩ ଟନ୍ରେ ପହଞ୍ଚିଥିଲା, ଯାହା ୨୦୨୩ ରେ ସ୍ଥାପିତ ପୂର୍ବ ଅକ୍ଟୋବର ଶ୍ରେଷ୍ଠ ରେକର୍ଡକୁ ଅତିକ୍ରମ କରିଥିଲା, ଯେତେବେଳେ କି ମୋଟ କ୍ରୁଡ୍ ଷ୍ଟିଲ୍ ଉତ୍ପାଦନ ୩୭୪,୫୪୦ ଟନ୍ ଥିଲା। ହଟ୍ ଷ୍ଟ୍ରିପ୍ ମିଲ୍ ୨ ଏହି ମାସ ମଧ୍ୟରେ ଉଲ୍ଲେଖନୀୟ ସଫଳତା ହାସଲ କରି ୨୨୦,୦୪୬ ଟନ୍ ହଟ୍ ରୋଲଡ୍ କଏଲ୍ ଉତ୍ପାଦନ କରିଥିଲା ଏବଂ ବିକ୍ରିରେ ୧୭୬,୭୯୦ ଟନ୍ ପ୍ରେରଣ କରିଥିଲା, ଯାହା ମାସିକ ଯୋଜନା ଲକ୍ଷ୍ୟଠାରୁ ଯଥାକ୍ରମେ ୧୦ ପ୍ରତିଶତ ଏବଂ ୧୪ ପ୍ରତିଶତ ଅଧିକ ଥିଲା।

ମୁରିବାହାଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପ୍ରଜ୍ଞାନ ମିଶନ୍ର ବ୍ଲକସ୍ତରୀୟ ଗୀତା ଶ୍ଳୋକ ଆବୃତି ପ୍ରତିଯୋଗିତା ଅନୁଷ୍ଠିତ

ବଲାଙ୍ଗୀର,୪/୧୧ (ନି.ପ୍ର): ଭାରତୀୟ ଜ୍ଞାନ, ଆଧାତ୍ମିକ ଚେତନା ଓ ନୈତିକ ମୂଲ୍ୟବୋଧର ଅମୂଲ୍ୟ ଗ୍ରନ୍ଥ ଶ୍ରୀମଭଗବଦଗୀତାର ବାଣୀକୁ ଛାତ୍ରଛାତ୍ରୀଙ୍କ ନିକଟରେ ପହଂଚାଇବା ସହ ସେମାନଙ୍କ ମଧ୍ୟରେ ସଂସ୍କୃତ ଭାଷା ଓ ଶ୍ଳୋକ ଉଚ୍ଚାରଣ ପ୍ରତି ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରଜ୍ଞାନ ମିଶନ୍ ପକ୍ଷରୁ ମୁରିବାହାଲସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଠାରେ ବ୍ଲକ୍ସ୍ତରୀୟ ଶ୍ଳୋକ ଆବୃତି ପ୍ରତିଯୋଗିତା ମଙ୍ଗଳବାର ଆୟୋଜିତ ହୋଇଯାଇଛି। ମୁରିବାହାଲ ଓଏଭି ଅଧକ୍ଷ ତ୍ରିବିକ୍ରମ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୋଦଣ୍ଡଧର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୀତାର ଉପଦେଶ ମନୁଷ୍ୟକୁ କର୍ତବ୍ୟନିଷ୍ଠ, ଶୃଙ୍ଖଳିତ ଓ ନୈତିକ ଜୀବନଯାପନ ପାଇଁ ପ୍ରେରଣା ଦେଇଥାଏ ବୋଲି ମତପ୍ରକାଶ କରିଥିଲେ। ସଂସ୍କୃତଭାରତୀ, ଉତ୍କଳ(ପଶ୍ଚିମପ୍ରାନ୍ତ)ର ପ୍ରାନ୍ତ ପ୍ରଚାର ପ୍ରମୁଖ ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପଥରଚେପାର ସଂସ୍କୃତ ଶିକ୍ଷକ ଶେଷଦେବ ମିଶ୍ର ପ୍ରତିଯୋଗିତାର ସଂଯୋଜନା ଓ ସମନ୍ୱୟ ଦାୟିତ୍ୱ ତୁଲାଇଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଅଜିତ୍ ମହାକୁର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ପିଏମଶ୍ରୀ ପାଟଣେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଲେବଡାର ସଂସ୍କୃତ ଶିକ୍ଷକ ତୋଷ କୁମାର ସାହୁ ସଭା ପରିଚାଳନା ଓ ଅରବିନ୍ଦ ଦାଶ ଧନ୍ୟବାଦ ଦେଇଥିଲେ। ମୂଲ୍ୟାୟନ କାର୍ଯ୍ୟରେ ଶିକ୍ଷକ ଯଶୋବନ୍ତ ସାହୁ, ପରାଶର ଲୁହା, ଅରୁଣ ପାତ୍ର, ସୁମନାନନ୍ଦ ଖମାରୀ, ଚୌବନ ଜାନି, ଲକ୍ଷ୍ମୀକାନ୍ତ ସେଠ, ଆଶିଷ ପଧାନ, ନବକୃଷ୍ଣ ନିଆଲ ଓ ଶିକ୍ଷୟିତ୍ରୀ ଝୁନୁରାଣୀ ନନ୍ଦ ପ୍ରମୁଖ ବିଚାରକ ଥିଲେ। ବ୍ଲକ୍ର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରୁ ବରିଷ୍ଠ ବର୍ଗରେ ଆଦ୍ୟାଶା ମିଶ୍ର, ଆଦ୍ୟାଶା ଦାଶ, ତନ୍ମୟା ଛୁରା ଓ ହିରାବତୀ ପୁଟେଲ କନିଷ୍ଠ ବର୍ଗରେ ଅର୍ଚ୍ଚନା ବାଗ, ରାଣୀ ଛୁରା, ଶ୍ରୀୟାସ୍ମିତା ରଶ୍ମିରାଣି ସାହୁ, ଉପକନିଷ୍ଠ ବର୍ଗରେ ଆଦ୍ୟାଶା ବଘାର, ଆରାଧ୍ୟା ମହାରଣା ଓ ମିଲି ସେଠ କ୍ରମାଗତ ଭାବରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅର୍ଜନ କରି ନଭେମ୍ବର ୨୨ ତାରିଖରେ ଆୟୋଜିତ ହେବାକୁ ଥିବା ବଲାଙ୍ଗିର ଜିଲ୍ଲାସ୍ତରୀୟ ଗୀତା ଶ୍ଳୋକ ଆବୃତି ପ୍ରତିଯୋଗିତାରେ ମୁରିବାହାଲ ବ୍ଲକର ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ କେବଳ ଶ୍ଳୋକ ଆବୃତିର ଦକ୍ଷତା ବୃଦ୍ଧି କରିନଥିଲା, ବରଂ ସଂସ୍କୃତ ଭାଷାର ମାଧୁର୍ଯ୍ୟ, ଶୁଦ୍ଧ ଉଚ୍ଚାରଣ ଓ ଭାରତୀୟ ସାଂସ୍କୃତିକ ପରମ୍ପରା ପ୍ରତି ଆତ୍ମୀୟତା ସୃଷ୍ଟି କରିବାରେ ମଧ୍ୟ ସହାୟକ ହୋଇଥିଲା।

ବ୍ରାଉନ୍ ସୁଗାର ରାକେଟ୍ର ପର୍ଦ୍ଦାଫାଶ: ୪ ଅଭିଯୁକ୍ତ ଗିରଫ

ପୁରୀ,୪/୧୧ (ନି.ପ୍ର): ଡେଲାଙ୍ଗ ଥାନା ଅଞ୍ଚଳରେ ବେଆଇନ ନିଶାଦ୍ରବ୍ୟ କାରବାର ବିରୋଧରେ ପୁରୀ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଚଢ଼ାଉ କରାଯାଇ ୪ ଜଣ ଅଭିଯୁକ୍ତଙ୍କୁ ଧରାଯାଇଛି। ଗତ କାଲି ବିଳମ୍ବିତ ରାତିରେ ଡେଲାଙ୍ଗ ଥାନା ଅନ୍ତର୍ଗତ କୁଆପଦାସ୍ଥିତ ବାଣୀ ବକ୍ରେଶ୍ୱର ମନ୍ଦିରର ପଛପାର୍ଶ୍ୱରେ ବ୍ରାଉନ୍ ସୁଗାର କାରବାର ସମ୍ପର୍କରେ ପୋଲିସକୁ ବିଶେଷ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ଡେଲାଙ୍ଗ ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଘେରାଉକରି ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଅଭିଯୁକ୍ତମାନଙ୍କ ନିକଟରୁ ବିପୁଳ ପରିମାଣର ବ୍ରାଉନ୍ ସୁଗାର ସହ ଗୋଟିଏ ପିସ୍ତଲ ଜବତ କରାଯାଇଥିଲା। ଏହା ସହିତ ନିଶାଦ୍ରବ୍ୟ ପରିବହନ ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଗୋଟିଏ କାର୍ ଏବଂ ଦୁଇଟି ମୋଟରସାଇକେଲ ମଧ୍ୟ ଜବତ କରାଯାଇଛି। ଘଟଣାସ୍ଥଳରେ ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଓ ସାକ୍ଷୀମାନଙ୍କ ଉପସ୍ଥିତିରେ ଆଇନାନୁଯାୟୀ ତଲାସି ଓ ଜବତ ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲା। ଅଧିକ ତଦନ୍ତ ସମୟରେ ଜଣାପଡ଼ିଛି ଯେ, ଗିରଫ ହୋଇଥିବା ଅଭିଯୁକ୍ତମାନେ ପୁରୀ ସମେତ ବିଭିନ୍ନ ଜିଲ୍ଲାର ଅନ୍ୟାନ୍ୟ ଥାନା ଅଞ୍ଚଳରେ ଘଟିଥିବା ଏକାଧିକ ଛିନତାଇ ଓ ଏନ୍ଡିପିଏସ୍ ସମ୍ବନ୍ଧୀୟ ମାମଲାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଅଭିଯୁକ୍ତମାନଙ୍କ ପୂର୍ବ ଅପରାଧିକ ରେକର୍ଡ ବିଭିନ୍ନ ଥାନାରେ ଯାଞ୍ଚ କରାଯାଉଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦନ ଓରଫ ଚନ୍ଦ୍ରଶେଖର ବିଶ୍ୱାଳ (୨୬), ଗ୍ରାମ- ତରତୁଆ, ଥାନା- ଗଡ଼ିଶାଗୋଦା, ଜିଲ୍ଲା- ପୁରୀ, ସାଗର ଓରଫ ଆଲୋକ ନାୟକ (୨୫), ଗ୍ରାମ- ଘୋରଡ଼ିଆ, ଥାନା- ଡେଲାଙ୍ଗ, ଜିଲ୍ଲା- ପୁରୀ.,ରଶ୍ମି ରଞ୍ଜନ ହରିଚନ୍ଦନ ଓରଫ ପିଙ୍କୁ (୨୩), ଗ୍ରାମ- କୁଆପଦା, ଥାନା- ଡେଲାଙ୍ଗ, ଜିଲ୍ଲା- ପୁରୀ.,ବେଙ୍ଗ ଓରଫ ସୋନୁ ଓରଫ ସୋମନାଥ ପ୍ରଧାନ (୨୩), ଗ୍ରାମ- ସାତଶଙ୍ଖ, ଥାନା- ପିପିଲି, ଜିଲ୍ଲା- ପୁରୀ । ସେମାନଙ୍କ ଠାରୁ ୧. ୨୬୧ ଗ୍ରାମ ବ୍ରାଉନ୍ ସୁଗାର ପୋଲିସ ଜବତ କରିଛି ।ଗୋଟିଏ କଳା ରଙ୍ଗର ୧.୭୭ କ୍ୟାଲିବର ପିସ୍ତଲ (ଗୁଳି ବିନା),ଗୋଟିଏ ରୂପେଲି ରଙ୍ଗର ମାରୁତି ସୁଜୁକି ଏର୍ଟିଗା କାର (ଓଡି୦୨ୟୁ୭୨୦୦),ଗୋଟିଏ କଳା-ନୀଳ ରଙ୍ଗର ୟାମାହା ଏଫଜେଡ୍ ମୋଟରସାଇକେଲ (ଓଡି୧୩ଏବି୪୯୦୪),୬ଟି ମୋବାଇଲ୍ ଫୋନ୍,ନଗଦ ୬,୦୦୦ ଟଙ୍କା।ପୁରୀ ପୋଲିସ ପକ୍ଷରୁ ନିଶାଦ୍ରବ୍ୟ କାରବାର, ଚୋରା ଚାଲାଣ ଓ ଏହା ସହ ଜଡ଼ିତ ଅପରାଧିକ କାର୍ଯ୍ୟକଳାପ ବିରୋଧରେ ଏଭଳି ଅଭିଯାନ ଆଗକୁ ମଧ୍ୟ ଜାରି ରହିବ।ଏ ସମ୍ପର୍କରେ ପୁରୀ ଏସ. ପି. ପ୍ରତୀକ ସିଂ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି ।

ଏୟାର୍ ପ୍ୟୁରିଫାୟର୍ ଚଳାଇବା ସତ୍ତ୍ୱେ ଘର୍ ଭିତରେ କାହିଁକି ରହୁଛି ପ୍ରଦୂଷଣ? ଜାଣନ୍ତୁ ୬ଟି କାରଣ

ବାହାରେ ବାୟୁ ପ୍ରଦୂଷଣ ବଢ଼ିଲେ ଲୋକମାନେ ପ୍ରଥମେ ନିଜ ଘରର ଝରକା ଓ କବାଟ ବନ୍ଦ କରିଦିଅନ୍ତି। ଏହା ସହିତ ଘରେ ଏୟାର ପ୍ୟୁରିଫାୟର ମଧ୍ୟ ଲଗାଇଥାନ୍ତି, ଯାହାଦ୍ୱାରା କୋଠରିର ବାୟୁ ସଫା ରହିପାରିବ। କିନ୍ତୁ ଆପଣ କେବେ ଭାବିଛନ୍ତି କି, ଝରକା ବନ୍ଦ ରଖିବା ଏବଂ ଘଣ୍ଟା ଘଣ୍ଟା ଧରି ପ୍ୟୁରିଫାୟର ଚଳାଇବା ପରେ ମଧ୍ୟ ଘର ଭିତରର ବାୟୁ କାହିଁକି ଖରାପ ରହୁଛି ?

ବାସ୍ତବରେ, ଘରେ ବ୍ୟବହାର କରାଯାଉଥିବା ଅନେକ ସାଧାରଣ ଜିନିଷ ମଧ୍ୟ ବାୟୁକୁ ପ୍ରଦୂଷିତ କରିପାରେ। ରୋଷେଇ କରିବା ସମୟରେ ବାହାରୁଥିବା ଧୂଆଁ, ଧୂପକାଠି, ମହମବତୀ ଏବଂ ସଫେଇ ସାମଗ୍ରୀ ଏହାର କିଛି ଉଦାହରଣ। ତେଣୁ କେବଳ ଏୟାର ପ୍ୟୁରିଫାୟର ଚଳାଇବା ଯଥେଷ୍ଟ ନୁହେଁ। ଘର ଭିତରେ ପ୍ରଦୂଷଣ ସୃଷ୍ଟି କରୁଥିବା ଜିନିଷ ପ୍ରତି ମଧ୍ୟ ଧ୍ୟାନ ଦେବା ଜରୁରୀ।

ଘର ଭିତରେ କିପରି ବ୍ୟାପୁଛି ପ୍ରଦୂଷଣ ?

ସାଧାରଣତଃ ଲୋକମାନେ ଭାବନ୍ତି ଯେ, କେବଳ ବାହାରର ପ୍ରଦୂଷିତ ବାୟୁ ଘର ଭିତରକୁ ଆସିଥାଏ। କିନ୍ତୁ ଏହା ସତ ନୁହେଁ। ଘର ଭିତରେ ମଧ୍ୟ ଏପରି ଅନେକ ଜିନିଷ ରହିଛି, ଯେଉଁଥିରୁ ଧୂଆଁ, ଧୂଳି ଏବଂ ଅନ୍ୟାନ୍ୟ କ୍ଷତିକାରକ ଗ୍ୟାସ୍ ବାୟୁରେ ମିଶିପାରେ। ରୋଷେଇ କରିବାଠାରୁ ଆରମ୍ଭ କରି ଘର ସଫା କରିବା ପର୍ଯ୍ୟନ୍ତ ଦୈନନ୍ଦିନ କାମ ସମୟରେ ଏପରି ହୋଇଥାଏ।

ଏୟାର ପ୍ୟୁରିଫାୟର ବାୟୁରେ ଥିବା କିଛି ପ୍ରଦୂଷକ କଣିକାକୁ ଫିଲ୍ଟର କରିପାରେ। କିନ୍ତୁ ଘର ଭିତରେ ପ୍ରଦୂଷଣ ସୃଷ୍ଟି କରୁଥିବା ଉତ୍ସକୁ ଏହା ରୋକିପାରେ ନାହିଁ। ତେଣୁ ମେସିନ୍ ଚଳାଇବା ସହିତ ଘରର ବାୟୁକୁ ଖରାପ କରୁଥିବା ଜିନିଷ ପ୍ରତି ମଧ୍ୟ ସତର୍କ ରହିବା ଆବଶ୍ୟକ।

ଘର ଭିତରେ ପ୍ରଦୂଷଣ ବଢ଼ିବାର ୬ଟି କାରଣ

୧. ରୋଷେଇ ସମୟରେ ବାହାରୁଥିବା ଧୂଆଁ

ରୋଷେଇ ଘରେ ପ୍ରତିଦିନ ଖାଦ୍ୟ ପ୍ରସ୍ତୁତ କରିବା ସମୟରେ ମଧ୍ୟ ବାୟୁ ପ୍ରଦୂଷିତ ହୋଇପାରେ। ବିଶେଷକରି ତେଲରେ ଖାଦ୍ୟ ଛାଣିବା, ଗ୍ରିଲ୍ କରିବା ଏବଂ ଅଧିକ ଆଞ୍ଚରେ ରୋଷେଇ କରିବା ଦ୍ୱାରା ଧୂଆଁ ଓ ଛୋଟ ଛୋଟ କଣିକା ବାୟୁରେ ମିଶିଥାଏ। ଗ୍ୟାସ୍ ଚୁଲାରେ ରୋଷେଇ କରିବା ସମୟରେ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ଭଳି ଗ୍ୟାସ୍ ମଧ୍ୟ ବାହାରିପାରେ। ଏଥିରୁ ରକ୍ଷା ପାଇବା ପାଇଁ ରୋଷେଇ ସମୟରେ ଏକ୍‌ଜଷ୍ଟ ଫ୍ୟାନ୍ ଚଳାନ୍ତୁ। ଏହାଦ୍ୱାରା ଧୂଆଁ ଓ ଅନ୍ୟ ଗ୍ୟାସ୍ ବାହାରକୁ ଯିବାରେ ସହାୟତା ମିଳିବ।



୨. ଧୂପକାଠି, ମହମବତୀ ଓ ମଶା ଧୂପ

ଅନେକ ଘରେ ପୂଜା ପାଇଁ ଧୂପକାଠି ଏବଂ ସାଜସଜ୍ଜା ପାଇଁ ସୁଗନ୍ଧିତ ମହମବତୀ ଜଳାଯାଏ। ସେହିପରି ମଶା ଦାଉରୁ ରକ୍ଷା ପାଇବା ପାଇଁ ମଶା ଧୂପ ବ୍ୟବହାର କରାଯାଏ। ଏସବୁ ଜିନିଷ ଜଳିବା ସମୟରେ ଧୂଆଁ ଓ ଛୋଟ ଛୋଟ ପ୍ରଦୂଷକ କଣିକା ବାହାରିଥାଏ। ବନ୍ଦ କୋଠରିରେ ଏସବୁ ଜିନିଷର ଅଧିକ ବ୍ୟବହାରରୁ ଦୂରେଇ ରୁହନ୍ତୁ। ଆବଶ୍ୟକ ସ୍ଥଳେ କୋଠରିରେ ବାୟୁ ଚଳାଚଳ ପାଇଁ ବ୍ୟବସ୍ଥା ରଖନ୍ତୁ।

୩. ସଫେଇ ସାମଗ୍ରୀ ଓ ରୁମ୍ ଫ୍ରେସନର

ଘରକୁ ସଫା ଓ ସୁଗନ୍ଧିତ ରଖିବା ପାଇଁ ଲୋକମାନେ ଫ୍ଲୋର୍ କ୍ଲିନର, ସ୍ପ୍ରେ ଏବଂ ରୁମ୍ ଫ୍ରେସନର ବ୍ୟବହାର କରନ୍ତି। କିନ୍ତୁ ଏଥିରେ ଥିବା କେତେକ ରାସାୟନିକ ପଦାର୍ଥ ବାୟୁରେ ମିଶି ଏହାର ଗୁଣବତ୍ତାକୁ ପ୍ରଭାବିତ କରିପାରେ। ପେଣ୍ଟ ଓ ଆଠା ଭଳି ସାମଗ୍ରୀରୁ ମଧ୍ୟ ଏପରି ଗ୍ୟାସ୍ ବାହାରିଥାଏ। ତେଣୁ ଏସବୁ ଜିନିଷର ଆବଶ୍ୟକତା ଅନୁସାରେ ବ୍ୟବହାର କରନ୍ତୁ। ସଫେଇ ସମୟରେ ଝରକା କିମ୍ବା କବାଟ ଖୋଲା ରଖନ୍ତୁ, ଯାହାଦ୍ୱାରା ବାୟୁ ଚଳାଚଳ କରିପାରିବ।

୪. କବାଟ ଓ ଝରକା ଦେଇ ବାହାରର ବାୟୁ ଘରକୁ ପ୍ରବେଶ

ଝରକା ଓ କବାଟ ବନ୍ଦ କରିବା ପରେ ମଧ୍ୟ ବାହାରର ପ୍ରଦୂଷିତ ବାୟୁ ଘର ଭିତରକୁ ଆସିପାରେ। କବାଟ ତଳେ ଥିବା ଖାଲି ସ୍ଥାନ, ଝରକାର ଫାଙ୍କ ଏବଂ ଭେଣ୍ଟିଲେସନ୍ ରାସ୍ତା ଦେଇ ଧୂଳି ଓ ପ୍ରଦୂଷଣ ଘର ଭିତରକୁ ପ୍ରବେଶ କରିପାରେ। ତେଣୁ ଘରର କବାଟ ଓ ଝରକାକୁ ଭଲ ଭାବେ ଯାଞ୍ଚ କରନ୍ତୁ। ବାହାରେ ପ୍ରଦୂଷଣ ଅଧିକ ଥିବା ସମୟରେ ଝରକା ଖୋଲା ରଖିବାରୁ ଦୂରେଇ ରୁହନ୍ତୁ।

୫. ଏୟାର ପ୍ୟୁରିଫାୟର ଫିଲ୍ଟର ସଫା ନକରିବା

ଏୟାର ପ୍ୟୁରିଫାୟର ସେତେବେଳେ ଭଲ ଭାବେ କାମ କରେ, ଯେତେବେଳେ ଏହାର ଫିଲ୍ଟର ସଫା ଥାଏ ଏବଂ ମେସିନ୍‌ଟି କୋଠରିର ଆକାର ଅନୁଯାୟୀ ଉପଯୁକ୍ତ ହୋଇଥାଏ। ଦୀର୍ଘ ସମୟ ଧରି ଫିଲ୍ଟର ସଫା ନକଲେ ସେଥିରେ ଧୂଳି ଜମା ହୋଇପାରେ। ଫଳରେ ମେସିନ୍‌ର ବାୟୁ ସଫା କରିବା କ୍ଷମତା କମିଯାଇପାରେ। ଏହା ବ୍ୟତୀତ ଛୋଟ କୋଠରି ପାଇଁ ତିଆରି ପ୍ୟୁରିଫାୟରକୁ ବଡ଼ କୋଠରିରେ ବ୍ୟବହାର କଲେ ମଧ୍ୟ ଠିକ୍ ଫଳାଫଳ ମିଳିନଥାଏ। ତେଣୁ ନିୟମିତ ଭାବେ ଫିଲ୍ଟର ଯାଞ୍ଚ କରନ୍ତୁ ଏବଂ କମ୍ପାନୀର ନିର୍ଦ୍ଦେଶ ଅନୁସାରେ ଏହାକୁ ବଦଳାନ୍ତୁ।

୬. କେତେକ ଗ୍ୟାସ୍‌କୁ ହଟାଇପାରେ ନାହିଁ ଏୟାର ପ୍ୟୁରିଫାୟର

ପ୍ରତ୍ୟେକ ଏୟାର ପ୍ୟୁରିଫାୟର ସବୁ ପ୍ରକାରର ପ୍ରଦୂଷଣକୁ ଦୂର କରିପାରେ ନାହିଁ। କେତେକ ମେସିନ୍ ବାୟୁରେ ଥିବା ଧୂଳି ଓ ଛୋଟ କଣିକାକୁ ଫିଲ୍ଟର କରିଥାଏ। କିନ୍ତୁ କାର୍ବନ୍ ମନୋକ୍ସାଇଡ୍ ଭଳି ଗ୍ୟାସ୍‌କୁ ହଟାଇବା ପାଇଁ ସାଧାରଣ ଫିଲ୍ଟର ଯଥେଷ୍ଟ ନୁହେଁ। ଏଥିପାଇଁ ଭିନ୍ନ ପ୍ରକାରର ପ୍ରଯୁକ୍ତି ଆବଶ୍ୟକ ହୋଇପାରେ। ତେଣୁ ଏୟାର ପ୍ୟୁରିଫାୟର କିଣିବା ସମୟରେ ଏହାର ବୈଶିଷ୍ଟ୍ୟ ଓ ଫିଲ୍ଟର କ୍ଷମତା ବିଷୟରେ ନିଶ୍ଚିତ ଭାବେ ଜାଣନ୍ତୁ।

ଘରର ବାୟୁ ସଫା ରଖିବା ପାଇଁ ଆପଣାନ୍ତୁ ଏହି ଉପାୟ

୧. ଠିକ୍ ସମୟରେ ଝରକା ଖୋଲନ୍ତୁ

ଘର ଭିତରକୁ ତାଜା ବାୟୁ ଆସିବା ପାଇଁ ଭେଣ୍ଟିଲେସନ୍ ଜରୁରୀ। କିନ୍ତୁ ବାହାରେ ପ୍ରଦୂଷଣ ଅଧିକ ଥିବା ସମୟରେ ଝରକା ଖୋଲିବା ଠିକ୍ ନୁହେଁ। ଝରକା ଖୋଲିବା ପୂର୍ବରୁ ନିଜ ଅଞ୍ଚଳର ଇଛଓ ଯାଞ୍ଚ କରନ୍ତୁ। ବାହାରର ବାୟୁର ମାନ ଭଲ ଥିବା ସମୟରେ ହିଁ କିଛି ସମୟ ପାଇଁ ଝରକା ଖୋଲନ୍ତୁ। ରୋଷେଇ ଘର ଓ ବାଥରୁମ୍‌ରେ ମଧ୍ୟ ଏକ୍ ଜଷ୍ଟ ଫ୍ୟାନ୍ ବ୍ୟବହାର କରନ୍ତୁ।

୨. ଘରେ ଧୂଳି ଜମିବାକୁ ଦିଅନ୍ତୁ ନାହିଁ

ଘରର ଚଟାଣ, ଆସବାବପତ୍ର ଓ ଅନ୍ୟାନ୍ୟ ଜିନିଷ ଉପରେ ଧୂଳି ଜମିବା ଦ୍ୱାରା ବାୟୁରେ ଛୋଟ ଛୋଟ କଣିକା ମିଶିପାରେ। ତେଣୁ ପ୍ରତିଦିନ ଓଦା କପଡ଼ାରେ ଆସବାବପତ୍ର ସଫା କରନ୍ତୁ ଏବଂ ଚଟାଣ ପୋଛନ୍ତୁ। ଆବଶ୍ୟକ ଅନୁସାରେ ଭାକ୍ୟୁମ୍ କ୍ଲିନର୍ ବ୍ୟବହାର କରନ୍ତୁ। ବେଡ୍ ?ସିଟ୍ ଓ ପରଦାକୁ ମଧ୍ୟ ନିୟମିତ ସଫା କରନ୍ତୁ। ବାହାରର ଧୂଳି ଘର ଭିତରକୁ କମ୍ ଆସିବା ପାଇଁ ଜୋତା ଓ ଚପଲ ଘର ବାହାରେ ଖୋଲିବା ଅଭ୍ୟାସ କରନ୍ତୁ।

୩. ଘରେ ଗଛ ଲଗାନ୍ତୁ, କିନ୍ତୁ ଏହାକୁ ପ୍ୟୁରିଫାୟରର ବିକଳ୍ପ ଭାବନ୍ତୁ ନାହିଁ

ଘରକୁ ସୁନ୍ଦର କରିବା ପାଇଁ ଲୋକମାନେ ମନି ପ୍ଲାଣ୍ଟ ଓ ସ୍ନେକ୍ ପ୍ଲାଣ୍ଟ ଭଳି ଗଛ ଲଗାଇଥାନ୍ତି। ଏହି ଗଛଗୁଡ଼ିକ ଘରର ସାଜସଜ୍ଜାକୁ ଆକର୍ଷଣୀୟ କରିଥାଏ। ତେବେ କେବଳ ଗଛ ଲଗାଇଦେଲେ ଘରର ବାୟୁ ସଫା ରହିବ ବୋଲି ନିଶ୍ଚିତ କରାଯାଇପାରିବ ନାହିଁ। ତେଣୁ ଗଛକୁ ଏୟାର ପ୍ୟୁରିଫାୟର କିମ୍ବା ଉପଯୁକ୍ତ ଭେଣ୍ଟିଲେସନ୍‌ର ବିକଳ୍ପ ଭାବେ ବ୍ୟବହାର କରନ୍ତୁ ନାହିଁ।

୪. ଘରର ଆର୍ଦ୍ରତା ପ୍ରତି ଧ୍ୟାନ ଦିଅନ୍ତୁ

ଘରେ ଅଧିକ ଆର୍ଦ୍ରତା ରହିଲେ କାନ୍ଥ ଓ କୋଣରେ ଫଙ୍ଗସ୍ ବା କବକ ଜମିପାରେ। ଏହାଦ୍ୱାରା ବାୟୁର ଗୁଣବତ୍ତା ମଧ୍ୟ ପ୍ରଭାବିତ ହୋଇଥାଏ। ତେଣୁ ଘରର ଆର୍ଦ୍ରତା ୪୦ରୁ ୬୦ ପ୍ରତିଶତ ମଧ୍ୟରେ ରଖିବାକୁ ଚେଷ୍ଟା କରନ୍ତୁ। ବାଥରୁମ୍ ଓ ରୋଷେଇ ଘରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ଯେଉଁଠାରେ ସିଲନ୍ ବା ଓଦାଳିଆ ସମସ୍ୟା ରହିଛି, ସେଠାରେ ଠିକ୍ ସମୟରେ ସଫେଇ ଓ ମରାମତି କରାନ୍ତୁ। ଆବଶ୍ୟକ ପଡ଼ିଲେ ଡିହ୍ୟୁମିଡିଫାୟର ବ୍ୟବହାର କରିପାରିବେ।

ଚାଲିଛି ପୁଣ୍ୟର ମାସ କାର୍ତ୍ତିକ । ମାସଟିଏ ଆମିଷରୁ ଦୂରେଇ ରହି ନିରାମିଶ ଖାଉଛନ୍ତି ଲୋକେ । ଯେଉଁଥିପାଇଁ ପରିବା ବଜାରରେ ମହଙ୍ଗା ହୋଇଛି ପରିବା ଦର । ଆଗକୁ ଆସୁଛି ଶୀତ । ବଜାରକୁ ବିଭିନ୍ନ କିସମର ଶୀତକାଳୀନ ପରିବାର ଆଗମନ ହେବ । ଯେଉଁଥିରେ ଫୁଲକୋବି, ଶିମ୍ବ, ବିନ୍ସ, ମଟର, ବନ୍ଧାକୋବି, ପିଆଜସଣ୍ଢା,ମୂଳା ଭଳି ନାନାଦି ପରିବା ରହିଛି । ଏହି ସବୁ ତଟକା ପରିବା ସ୍ୱାସ୍ଥ୍ୟ ପାଇଁ ଭାରି ହିତକର । ଆଉ ଏହି ପରିବା ଭିତରେ ଏମିତି ଏକ ପରିବା ଲୁଚି ବସିଛି ଯାହା ଡାଇବେଟିସ୍ ପାଇଁ ଭାରି ଭଲ । କିନ୍ତୁ ଅଧେରୁ ଅଧିକ ଲୋକ ଏହାର ଗୁଣବତ୍ତା ବିଷୟରେ ଅଜଣା ଅଛନ୍ତି । ତା'ହେଲେ ଆସନ୍ତୁ ଶୀତରେ ବିକ୍ରି ହେଉଥିବା ଏହି ପରିବାଟି କ'ଣ ଏବଂ ଏହାକୁ ଖାଇଲେ କ'ଣ ଲାଭ ହୁଏ ଜାଣିବା । ଡ୍ରାଗନ୍ ଫ୍ରୁଟ୍ ଭଳି ଦେଖାଯାଉଥିବା ଏହି ପରିବାଟି ହେଉଛି ଉଲକୋବି ଯାହାକୁ କିଛି କିଛି ସ୍ଥାନରେ ଫଳକୋବି ବୋଲି ମଧ୍ୟ କୁହାଯାଏ । ଗବେଷଣାରୁ ଜଣାପଡ଼ିଛି ଯେ ଉଲକୋବି କାଶ, ଥଣ୍ଡା ଏବଂ କଫ ଭଳି ରୋଗ ପାଇଁ ବହୁତ ଲାଭଦାୟକ । ଯେଉଁମାନେ ରକ୍ତହୀନତାରେ ପୀଡ଼ିତ ଏବଂ ଆଇରନ୍ ଅଭାବରେ ସଂଘର୍ଷ କରୁଛନ୍ତି ସେମାନଙ୍କ ପାଇଁ ଉଲକୋବି ବରଦାନ ସଦୃଶ । ଏହାକୁ ଖାଇବାରେ ସାମିଲ କରିବା ଦ୍ୱାରା ହାଡ଼ ମଜବୁତ ହୁଏ ଏବଂ ପାଚନ କ୍ରିୟା ଉନ୍ନତ ହୁଏ । ଭିଟାମିନ୍ ଏବଂ ଖଣିଜ ପଦାର୍ଥରେ ଭରପୂର ଉଲକୋବି ଶରୀରକୁ ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରେ । ଭିଟାମିନ୍ ଉ ରେ ଭରପୁର ଏହି ପରିବା ରକ୍ତ କୋଷର



କାର୍ଯ୍ୟକାରିତାକୁ ମଧ୍ୟ ଉନ୍ନତ କରେ । ଏଥିରେ ଫାଇବର ପ୍ରଚୁର ପରିମାଣରେ ଥାଏ ଯାହା ପାଚନ ପ୍ରକ୍ରିୟାକୁ ଠିକ୍ କରେ । ଫାଇବର ହଜମ ପ୍ରକ୍ରିୟାକୁ ଉନ୍ନତ କରିବା ସହ କୋଷ୍ଠକାଠିନ୍ୟ ସମସ୍ୟାକୁ ମଧ୍ୟ ଦୂର କରେ । ଏଥିରେ ଥିବା ପୋଟାସିୟମ ହୃଦୟ ପାଇଁ ବହୁତ ଭଲ । ଉଲକୋବି ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରେ ଏବଂ ହୃଦଘାତ ଓ ଷ୍ଟ୍ରୋକ ଭଳି ଆଶଙ୍କାକୁ ଦୂର କରେ । ଏଥିରେ ଥିବା କ୍ୟାଲସିୟମ ଏବଂ ଫସଫରସ ଭଳି ଖଣିଜ ପଦାର୍ଥ ହାଡ଼ର ଶକ୍ତି ପାଇଁ ଉପଯୋଗୀ । ଏହାକୁ ଖାଇବା ଦ୍ୱାରା ହାଡ଼ ମଜବୁତ ହୁଏ ଏବଂ ବୟସ ବୃଦ୍ଧି ସହିତ ହେଉଥିବା ହାଡ଼ ସମସ୍ୟାକୁ ରୋକାଯାଏ । ଏହିରେ କ୍ୟାଲୋରୀ କମ୍ ଏବଂ ପୁଷ୍ଟିସାର ଅଧିକ ଥାଏ ଯାହା ଓଜନ ହ୍ରାସ କରେ । ହାଇ ଫାଇବର ପରିମାଣ ଖାଇବା ପରେ ଲମ୍ବା ସମୟ ପର୍ଯ୍ୟନ୍ତ ପେଟ ଫୁଲ୍ ରହେ ଏବଂ ଓଜନ ନିୟନ୍ତ୍ରଣରେ ରହେ । ଉଲକୋବି କେବଳ ଭାରତରେ ନୁହେଁ ଇଂଲଣ୍ଡ,ସ୍ପେନ୍ , ଅଷ୍ଟ୍ରେଲିଆ ଏବଂ ଜର୍ମାନୀ ଭଳି ଦେଶରେ ମଧ୍ୟ ବଡ଼ ଆନନ୍ଦର ସହ ଖିଆଯାଇଥାଏ । ବିଦେଶର ପରିବେଶ ଅନୁସାରେ ସେଠାରେ ଉଭୟ ସବୁଜ ଏବଂ ବାଇଗଣୀ ରଙ୍ଗର ଉଲକୋବି ଚାଷ କରାଯାଏ । ଖାଇବାକୁ ଅଳ୍ପ ମିଠା ଲାଗୁଥିବା ଏହି ପରିବାକୁ ବିଦେଶୀ ସାଲାଡରେ ବ୍ୟବହାର କରିଥା'ନ୍ତି ।

ଆଜିକାଲି ଓଜନ ବଢ଼ିବା ଅନେକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଓଜନ କମାଇବା ପାଇଁ କିଏ ଡାଏଟ୍ କରୁଛନ୍ତି ତ ଆଉ କିଏ ଜିମ୍ ଯାଇ ଝାଳ ବୁହାଉଛନ୍ତି । ହେଲେ ଏବେ ଏକ ନୂଆ ଗବେଷଣା କହୁଛି, ଶୀଘ୍ର ଶୋଇବା ମଧ୍ୟ ଓଜନ ହ୍ରାସରେ ସହାୟକ ହୋଇପାରେ । 'ନର୍ସିଂ ରିସର୍ଚ୍ଚ' ଜର୍ଣ୍ଣାଲରେ ପ୍ରକାଶିତ ଏହି ଅଧ୍ୟୟନରେ ପ୍ରାୟ ୨୦୦ ଜଣ ପ୍ରି-ଡାଇବେଟିସ୍ ଥିବା ବ୍ୟକ୍ତିଙ୍କୁ ସାମିଲ କରାଯାଇଥିଲା । ଏମାନେ ପ୍ରତିଦିନ ୬ ଘଣ୍ଟା ୩୦ ମିନିଟରୁ କମ୍ ସମୟ ଶୋଉଥିଲେ । ଗବେଷକମାନେ ଏମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରି ୮ ସପ୍ତାହ ଧରି ଅଧ୍ୟୟନ କରିଥିଲେ । ଉଭୟ ଗ୍ରୁପ୍ ?କୁ ସୁସ୍ଥ ଖାଦ୍ୟ ଖାଇବା, ଶାରୀରିକ ବ୍ୟାୟାମ ଏବଂ ଚାପ କମାଇବା ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା । ତେବେ ଗୋଟିଏ ଗ୍ରୁପ୍‌କୁ ଅତିରିକ୍ତ ଭାବେ ଶୋଇବା ଅଭ୍ୟାସ ସୁଧାରିବା ପାଇଁ ସ୍ୱତନ୍ତ୍ର ତାଲିମ ଦିଆଯାଇଥିଲା । ଏଥିରେ ନିର୍ଦ୍ଦିଷ୍ଟ ସମୟରେ ଶୋଇବା, ଧୀରେ ଧୀରେ ଶୋଇବା ସମୟ ଆଗକୁ ଆଣିବା ଏବଂ ନିଦର ଗୁଣବତ୍ତା ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଗବେଷଣାରେ ଦେଖାଯାଇଥିଲା ଯେ, ଯେଉଁମାନେ ଶୀଘ୍ର ଶୋଇବା ଆରମ୍ଭ କରିଥିଲେ, ସେମାନଙ୍କ ଓଜନ ହ୍ରାସରେ ଅଧିକ ଉନ୍ନତି ଦେଖାଯାଇଥିଲା । ଗବେଷକଙ୍କ ଅନୁସାରେ, ପ୍ରତି ଏକ ଘଣ୍ଟା ଆଗରୁ ଶୋଇବା ସହ ପ୍ରାୟ ୧.୩ ପାଉଣ୍ଡ ବା ୦.୫୯ କିଲୋଗ୍ରାମ ଅଧିକ ଓଜନ ହ୍ରାସର ସମ୍ପର୍କ ଦେଖାଯାଇଥିଲା ।

ପ୍ରଥମତଃ, ରାତିରେ ଶୀଘ୍ର ଶୋଇପଡ଼ିଲେ ଅଯଥାରେ ଖାଇବା ଅଭ୍ୟାସ କମିଥାଏ । ଅନେକ ଲୋକ ରାତି ଅଧିକ ସମୟ ଯାଏଁ ଜାଗି ରହି ଚିପ୍ସ, ବିସ୍କୁଟ୍ କିମ୍ବା ଅନ୍ୟ ଜଙ୍କ୍ ଫୁଡ୍ ଖାଇଥାନ୍ତି। ଫଳରେ ଶରୀରରେ ଅତିରିକ୍ତ କ୍ୟାଲୋରୀ ଜମା ହୁଏ । ଦ୍ୱିତୀୟତଃ, ରାତିରେ



ଶରୀରର ମେଟାବୋଲିଜିମ୍ ଏବଂ ଇନସୁଲିନ୍ କାର୍ଯ୍ୟ କରିବାର କ୍ଷମତାରେ ପରିବର୍ତ୍ତନ ହୋଇଥାଏ । ତେଣୁ ବିଳମ୍ବିତ ରାତିରେ ଖାଇବା ଶରୀରର ସାଧାରଣ ଜୈବିକ ପ୍ରକ୍ରିୟାକୁ ପ୍ରଭାବିତ କରିପାରେ । ଏହାବ୍ୟତୀତ ରାତିରେ ମୋବାଇଲ୍ ଓ ଟିଭିର ଆଲୋକ ଆମ ନିଦ ଚକ୍ରକୁ ପ୍ରଭାବିତ କରିଥାଏ । ଅନିୟମିତ ନିଦ ଯୋଗୁଁ ଭୋକ ନିୟନ୍ତ୍ରଣ କରୁଥିବା ହରମୋନ୍‌ରେ ମଧ୍ୟ ପରିବର୍ତ୍ତନ ହୋଇପାରେ । ଫଳରେ ଭୋକ ବଢ଼ିବା ସହ ଅଧିକ ଖାଇବାକୁ ଇଚ୍ଛା ହୋଇଥାଏ । ଏହି ଗବେଷଣାରେ ଓଜନ ହ୍ରାସ ଏବଂ ନିଦର ଗୁଣବତ୍ତାରେ ଉନ୍ନତି ଦେଖାଯାଇଥିଲେ ମଧ୍ୟ ରକ୍ତରେ ଶର୍କରା ସ୍ତରରେ କୌଣସି ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଯାଇନଥିଲା । ତେଣୁ କେବଳ ଶୀଘ୍ର ଶୋଇଲେ ଡାଇବେଟିସ୍ ଭଲ ହୋଇଯିବ ବୋଲି ଭାବିବା ଭୁଲ୍ । ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟ, ପର୍ଯ୍ୟାପ୍ତ ନିଦ ଏବଂ ଡାକ୍ତରଙ୍କ ପରାମର୍ଶ ମଧ୍ୟ ଜରୁରୀ ।

କେଉଁ ଲଙ୍କା ଖାଇବା ଦେହ ପାଇଁ ଭଲ ?

ଲଙ୍କା ବିନା ଭାରତୀୟଙ୍କ ଖାଦ୍ୟ ଅଧୁରା । ଆମ ଘରେ ସାଧାରଣତଃ ଦୁଇ ପ୍ରକାରର ଲଙ୍କା ବ୍ୟବହାର ହୋଇଥାଏ- କଞ୍ଚା ସବୁଜ ଲଙ୍କା ଓ ଲାଲ ଶୁଖିଲା ଲଙ୍କା । ଉଭୟର ସ୍ୱାଦ ଭିନ୍ନ ଓ ସ୍ୱାସ୍ଥ୍ୟ ପାଇଁ ଭିନ୍ନ ଭିନ୍ନ କାମ କରିଥାନ୍ତି । ସବୁଜ ଲଙ୍କା ଶୁଖିଗଲେ ଲାଲ ହୋଇଯାଏ । କାରଣ ଏହା ସମସ୍ତ ଜଳୀୟ ଅଂଶ ହରାଇଥାଏ। ଆସନ୍ତୁ ଜାଣିବା, ଏହି ଦୁଇ ପ୍ରକାର ଲଙ୍କା ଭିତରେ କ'ଣ ରହିଛି ଫରକ ।



କେଉଁଟା ଭଲ: ଶୁଖିଲା ଲଙ୍କା ତୁଳନାରେ ସବୁଜ ଲଙ୍କା ଅଧିକ । ସବୁଜ ଲଙ୍କାରେ ଅଧିକ ଜଳୀୟ ଅଂଶ ଓ ଜିରୋ କ୍ୟାଲୋରି ଥାଏ । ଏହା ଓଜନ କମାଇବାରେ ସାହାଯ୍ୟ କରେ। ସବୁଜ ଲଙ୍କାରେ ବିଟା-କାରୋଟିନ୍, ଆଣ୍ଟିଅକ୍ସିଡାଣ୍ଟ୍ ଓ ଏଣ୍ଡୋରଫିନ୍‌ର ଉତ୍ସ ରହିଥାଏ । ଅଧିକ ଶୁଖିଲା ଲଙ୍କା ଖାଇଲେ ଆଭ୍ୟନ୍ତରୀଣ ପ୍ରଦାହ ଦେଖାଯାଏ, ଯାହାଦ୍ୱାରା ପେପ୍‌ଟିକ୍ ଅଲ୍‌ସର ହୋଇପାରେ। କଞ୍ଚା ଲଙ୍କାର ଲାଭ: ନିୟମିତ କଞ୍ଚା ଲଙ୍କା ଖାଇଲେ ଇନ୍‌ସୁଲିନ୍ ସ୍ତର ନିୟନ୍ତ୍ରିତ ହୋଇ ଉଚ୍ଚ ରକ୍ତ ଶର୍କରା ସ୍ତର ସନ୍ତୁଳିତ ହୋଇଥାଏ। ଡାଏଟାରି ଫାଇବରରେ ପରିପୂର୍ଣ୍ଣ କଞ୍ଚା ଲଙ୍କା ଭଲ ପାଚନ ପ୍ରକ୍ରିୟାରେ ସାହାଯ୍ୟ କରେ। କଞ୍ଚା ଲଙ୍କା ଭିଟାମିନ୍-ଇ ଓ ଭିଟାମିନ୍-ସିର ଉତ୍ସ, ଯାହା ସୁସ୍ଥ ତ୍ୱଚା ପାଇଁ ବହୁତ ଭଲ। ଯଥେଷ୍ଟ ବିଟା-କାରୋଟିନ୍ ପରିମାଣ ହେତୁ କଞ୍ଚା ଲଙ୍କା ହୃତ୍‌ପିଣ୍ଡକୁ କାର୍ଯ୍ୟକ୍ଷମ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଏ । ଶୁଖିଲା ଲଙ୍କାର ଲାଭ: ଏଥିରେ ଅଧିକ ପୋଟାସିୟମ୍ ଥିବାରୁ ଏହା ରକ୍ତବାହୀ ନଳୀକୁ ସକ୍ରିୟ କରି ରକ୍ତଚାପ ନିୟନ୍ତ୍ରଣ କରେ। ନାଲି ଲଙ୍କାରେ ଥିବା କ୍ୟାପ୍‌ସାଇସିନ୍ ନାମକ ଯୌଗିକ ଶରୀରର ମେଟାବୋଲିଜିମ୍ ହାର ବୃଦ୍ଧି କରିଥାଏ। ଏହା ଭିଟାମିନ୍-ସିରେ ପରିପୂର୍ଣ୍ଣ, ଯାହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏବଂ ଦୀର୍ଘକାଳୀନ ରୋଗ ସହ ଲଢ଼ିବାରେ ସାହାଯ୍ୟ କରେ। ଶୁଖିଲା ଲଙ୍କାରେ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ୍ ରହିଛି, ଯାହା ରକ୍ତବାହୀ ନଳୀ ତଥା ଧମନୀରେ ଥିବା ଅବରୋଧକୁ ଦେଇଥାଏ।

ସୁନା ଗହଣା କଳା ପଡ଼ିଗଲା କି ? ଘରେ ମାତ୍ର ୫ ମିନିଟ୍‌ରେ ଫେରାନ୍ତୁ ଚମକ, ଜାଣନ୍ତୁ ସହଜ ଟ୍ରିକ୍ !

ସୁନା ଗହଣା ପିନ୍ଧିବାକୁ ସମସ୍ତଙ୍କର ଭାରି ସଉକ। ସୁନା ଚେନ୍ ହେଉ କି କାନଫୁଲ, ଏହାର ଚମକ ଲୁକ୍‌କୁ କରିଦିଏ ଆହୁରି ଆକର୍ଷଣୀୟ। ହେଲେ ଦିନକୁ ଦିନ ସୁନା ଗହଣାର ଚମକ କମିଯାଉଛି କି ? ଧୂଳି, ଝାଳ ଓ ତେଲ ଲାଗି ଗହଣା କଳା ପଡ଼ିଯାଉଛି କି ? ତେବେ ଆଉ ଯିବାକୁ ପଡ଼ିବନି ସୁନା ଦୋକାନ। ଘରେ ଥିବା କିଛି ସାମଗ୍ରୀରେ ସଫା କରିପାରିବେ ଗହଣା। ଜାଣନ୍ତୁ ସୁନାର ଚମକ ଫେରାଇବାର ସହଜ ଉପାୟ। ସୁନା ଗହଣା କିଣିବାକୁ ଯେତିକି ଟଙ୍କା ଖର୍ଚ୍ଚ ହୁଏ, ତାର ଯତ୍ନ ନେବା ମଧ୍ୟ ସେତିକି ଜରୁରୀ। ନିୟମିତ ବ୍ୟବହାର ଯୋଗୁଁ ସୁନା ଚେନ୍, ମୁଦି ଓ କାନଫୁଲରେ ଧୂଳି, ଝାଳ, ତେଲ ଓ ଲୋସନ ଜମିଯାଏ। ଫଳରେ ଗହଣାର ଚମକ କମିବାକୁ ଲାଗେ। ତେବେ କିଛି ସହଜ ଉପାୟରେ ଏହାକୁ ସଫା ରଖିପାରିବେ।

୧. ହାଲୁକା ସାବୁନ ପାଣିରେ ସଫା କରନ୍ତୁ

ଏକ ପାତ୍ରରେ ହାଲୁକା ଉଷୁମ ପାଣି ନିଅନ୍ତୁ। ସେଥିରେ ଅଳ୍ପ ମାଇଲ୍ଡ ଲିକ୍ୱିଡ୍ ସୋପ୍ ମିଶାନ୍ତୁ। ସାଧା ସୁନା ଗହଣାକୁ କିଛି ମିନିଟ୍ ଭିଜାଇ ରଖି ନରମ ବ୍ରଶ୍‌ରେ ଧୀରେ ସଫା କରନ୍ତୁ। ପରେ ସଫା ପାଣିରେ ଧୋଇ ନରମ କପଡ଼ାରେ ପୋଛି ଦିଅନ୍ତୁ।

୨.ନରମ ବ୍ରଶ୍‌ରେ ହଟାନ୍ତୁ ମଇଳା। ଗହଣାର କୋଣ ଓ ଚେନ୍‌ର ଛୋଟ ଛୋଟ ଜାଗାରେ ମଇଳା ଜମିଥାଏ। ଏଥିପାଇଁ ନରମ ବ୍ରଶ୍ ବ୍ୟବହାର କରନ୍ତୁ। ଅଧିକ ଜୋରରେ ଘଷନ୍ତୁ ନାହିଁ।

୩.ଗହଣାର ଚମକ ରଖିବାକୁ ନିଅନ୍ତୁ ଯତ୍ନ

ଗହଣା ପିନ୍ଧିବା ପୂର୍ବରୁ ପରଫ୍ୟୁମ୍, ଲୋସନ ଓ କ୍ରିମ୍ ଲଗାଇ ଶୁଖିବାକୁ ଦିଅନ୍ତୁ। ବ୍ୟବହାର ପରେ ନରମ କପଡ଼ାରେ ପୋଛି ଅଲଗା ଡବାରେ ରଖନ୍ତୁ।

ଜାଣିରଖନ୍ତୁ: ସବୁ ସୁନା ଗହଣାକୁ ଏକାଭଳି ସଫା କରିବା ଠିକ୍ ନୁହେଁ। ଗହଣାରେ ମୋତି, ହୀରା କିମ୍ବା ଅନ୍ୟ ନାଜୁକ ପଥର ଲାଗିଥିଲେ ଉଷୁମ ପାଣିରେ ଭିଜାନ୍ତୁ ନାହିଁ। ଗୋଲ୍ଡ ପ୍ଲେଟେଡ୍ ଗହଣାକୁ ଘଷିବା କିମ୍ବା ରାସାୟନିକ ପଦାର୍ଥ ଲଗାଇବାରୁ ଦୂରେଇ ରୁହନ୍ତୁ। ବେକିଂ ସୋଡ଼ା, ଟୁଥପେଷ୍ଟ ଓ ହଳଦୀ ଲଗାଇ ଘଷିବା ମଧ୍ୟ ଏଡ଼ାନ୍ତୁ। ସନ୍ଦେହ ଥିଲେ ଗହଣା ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ମନେରଖନ୍ତୁ, ସଠିକ୍ ଯତ୍ନ ନେଲେ ଆପଣଙ୍କ ପ୍ରିୟ ସୁନା ଗହଣାର ଚମକ ଦୀର୍ଘଦିନ ରହିବ।



ସୀମା ବିବାଦର ସ୍ଥାୟୀ ସମାଧାନ କେବେ ?

ଓଡ଼ିଶାର ମାନଚିତ୍ରରେ କୋଟିଆ କେବଳ ଏକ ଭୌଗୋଳିକ ଅଞ୍ଚଳ ନୁହେଁ, ଏହା ରାଜ୍ୟର ସ୍ୱାଭିମାନ, ସୀମା ସୁରକ୍ଷା, ପ୍ରଶାସନିକ ଦକ୍ଷତା ଓ ଆଦିବାସୀ ଜନଜୀବନ ସହ ଜଡ଼ିତ ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ। ଦୀର୍ଘ ବର୍ଷ ଧରି ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ କୋଟିଆକୁ ନେଇ ଚାଲିଥିବା ସୀମା ବିବାଦ ଏବେ ମଧ୍ୟ ସମ୍ପୂର୍ଣ୍ଣ ସମାଧାନ ହୋଇପାରିନାହିଁ। ପ୍ରତ୍ୟେକ ନିର୍ବାଚନ ସମୟରେ ଏହି ପ୍ରସଙ୍ଗ ପୁଣି ଚର୍ଚ୍ଚାକୁ ଆସୁଛି। ଦୁଇ ରାଜ୍ୟର ପ୍ରଶାସନିକ ଓ ରାଜନୈତିକ କାର୍ଯ୍ୟକଳାପ ମଧ୍ୟରେ କୋଟିଆ ଅଞ୍ଚଳର ଲୋକମାନେ ନିଜର ଦୈନନ୍ଦିନ ଜୀବନ ବିତାଉଛନ୍ତି। ଏହି ସମସ୍ୟା ଏବେ ଆଉ କେବଳ ଦୁଇ ରାଜ୍ୟର ସୀମାକୁ ନେଇ ରହିନାହିଁ, ଏହା ସହିତ ଜଡ଼ିତ ହୋଇଛି ଲୋକଙ୍କ ମୌଳିକ ଅଧିକାର, ବିକାଶ ଓ ଭବିଷ୍ୟତର ପ୍ରଶ୍ନ।

ପ୍ରତ୍ୟେକ ରାଜ୍ୟ ପାଇଁ ନିଜର ସୀମାର ସୁରକ୍ଷା ଓ ଅଖଣ୍ଡତା ରକ୍ଷା କରିବା ଏକ ସାମ୍ବିଧାନିକ ଏବଂ ପ୍ରଶାସନିକ ଦାୟିତ୍ୱ। କିନ୍ତୁ ସୀମାନ୍ତ ଅଞ୍ଚଳରେ ବସବାସ କରୁଥିବା ସାଧାରଣ ଲୋକଙ୍କ ଜୀବନଧାରଣର ମାନ କେତେ ଉନ୍ନତ ହୋଇଛି, ସେମାନେ ସରକାରୀ ଯୋଜନାରୁ କେତେ ଲାଭ ପାଉଛନ୍ତି ଏବଂ ସେମାନଙ୍କ ଭବିଷ୍ୟତ କେତେ ସୁରକ୍ଷିତ, ତାହା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। କେବଳ ସୀମା ରକ୍ଷା କରିବାର ଦାବି କଲେ ହେବ ନାହିଁ, ସୀମାନ୍ତରେ ରହୁଥିବା ନାଗରିକଙ୍କ ମନରେ ନିଜ ରାଜ୍ୟ ଓ ପ୍ରଶାସନ ପ୍ରତି ବିଶ୍ୱାସ ସୃଷ୍ଟି କରିବା ମଧ୍ୟ ଆବଶ୍ୟକ।

ଦୀର୍ଘ ଦିନ ଧରି ଏହି ସମସ୍ୟା ଲାଗି ରହିଥିବା ସତ୍ତ୍ୱେ ଏହାର ସ୍ଥାୟୀ ସମାଧାନ କାହିଁକି ହୋଇପାରୁନାହିଁ, ତାହା ଏକ ବଡ଼ ପ୍ରଶ୍ନ। କେବଳ ସରକାରୀ ବୈଠକ, ରାଜନୈତିକ ବୟାନ, ପ୍ରତିବାଦ ଓ ଅସ୍ଥାୟୀ ପ୍ରଶାସନିକ ପଦକ୍ଷେପ ଦ୍ୱାରା ଏଭଳି ଜଟିଳ ସମସ୍ୟାର ସମାଧାନ ସମ୍ଭବ ନୁହେଁ। ଏଥିପାଇଁ ଦରକାର ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି, ଦୀର୍ଘମିଆଦୀ ଯୋଜନା, ନିୟମିତ ପ୍ରଶାସନିକ ତଦାରଖ ଏବଂ ଦୁଇ ରାଜ୍ୟ ମଧ୍ୟରେ ଗଠନମୂଳକ ଆଲୋଚନା।

କୋଟିଆର ସାଧାରଣ ଲୋକଙ୍କ ପାଇଁ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ମୌଳିକ ସୁବିଧା। ଗାଁରେ ଭଲ ରାସ୍ତା ନାହିଁ, ଅନେକ ସ୍ଥାନରେ ସ୍ୱାସ୍ଥ୍ୟସେବା ପହଞ୍ଚିବା କଷ୍ଟକର, ଶିକ୍ଷାର ସୁଯୋଗ ସୀମିତ ଏବଂ ପାନୀୟ ଜଳ ଭଳି ଆବଶ୍ୟକତା ପୂରଣ କରିବାରେ ମଧ୍ୟ ସମସ୍ୟା ରହିଛି। ଏଭଳି ପରିସ୍ଥିତିରେ ସୀମା ବିବାଦର ରାଜନୈତିକ ଚର୍ଚ୍ଚା ଅପେକ୍ଷା ଲୋକଙ୍କ ଜୀବନରେ ପ୍ରକୃତ ପରିବର୍ତ୍ତନ ଆଣିବା ଅଧିକ ଜରୁରୀ। ଯଦି ଜଣେ ଗ୍ରାମବାସୀ ଅସୁସ୍ଥ ହେଲେ ସମୟରେ ଡାକ୍ତରଖାନା ପହଞ୍ଚିପାରୁନାହାନ୍ତି, ଯଦି ଜଣେ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ ସୁବିଧା ପାଉନାହାନ୍ତି, ତେବେ ବିକାଶର ଦାବି କେବଳ କାଗଜପତ୍ରରେ ସୀମିତ ରହିଯିବ।

ଓଡ଼ିଶା ସରକାରଙ୍କ ପାଇଁ ଏହା ଏକ ବଡ଼ ଆହ୍ୱାନ। କୋଟିଆର ପ୍ରତ୍ୟେକ ଗାଁରେ ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟସେବା, ପକ୍କା ରାସ୍ତା, ପାନୀୟ ଜଳ, ବିଦ୍ୟୁତ୍ ଓ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦରକାର। ଏହି ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକରେ ଶିକ୍ଷକଙ୍କ ଉପସ୍ଥିତି, ପାଠପଢ଼ାର ଗୁଣବତ୍ତା ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଉପରେ ନିୟମିତ ନଜର ରଖିବା ଆବଶ୍ୟକ। ଶିକ୍ଷା ହେଉଛି ଏପରି ଏକ ମାଧ୍ୟମ, ଯାହା ମାଧ୍ୟମରେ ଆଗାମୀ ପିଢ଼ି ନିଜର ଅଧିକାର, କର୍ତ୍ତବ୍ୟ ଓ ସାମାଜିକ ଦାୟିତ୍ୱ ବିଷୟରେ ସଚେତନ ହୋଇପାରିବେ।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ସରକାରଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପଡ଼ିବ। ଦୁର୍ଗମ ଗ୍ରାମଗୁଡ଼ିକରେ ସ୍ୱାସ୍ଥ୍ୟ କେନ୍ଦ୍ର, ନିୟମିତ ଡାକ୍ତରୀ ସେବା, ଔଷଧ ଉପଲବ୍ଧତା ଓ ଜରୁରୀକାଳୀନ ଆମ୍ବୁଲାନ୍ସ ସୁବିଧା ରହିବା ଆବଶ୍ୟକ। ଗର୍ଭବତୀ ମହିଳା, ଶିଶୁ, ବୃଦ୍ଧବୃଦ୍ଧା ଓ ଗୁରୁତର ରୋଗୀଙ୍କ ପାଇଁ ଦ୍ରୁତ ଚିକିତ୍ସା ସେବା ନିଶ୍ଚିତ କରାଯିବା ଉଚିତ। ସରକାରୀ ଯୋଜନାର ସୁଫଳ ଯେପରି ପ୍ରତ୍ୟେକ ପରିବାର ପାଖରେ ପହଞ୍ଚିପାରିବ, ସେଥିପାଇଁ ପ୍ରଶାସନକୁ ଗ୍ରାମସ୍ତରରେ ଅଧିକ ସକ୍ରିୟ ହେବାକୁ ପଡ଼ିବ।

କୋଟିଆ ଅଞ୍ଚଳର ଅର୍ଥନୈତିକ ସ୍ଥିତିରେ ସୁଧାର ଆଣିବା ମଧ୍ୟ ଅତ୍ୟନ୍ତ ଜରୁରୀ। ଏଠାକାର ଅନେକ ପରିବାର କୃଷି, ଜଙ୍ଗଲଜାତ ଦ୍ରବ୍ୟ ଓ ଦୈନନ୍ଦିନ ଶ୍ରମ ଉପରେ ନିର୍ଭର କରନ୍ତି। ତେଣୁ ସେମାନଙ୍କ ପାଇଁ କୃଷି ସହାୟତା, ଜଳସେଚନ, ଉନ୍ନତ ବିହନ, ଫସଲର ଉଚିତ ମୂଲ୍ୟ ଓ ବଜାର ସୁବିଧା ନିଶ୍ଚିତ କରିବା ଦରକାର। ମହିଳା ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକୁ ଆର୍ଥିକ ସହାୟତା ଓ ତାଲିମ ଦେଇ ସ୍ୱାବଲମ୍ବୀ କରାଯାଇପାରିବ। ଯୁବକଯୁବତୀଙ୍କ ପାଇଁ କୌଶଳ ବିକାଶ ଓ ରୋଜଗାରର ସୁଯୋଗ ସୃଷ୍ଟି କରାଗଲେ ଅଞ୍ଚଳରୁ ବାହାରକୁ ଜୀବିକା ଅନ୍ୱେଷଣରେ ଯିବାର ବାଧ୍ୟବାଧକତା ମଧ୍ୟ କମିପାରିବ।

ଅନ୍ୟପକ୍ଷରେ, କୋଟିଆର ଭାଷା, ସଂସ୍କୃତି, ପରମ୍ପରା ଓ ଆଦିବାସୀ ଜୀବନଶୈଳୀର ସୁରକ୍ଷା ମଧ୍ୟ ଆବଶ୍ୟକ। ଏକ ଅଞ୍ଚଳର ପରିଚୟ କେବଳ ତାହାର ଭୌଗୋଳିକ ସୀମା ଦ୍ୱାରା ନିର୍ଦ୍ଧାରିତ ହୁଏନାହିଁ, ବରଂ ସେଠାକାର ଲୋକଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ତାହାର ପ୍ରକୃତ ପରିଚୟ। ତେଣୁ ଆଦିବାସୀ ସମାଜର ପରମ୍ପରାକୁ ସମ୍ମାନ ଦେଇ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଯୋଜନା କରିବା ଆବଶ୍ୟକ। ବିକାଶର ନାଁରେ ସେମାନଙ୍କର ମୌଳିକ ସାଂସ୍କୃତିକ ପରିଚୟ ଯେପରି ହଜି ନଯାଏ, ସେଥିପ୍ରତି ମଧ୍ୟ ସଚେତନ ରହିବାକୁ ପଡ଼ିବ।

ସୀମା ବିବାଦ ପ୍ରସଙ୍ଗରେ ରାଜନୈତିକ ଦଳମାନଙ୍କ ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାକୁ କେବଳ ନିର୍ବାଚନୀ ପ୍ରସଙ୍ଗ କରି ରାଜନୈତିକ ଫାଇଦା ହାସଲ କରିବାର ମାଧ୍ୟମ କରାଯିବା ଉଚିତ ନୁହେଁ। ସରକାରୀ ଦଳ ହେଉ କି ବିରୋଧୀ ଦଳ, ସମସ୍ତଙ୍କର ଦାୟିତ୍ୱ ହେଉଛି ଏହି ସମସ୍ୟାର ସମାଧାନ ପାଇଁ ଏକମତ ହୋଇ କାମ କରିବା। ରାଜ୍ୟର ସ୍ୱାର୍ଥ ସହ ଜଡ଼ିତ ଏପରି ସମ୍ବେଦନଶୀଳ ପ୍ରସଙ୍ଗରେ ଦଳୀୟ ମତଭେଦକୁ ପଛରେ ରଖିବା ଆବଶ୍ୟକ। ବିଧାନସଭାରେ ଆଲୋଚନା, ସର୍ବଦଳୀୟ ବୈଠକ ଓ ସ୍ଥାନୀୟ ପ୍ରତିନିଧିଙ୍କ ମତାମତ ଆଧାରରେ ଏକ ସ୍ପଷ୍ଟ କାର୍ଯ୍ୟଯୋଜନା ପ୍ରସ୍ତୁତ ହେବା ଉଚିତ।

ଏହି ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ମଧ୍ୟ ଜରୁରୀ। ଦୁଇ ରାଜ୍ୟ ମଧ୍ୟରେ ଆଲୋଚନା, ଆଇନଗତ ପ୍ରକ୍ରିୟା ଓ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଏକ ସ୍ଥାୟୀ ସମାଧାନର ରାସ୍ତା ବାହାର କରିବା ଦରକାର। ସୀମା ସମ୍ପର୍କିତ ତଥ୍ୟ, ପ୍ରଶାସନିକ ଦଲିଲ, ଐତିହାସିକ ପୃଷ୍ଠଭୂମି ଓ ଆଇନଗତ ଦିଗକୁ ଗୁରୁତ୍ୱ ଦେଇ ଆଲୋଚନା କରାଯିବା ଉଚିତ। ଏଥିସହିତ ସ୍ଥାନୀୟ ଲୋକଙ୍କ ମତାମତ ଓ ଅଧିକାରକୁ ମଧ୍ୟ ସମ୍ମାନ ଦେବା ଆବଶ୍ୟକ। କୌଣସି ପକ୍ଷ ଉତ୍ତେଜନାମୂଳକ ବୟାନ ଦେଇ ପରିସ୍ଥିତିକୁ ଜଟିଳ କରିବା ଉଚିତ ନୁହେଁ।

ସୀମାନ୍ତ ଅଞ୍ଚଳରେ ପ୍ରଶାସନିକ ଉପସ୍ଥିତି କେବଳ ନିର୍ବାଚନ କିମ୍ବା କୌଣସି ବିବାଦ ସମୟରେ ଅନୁଭବ ହେବା ଉଚିତ ନୁହେଁ। ଜିଲ୍ଲା ଓ ବ୍ଲକ୍ ସ୍ତରର ଅଧିକାରୀମାନେ ନିୟମିତ ଭାବେ ଅଞ୍ଚଳ ପରିଦର୍ଶନ କରିବା, ଲୋକଙ୍କ ସମସ୍ୟା ଶୁଣିବା ଏବଂ ତାହାର ସମାଧାନ ପାଇଁ ସମୟସୀମା ଧାର୍ଯ୍ୟ କରିବା ଦରକାର। ଗ୍ରାମସଭା ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ଆଲୋଚନା ମାଧ୍ୟମରେ ବାସ୍ତବ ସମସ୍ୟା ଚିହ୍ନଟ କରାଯାଇପାରିବ। କେଉଁ ଗାଁରେ ରାସ୍ତା ନାହିଁ, କେଉଁଠି ପାନୀୟ ଜଳର ସମସ୍ୟା ରହିଛି, କେଉଁଠି ସ୍ୱାସ୍ଥ୍ୟ କେନ୍ଦ୍ରର ଆବଶ୍ୟକତା ଅଛି, ଏହାର ସଠିକ୍ ତଥ୍ୟ ସଂଗ୍ରହ କରି ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରାଯିବା ଉଚିତ।

ଏହା ସହିତ ସରକାରୀ ଯୋଜନାର ସଫଳତା ମାପିବା ପାଇଁ କେବଳ ଖର୍ଚ୍ଚ ହୋଇଥିବା ଅର୍ଥର ହିସାବ ଯଥେଷ୍ଟ ନୁହେଁ। କେତେ ଲୋକ ଉପକୃତ ହେଲେ, କେତେ ପରିବାରର ଜୀବନଧାରଣରେ ପରିବର୍ତ୍ତନ ଆସିଲା ଏବଂ କେତେ ଶିଶୁ ନିୟମିତ ଶିକ୍ଷା ପାଇପାରିଲେ, ଏହାର ମୂଲ୍ୟାଙ୍କନ ହେବା ଆବଶ୍ୟକ। ସରକାରୀ ଅର୍ଥର ସଠିକ୍ ବିନିଯୋଗ ଓ ଯୋଜନାର ସ୍ୱଚ୍ଛ କାର୍ଯ୍ୟକାରିତା ହେଲେ ହିଁ ଲୋକଙ୍କ ମଧ୍ୟରେ ପ୍ରଶାସନ ପ୍ରତି ବିଶ୍ୱାସ ବଢ଼ିପାରିବ।

କୋଟିଆର ପ୍ରସଙ୍ଗ ଆମକୁ ଆଉ ଏକ ବଡ଼ ଶିକ୍ଷା ଦେଉଛି। ରାଜ୍ୟର ଉପାନ୍ତ ଓ ଦୁର୍ଗମ ଅଞ୍ଚଳଗୁଡ଼ିକର ବିକାଶକୁ ଯଦି ଆମେ ଅବହେଳା କରିବା, ତେବେ ସେଠାରେ ରହୁଥିବା ଲୋକମାନେ ନିଜକୁ ବିକାଶର ମୁଖ୍ୟସ୍ରୋତରୁ ବିଚ୍ଛିନ୍ନ ଅନୁଭବ କରିବେ। ରାଜ୍ୟର ରାଜଧାନୀରେ ବସି ଯୋଜନା ପ୍ରସ୍ତୁତ କରିଦେଲେ ତାହାର ସଫଳତା ନିଶ୍ଚିତ ହୁଏନାହିଁ। ଯେଉଁଠାରେ ସମସ୍ୟା ରହିଛି, ସେଠାକୁ ପ୍ରଶାସନ ପହଞ୍ଚିବା ଦରକାର। ଲୋକଙ୍କ ଆବଶ୍ୟକତା ଓ ମତାମତ ଅନୁଯାୟୀ ଯୋଜନା ପ୍ରସ୍ତୁତ ହେଲେ ହିଁ ବିକାଶର ପ୍ରକୃତ ଲକ୍ଷ୍ୟ ପୂରଣ ହୋଇପାରିବ।

ବାତ୍ୟା ବିଭୀଷିକା-କାରଣ, ସୁରକ୍ଷା ବ୍ୟବସ୍ଥା ଓ ପ୍ରତିକାର



ସୁଷମା ପରିଜା

ଓଡ଼ିଆ ଭାଷାରେ ବାତ୍ୟା ବା ଆମେ କହୁଥିବା "'ଘୂର୍ଣ୍ଣିବାତ୍ୟା" ଏକ ପ୍ରାକୃତିକ ବିପର୍ଯ୍ୟୟ। ସମୁଦ୍ର ପୃଷ୍ଠରେ ସୃଷ୍ଟି ହେଉଥିବା ଲଘୁଚାପଏବଂ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇବା ବାତ୍ୟା ସୃଷ୍ଟିର ମୁଖ୍ୟ କାରଣ ଅଟେ । ବାୟୁମଣ୍ଡଳର ଏକ ନିର୍ଦ୍ଦିଷ୍ଟ କେନ୍ଦ୍ରରେ ଅତି କମ୍ ଚାପ ସୃଷ୍ଟି ହେଲେ ଚାରିପାଖର ଗରମ ବାୟୁ ସେହି ଶୂନ୍ୟସ୍ଥାନକୁ ପୂରଣ କରିବା ପାଇଁ ଘୂରି ଘୂରି ଉପରକୁ ଉଠିଥାଏ, ଯାହା ପରବର୍ତ୍ତୀ ସମୟରେ ବାତ୍ୟାର ରୂପ ନିଏ । ଓଡ଼ିଶାକୁ ସର୍ବାଧିକ କ୍ଷତିଗ୍ରସ୍ତ କରିଥିଲା ୨୯ ଅକ୍ଟୋବର ୧୯୯୯ ରମହାବାତ୍ୟା। ଏଥିରେ ଅନେକ ଧନ ଜୀବନ ନଷ୍ଟ ହ୍ୱୋ ସହିତ କୃଷି ଓ ଗୋ ସମ୍ପଦର ଅଭୂତପୂର୍ବ କ୍ଷତି ହୋଇଥିଲା। ଅନେକ ଗାଆଁ ସମୁଦ୍ରର "ଆଁ"ରେ ବିଲୀନ ହୋଇ ଯାଇଥିଲା ଯାହା ଆଜି ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ହୃଦୟରେ ଗଭୀର କ୍ଷତ ଟିଏ ହୋଇ ରହିଛି। ତା' ପରସମୟରେ ଆହୁରି ଅନେକ ଗୁଡ଼ିଏ ବାତ୍ୟା ଆସିଛି ଓଡ଼ିଶା କୁ। ତହିଁରୁ ରାଜ୍ୟକୁ ଅଧିକ କ୍ଷତିଗ୍ରସ୍ତ କରିଥିବା ବାତ୍ୟା ଗୁଡ଼ିକ ହେଲେ ୨୦୧୩ ଫାଇଲିନ୍, ୨୦୧୫ ହୁଡହୁଡ , ୨୦୧୯ର ଫନି, ୨୦୧୮ର ତିତଲି, ୨୦୨୪ର ଦାନା ।

ବାତ୍ୟା ସୃଷ୍ଟି ହେବାର ମୁଖ୍ୟ ବୈଜ୍ଞାନିକ ଓ ଭୌଗୋଳିକ କାରଣଗୁଡ଼ିକ ହେଲା -

୧. ସମୁଦ୍ରର ଗରମ ଜଳବାୟୁ - ବାତ୍ୟା ସୃଷ୍ଟି ହେବା ପାଇଁ ସମୁଦ୍ରର ତାପମାତ୍ରା **26.5°** ସେଲସିୟସ୍ (**26.5°C**) କିମ୍ବା ତା'ଠାରୁ ଅଧିକ ହେବା ଆବଶ୍ୟକ । ଅଧିକ ଗରମ ଯୋଗୁଁ ସମୁଦ୍ରରୁ ପ୍ରଚୁର ପରିମାଣରେ ଜଳୀୟବାଷ୍ପ ସୃଷ୍ଟି ହୋଇ ବାୟୁମଣ୍ଡଳକୁ ଯାଇଥାଏ, ଯାହା ବାତ୍ୟାକୁ ଶକ୍ତି ଯୋଗାଏ ।

୨. ଲଘୁଚାପ ସୃଷ୍ଟି ହେବା - ଯେତେବେଳେ ସମୁଦ୍ର ପୃଷ୍ଠର ବାୟୁ ଗରମ ହୋଇ ହାଲୁକା ହୋଇଯାଏ, ସେତେବେଳେ ତାହା କ୍ଷିପ୍ର ଗତିରେ ଉପରକୁ ଉଠିବାକୁ ଲାଗେ । ଫଳରେ ସେହି ଅଞ୍ଚଳରେ ଏକ ଶୂନ୍ୟସ୍ଥାନ ବା କମ୍ ବାୟୁଚାପ ବଳୟ (ଲଘୁଚାପ) ସୃଷ୍ଟି ହୁଏ।

୩. କୋରିଓଲିସ୍ ବଳ -ପୃଥିବୀର ନିଜ ଅକ୍ଷ ଚାରିପାଖରେ ଘୂର୍ଣ୍ଣନ ଯୋଗୁଁ ଏକ ପ୍ରକାର ବଳ ସୃଷ୍ଟି ହୁଏ, ଯାହାକୁ କୋରିଓଲିସ୍ ବଳ (**Coriolis Force**) କୁହାଯାଏ । ଏହି ବଳ ଯୋଗୁଁ ଲଘୁଚାପ କେନ୍ଦ୍ର ଆଡ଼କୁ ମାଡ଼ି ଆସୁଥିବା ବାୟୁ ସିଧା ନଯାଇ ପାଗଳ ଭଳି ଗୋଲାକାର ଭାବେ ଘୂରିବାକୁ ଲାଗେ ।

୪. ଜଳୀୟବାଷ୍ପର ଘନୀଭବନ - ଉପରକୁ ଉଠୁଥିବା ଗରମ ଓ ଓଦା ବାୟୁ ଉପରେ ପହଞ୍ଚି ଥଣ୍ଡା ହୁଏ ଏବଂ ଜଳୀୟବାଷ୍ପ ଗୁଡ଼ିକ ମେଘରେ ପରିଣତ ହୁଅନ୍ତି । ଏହି ପ୍ରକ୍ରିୟାରେ ଏକ ପ୍ରକାର ଗୁପ୍ତ ଉତ୍ତାପ (**Latent Heat**) ନିର୍ଗତ ହୁଏ, ଯାହା ବାତ୍ୟାର ଗତିକୁ ଆହୁରି ତୀବ୍ର ଓ ଭୟଙ୍କର କରିଦିଏ ।

ଆମ ଓଡ଼ିଶାରେ ସାଧାରଣତଃ ଅକ୍ଟୋବର-ନଭେମ୍ବର ମାସରେ ଅଧିକ ବାତ୍ୟା ହୋଇଥାଏ କାରଣ...

ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ବଙ୍ଗୋପସାଗର (**Bay of Bengal**) ନିକଟରେ ଅବସ୍ଥିତ । ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ସମୟରେ ଅର୍ଥାତ୍ ଅକ୍ଟୋବର ଓ ନଭେମ୍ବର ମାସରେ ବଙ୍ଗୋପସାଗରର ତାପମାତ୍ରା ବହୁତ ବଢ଼ିଯାଏ । ଏହି କାରଣରୁ ଓଡ଼ିଶା ପ୍ରତିବର୍ଷ ଏହି ସମୟରେ ବଡ଼ ବଡ଼ ବାତ୍ୟାର ସାମ୍ନା କରିଥାଏ । ବାତ୍ୟାର କେନ୍ଦ୍ରବିନ୍ଦୁକୁ ଓଡ଼ିଆରେ 'ବାତ୍ୟାର ଆଖି' କୁହାଯାଏ ।ଓଡ଼ିଶାରେ ବାରମ୍ବାର ବାତ୍ୟା ଆସିବାର ମୁଖ୍ୟ କାରଣ ହେଉଛି ଏହାର ଭୌଗୋଳିକ ଅବସ୍ଥିତି ଏବଂ ବଙ୍ଗୋପସାଗରର ଅନୁକୂଳ ପରିବେଶ।

ଉଷ୍ମ ସମୁଦ୍ରର ତାପମାତ୍ରା: ବାତ୍ୟା ସୃଷ୍ଟି ହେବା ପାଇଁ ସମୁଦ୍ର ପୃଷ୍ଠର ତାପମାତ୍ରା ଅତିକ୍ରମରେ **26.5°** ସେଲସିୟସରୁ ଅଧିକ ହେବା ଆବଶ୍ୟକ। ବଙ୍ଗୋପସାଗରର ତାପମାତ୍ରା ସବୁବେଳେ ଅଧିକ ରହିଥାଏ, ଯାହା ବାତ୍ୟାକୁ ଶକ୍ତି ଯୋଗାଇଥାଏ।

ଭୌଗୋଳିକ ଆକାର (**Bay Shape**): ବଙ୍ଗୋପସାଗରର ଆକାର ଏକ ତ୍ରିଭୁଜ ପରି। ଯେତେବେଳେ ଏଠାରେ ପବନ ଘୂର୍ଣ୍ଣିବଳୟ ସୃଷ୍ଟି କରେ, ସେତେବେଳେ ଏହି ଆକାର ଯୋଗୁଁ ପବନ ଏବଂ ପାଣି ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ଉପକୂଳ ଆଡ଼କୁ ମାଡ଼ି ଆସନ୍ତି।

କମ୍ ଗଭୀରତା: ଆରବ ସାଗର ତୁଳନାରେ ବଙ୍ଗୋପସାଗର କମ୍ ଗଭୀର। ଏହା ଦ୍ୱାରା ସମୁଦ୍ରର ଉପରିଭାଗ ଜଳ ଶୀଘ୍ର ଗରମ ହୋଇ ବାଷ୍ପୀଭୂତ ହୁଏ ଏବଂ ଲଘୁଚାପ ସୃଷ୍ଟି ହୋଇ ବାତ୍ୟାର ରୂପ ନିଏ।

ଶାନ୍ତ ପବନ (**Low Wind Shear**): ବଙ୍ଗୋପସାଗର ଉପରେ ବାୟୁମଣ୍ଡଳର ଉପରିଭାଗ ଏବଂ ତଳଭାଗର ପବନର ଗତି ମଧ୍ୟରେ ଅଧିକ ପାର୍ଥକ୍ୟ ନଥାଏ। ଏହା ବାତ୍ୟାକୁ ସହଜରେ ଉପରକୁ ଉଠିବାରେ ଏବଂ ଅଧିକ ଶକ୍ତିଶାଳୀ ହେବାରେ ସାହାଯ୍ୟ କରେ।

ପ୍ରଶାନ୍ତ ମହାସାଗରର ପ୍ରଭାବ: ଅନେକ ସମୟରେ ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଉଥିବା ବାତ୍ୟା (**Typhoons**) ଗୁଡ଼ିକ ଥାଇଲ୍ୟାଣ୍ଡ ପାର ହୋଇ ବଙ୍ଗୋପସାଗରରେ ପ୍ରବେଶ କରନ୍ତି ଏବଂ ପୁନର୍ବାର ଜୀବନ୍ତ ହୋଇ ଓଡ଼ିଶା ଉପକୂଳମୁଖୀ ହୁଅନ୍ତି।

ପ୍ରାକୃତିକ ବାତ୍ୟା କୁ ସମ୍ପୂର୍ଣ୍ଣ ରୂପେ ରୋକିବା ସମ୍ଭବ ନୁହେଁ, କାରଣ ଏହା ଏକ ପ୍ରାକୃତିକ ଚକ୍ର କିନ୍ତୁ ସଠିକ ସତର୍କତା ଏବଂ ପ୍ରସ୍ତୁତି ଦ୍ୱାରା ଏହାର କ୍ଷୟକ୍ଷତିକୁ ସମ୍ପୂର୍ଣ୍ଣ କମ କରାଯାଇପାରିବ। ଓଡ଼ିଶାରେ ବାତ୍ୟା ସମୟରେ ନିଜକୁ ଏବଂ ନିଜ ପରିବାରକୁ ସୁରକ୍ଷିତ ରଖିବା ପାଇଁ ନିମ୍ନଲିଖିତ ପଦକ୍ଷେପ ଗୁଡ଼ିକ ଗ୍ରହଣ କଲେ ନିଶ୍ଚିତ ଭାବରେ ଆମେ ଉପକୃତ ହୋଇ ପାରିବା।:

ବାତ୍ୟା ପୂର୍ବରୁ ପ୍ରସ୍ତୁତି -

ଜରୁରୀକାଳୀନ ସାମଗ୍ରୀ ଯଥା ଶୁଖିଲା ଖାଦ୍ୟ (ଚୁଡ଼ା, ବିସ୍କୁଟ), ପିଇବା ପାଣି, ଫାଷ୍ଟ ଏଡ୍ ବାକ୍ସ, ଏବଂ ଜରୁରୀକାଳୀନ ଔଷଧ ସଂଗ୍ରହ କରି ରଖନ୍ତୁ। ମୋବାଇଲ୍ ଫୋନ୍, ପାୱାର ବ୍ୟାଙ୍କ ଏବଂ ଟର୍ଚ୍ଚ ଲାଇଟ୍ ସମ୍ପୂର୍ଣ୍ଣ ଚାର୍ଜ କରି ରଖନ୍ତୁ। ବ୍ୟାଟେରୀ ଚାଳିତ ରେଡିଓ ପାଖରେ ରଖନ୍ତୁ।

ଘରର କବାଟ ଓ ଝରକା ଭଲଭାବେ ବନ୍ଦ କରନ୍ତୁ। ବାଲକୋନି କିମ୍ବା ଛାତ ଉପରେ ଥିବା ଆଲଗା ଜିନିଷପତ୍ର ଓ ଗଛକୁ ସୁରକ୍ଷିତ ସ୍ଥାନକୁ ଆଣନ୍ତୁ।

ଆପଣଙ୍କର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯେମିତି କି ଆଧାର କାର୍ଡ, ବ୍ୟାଙ୍କ ବହି ଓ ଅନ୍ୟାନ୍ୟ ଜରୁରୀ ଦଲିଲ୍ ଏକ ୱାଟରପ୍ରୁଫ୍ ବ୍ୟାଗରେ ସୁରକ୍ଷିତ ରଖନ୍ତୁ।

ବାତ୍ୟା ସମୟରେ ସତର୍କତା -

ଘର ଭିତରେ ରୁହନ୍ତୁ: ବାତ୍ୟା ଚାଲିଥିବା ସମୟରେ କୌଣସି ପରିସ୍ଥିତିରେ ବି ବାହାରକୁ ଯାଆନ୍ତୁ ନାହିଁ। ଝରକା ଏବଂ କବାଟଠାରୁ ଦୂରରେ ରୁହନ୍ତୁ।

ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରନ୍ତୁ: ଘରର ସମସ୍ତ ବୈଦ୍ୟୁତିକ ସରଞ୍ଜାମର ପ୍ଲଗ୍ ବାହାର କରି ଦିଅନ୍ତୁ ଏବଂ ମେନ୍ ସୁଇଚ୍ ବନ୍ଦ କରିଦିଅନ୍ତୁ।

କେବଳ ସରକାରୀ ଓ ବିଶ୍ୱସନୀୟ ଗଣମାଧ୍ୟମର ଖବର ଉପରେ ବିଶ୍ୱାସ କରନ୍ତୁ, ଗୁଜବ ପ୍ରତି ଧ୍ୟାନ ଦିଅନ୍ତୁ ନାହିଁ।

ଆଶ୍ରୟ ସ୍ଥଳୀକୁ ଯାଆନ୍ତୁ: ଯଦି ଆପଣଙ୍କର କଚ୍ଚା ଘର କିମ୍ବା ତାହା ବାତ୍ୟା ପ୍ରବଣ ଅଞ୍ଚଳରେ ଅଛି, ତେବେ ପ୍ରଶାସନର ନିର୍ଦ୍ଦେଶ କ୍ରମେ ତୁରନ୍ତ ନିକଟସ୍ଥ ବାତ୍ୟା ଆଶ୍ରୟ ସ୍ଥଳୀକୁ ଚାଲିଯାଆନ୍ତୁ।

ବାତ୍ୟା ପରବର୍ତ୍ତୀ ସତର୍କତା -

ସରକାର କିମ୍ବା ପାଣିପାଗ ବିଭାଗ ପକ୍ଷରୁ ପରିସ୍ଥିତି ସ୍ୱାଭାବିକ ହେବାର ସୂଚନା ନମିଳିବା ପର୍ଯ୍ୟନ୍ତ ବାହାରକୁ ବାହାରନ୍ତୁ ନାହିଁ।

ବିପଦଜନକ ଜିନିଷଠାରୁ ଦୂରେଇ ରୁହନ୍ତୁ: ଛିଣ୍ଡି ପଡ଼ିଥିବା ବୈଦ୍ୟୁତିକ ତାର, ଭାଙ୍ଗିଯାଇଥିବା ଗଛ କିମ୍ବା ଧାରୁଆ ଆବର୍ଜନାଠାରୁ ଦୂରରେ ରୁହନ୍ତୁ।


ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ: ବାତ୍ୟା ପରେ ପାଣି ଦୂଷିତ ହେବାର ସମ୍ଭାବନା ଥାଏ, ତେଣୁ ପାଣିକୁ ସବୁବେଳେ ଫୁଟାଇ କିମ୍ବା ବିଶୁଦ୍ଧ କରି ପିଅନ୍ତୁ।

ନିହାତି ଦରକାର ହେଲେ ଓଡ଼ିଶା ର ଜରୁରୀକାଳୀନ ନମ୍ବର: ୧୦୭୦କୁ ଫୋନ୍ କରନ୍ତୁ।

ଦୀର୍ଘକାଳୀନ ପ୍ରତିକାର ସ୍ୱରୂପ ଉପକୂଳ ଅଞ୍ଚଳରେ ଅଧିକରୁ ଅଧିକ ହେନ୍ତାଳ ବନ (**Mangroves**) ଏବଂ ଗଛ ଲଗାଇବା ଦ୍ୱାରା ବାତ୍ୟାର ପବନର ଗତିକୁ କମାଯାଇ ପାରିବ। କାରଣ ଏଇ ବିଶାଳ ହେନ୍ତାଳ ଗଛ ଗୁଡ଼ିକ ଡାଳପତ୍ର ମେଲି ବାତ୍ୟା ସମୟରେ ଆମର ତଟ ରକ୍ଷକ ସାହାଯ୍ୟ କରିବା ସହ ମୃତ୍ତିକା କ୍ଷୟକୁ ମଧ୍ୟ ପ୍ରତିରୋଧ କରିଥାନ୍ତି। ଏହି ସବୁ ପ୍ରତିରୋଧକ ବ୍ୟବସ୍ଥା କରିଦେଲେ ବାତ୍ୟାର ପ୍ରକୋପରୁ ଆମେ ନିଶ୍ଚିତ ଭାବରେ ରକ୍ଷା ପାଇବା ।

+ଶାରଳା ଭବନ
ପୋତା ପୋଖରୀ, କଟକ-୪

ବିକ୍ରୀ ହେଉଛି ଭବିଷ୍ୟତ: ବେପାର କୋଟି କୋଟି ଟଙ୍କାର



ଗୋପାଳ ମହାପାତ୍ର

ଏବେ ଭବିଷ୍ୟତ ବିକ୍ରୀ ହେଉଛି। କଥାଟା କେମିତି କେମିତି ଲାଗିଲେ ମଧ୍ୟ ଏକଥା ସତ୍ୟ। ମୋବାଇଲ (ସ୍ମାର୍ଟଫୋନ)ରେ ଅନେକ ସମୟରେ ଜ୍ୟୋତିଷ, ଭବିଷ୍ୟତ ବକ୍ତାଙ୍କ ପ୍ରଚାର ପ୍ରସାର ହେଉଛି। ସ୍ମାର୍ଟଫୋନ ବ୍ୟବହାରକାରୀ ମାନେ ନିଶ୍ଚୟ ଏଭଳି ଭବିଷ୍ୟବକ୍ତା ଏଆଇ ମାନଙ୍କ ବାବଦରେ ନିଶ୍ଚୟ ଜାଣିଥିବେ। ମୋବାଇଲ ସ୍କ୍ରିନରେ ଆସୁଥିବା ଭବିଷ୍ୟତ ସମ୍ପର୍କୀତ ରିଲକୁ ଦେଖି ଅନେକ ମଧ୍ୟ ସେହି ମୋବାଇଲ ଆପ୍‌କୁ ଡ଼ାଉନଲୋଡ଼୍ କରୁଛନ୍ତି ଓ ଅନେକ ପ୍ରଶ୍ନ ମଧ୍ୟ ପଚାରୁଥିବା ବାବଦରେ ଜଣାପଡ଼ିଛି। ଆଷ୍ଟ୍ରୋଟକ, ରେଭା ଭଳି ଅନେକ ମୋବାଇଲ ଆପ୍ ଗୁଗ୍‌ଲ ପ୍ଲେଷ୍ଟୋରରେ ରହିଛି ଯାହାକୁ ଡ଼ାଉନଲୋଡ଼୍ କରି ପ୍ରଶ୍ନ ପଚାରିବା ପାଇଁ ପ୍ରଚାର କରାଯାଉଛି। ମୋବାଇଲରେ ପ୍ରସାରିତ ଏସବୁ ଜ୍ୟୋତିଷୀ ଆପ୍ ସମ୍ପର୍କୀତ ରିଲ/ଭିଡ଼ିଓରୁ ସ୍ପଷ୍ଟ ଯେ ଜ୍ୟୋତିଷ ଶାସ୍ତ୍ର ଏବେ ଜ୍ଞାନ ନୁହେଁ ବରଂ ସାମଗ୍ରୀ ପାଲଟି ଯାଇଛି ଯେଉଁଠି ଭବିଷ୍ୟ ନିର୍ଣ୍ଣୟ କରିବା ସାଧନା ନୁହେଁ ବରଂ ବ୍ୟବସାୟ ଅଟେ। ଚିନ୍ତା ଜ୍ୟୋତିଷ ବା ସେଇ ଶାସ୍ତ୍ର ପାଇଁ ନୁହେଁ ବରଂ ଚିନ୍ତା ହେଉଛି ଯିଏ ଭବିଷ୍ୟବାଣୀକୁ ପ୍ରଚାରତନ୍ତ୍ର (ସାମାଜିକଗଣମାଧ୍ୟମ) ରେ ପରିଣତ କରିଦେଇଛି ତାକୁ ନେଇ। ପୂର୍ବରୁ ଜ୍ୟୋତିଷଙ୍କୁ ଲୋକେ ଭେଟୁଥିଲେ। ଜନ୍ମ ସମୟ, ଜାତକଦେଖାଇ ପ୍ରଶ୍ନ ପଚାରୁଥିଲେ, ଅନେକ ଆଲୋଚନା ହେଉଥିଲା କିନ୍ତୁ ଏବେ ସେହି ଜ୍ୟୋତିଷ/ଜ୍ୟୋତିଷୀ ମୋବାଇଲ ସ୍କ୍ରିନେରେ କିନ୍ତୁ ଉତ୍ତରଦାୟୀତ୍ୱ ନାହିଁ। ମୋବାଇଲ ସ୍କ୍ରିନ୍‌ର ଜ୍ୟୋତିଷ (ଏଆଇ) ଲୋକଙ୍କ ଦୁଃଖ ଜାଣେନି, କିନ୍ତୁ କ'ଣ କହିଲେ ବା କେଉଁ ଶବ୍ଦ ପ୍ରୟୋଗ କଲେ ଲୋକଙ୍କ ନଜରକୁ ଆସି ପାରିବ ସେ କଥା ହିଁ କହିଥାଏ।

ମୋବାଇଲର ଏହି ଭବିଷ୍ୟବାଣୀ ଏବେ ବ୍ୟବସାୟରେ ପରିଣତ ହୋଇଯାଇଛି ଓ ବ୍ୟବସାୟର ଆକାର ମଧ୍ୟ ଛୋଟ ନୁହେଁ। ଏକ ରିପୋର୍ଟ ଅନୁସାରେ ଆଷ୍ଟ୍ରୋଟକ ନାମକ ଏକ ଭବିଷ୍ୟବାଣୀ କରୁଥିବା ୱେବସାଇଟ ୨୦୨୬ ଅଗଷ୍ଟ ମାସରେ ଏକ ଅରବ ଡ଼ଲାରରୁ ଅଧିକ ବ୍ୟବସାୟ କରିଛି। ଏହି ୱେବସାଇଟର ଆୟ ୨୦୨୨-୨୩ରେ ପାଖାପାଖି ୨୮୩ କୋଟି ଥିଲା କିନ୍ତୁ ୨୦୨୪-୨୫ ଏହାର ଆୟ ୧୧୨୬ କୋଟି ଟଙ୍କାରେ ପହଚିଂଥିଲା। ୨୦୨୫-୨୬ରେ ଏହି ୱେବସାଇଟ ସରକାରଙ୍କୁ ଟିକସ ଦେବା ପରେ ୨୮୫ କୋଟି ଟଙ୍କା ଲାଭ କରିଛି। ରୁଦ୍ରାକ୍ଷ, ରତ୍ନ ଏବଂ କ୍ରିଷ୍ଟାଲ ଭଳି ବସ୍ତୁ ବିକ୍ରୀରୁ ଏହି ସଂସ୍ଥାର ଏକ ସହଯୋଗୀ ସଂସ୍ଥା ୨୦୨୫ ରେ ୧୪୦ କୋଟିରୁ ଅଧିକ ଆୟ କରିଥିଲେ। ଏହା କେବଳ ଆଷ୍ଟ୍ରୋକର କଥା। ଏମିତି ଅନେକ ଆପ୍/ୱେବସାଇଟ ଅଛନ୍ତି ସେମାନେ ମଧ୍ୟ ଆୟ କରୁଥିବେ। ଭବିଷ୍ୟ କହିବା ଏସବୁ ଆପ୍/ୱେବସାଇଟର ପ୍ରଥମ ପାହାଚ ଯାହା ଅନେକ ସମୟରେ ମାଗଣ ଅଥବା ସ୍ୱଳ୍ପ ମୂଲ୍ୟରେ ପ୍ରଦାନ କରାଯାଏ କିନ୍ତୁ ପରବର୍ତ୍ତି ସମୟରେ ଏହା ଦର୍ଶକ (ୱେବସାଇଟ ବ୍ୟବହାର କାରୀ)ଙ୍କ ଚିନ୍ତା ପାଇଁ ଅନେକ ପରାମର୍ଶ ଦେଇଥାନ୍ତି, ଅନେକ ଉପାୟ ବତାଇବା ସହ ବିଭିନ୍ନ ରତ୍ନ କିଣିବା ପାଇଁ ଏକ ପ୍ରକାର ମାନସିକ ଚାପ ପ୍ରୟୋଗ କରିଥାନ୍ତି। ଭରଷା, ଭୟ ପ୍ରଦର୍ଶନ ଏବଂ ପରେ ରତ୍ନ ବା ରୁଦ୍ରାକ୍ଷ ଭଳି ବସ୍ତୁର ବିକ୍ରୟ ଏହି ଧନ୍ଦାର ଅସଲ ପୁଅ ଅଟେ। ମୋବାଇଲ ମାଧ୍ୟମରେ ରିଲ/ଭିଡ଼ିଓ ପ୍ରସାର କରି ଡ଼ର ସୃଷ୍ଟି କରିବା ପରେ ବ୍ୟକ୍ତିଗତ ସମ୍ବନ୍ଧ ଏବଂ ଗ୍ରହଦେଷରୁ ମୁକ୍ତି ପାଇଁ ତୁରନ୍ତ ଉପାୟ କଥା କୁହାଯାଏ। ଭବିଷ୍ୟବାଣୀ ଏଠି ଭବିଷ୍ୟ ବାବଦରେ ସୂଚନା ନୁହେଁ ଆକର୍ଷଣ କରିବାର ବ୍ୟବସ୍ଥା ଏବଂ ଉପାୟ ଧର୍ମ ନୁହେଁ ଏଠି ସାମଗ୍ରୀ ବିକ୍ରୀର ବ୍ୟବସ୍ଥାରେ ପରିଣତ ହେଇଛି।

ଯେତେବେଳେ କୌଣସି ଜ୍ୟୋତିଷ ଯୁଦ୍ଧ, ଆର୍ଥୀକ ଅବ୍ୟବସ୍ଥା ଅଥବା ପ୍ରାକୃତିକ ଦୁର୍ବିପାକ ପ୍ରସଙ୍ଗରେ ଭବିଷ୍ୟବାଣୀ କରିଥାନ୍ତି ସେତେବେଳେ ଲକ୍ଷଲକ୍ଷ ଲୋକଙ୍କ ମନରେ ଚିନ୍ତା ବଢ଼ିଥାଏ ଏବଂ ଭବିଷ୍ୟବାଣୀ ଭୁଲ ହେଲେ ତାକୁ ନେଇ କେହି କେବେ କାହାରିକୁ ଦୋଷି ବୋଲି କହିନଥାନ୍ତି। ଭବିଷ୍ୟବକ୍ତାଙ୍କୁ କୌଣସି ଦଣ୍ଡ ନାହିଁ। ଭବିଷ୍ୟବାଣୀର ଏହି ବଜାରରେ ଠିକ୍ ଏବଂ ଭୁଲର ମାନଦଣ୍ଡ ବଦଳି ଯାଇଛି। ରିଲ/ଭିଡ଼ିଓର ସଫଳତା ସତ୍ୟତା ରେ ନୁହେଁ ବର କେତେ ଲୋକଙ୍କ ପାଖରେ ପହଚିଂ ପାରୁଛି ସେଥିରୁ ସ୍ଥିର ହୋଇଥାଏ। ଯେଉଁ ଭବିଷ୍ୟବାଣୀ ଅଧିକ ଲୋକଙ୍କ ପାଖରେ ପହଚେଂ ତାହା ସତ୍ୟ ପାଲଟିଥାଏ। ଗୀତାରେ ଉଲ୍ଲେଖ ଅଛି କର୍ମ କର ଫଳର ଇଚ୍ଛା କରନାହିଁ। ଗୀତାର ଏହି ବାଣୀରେ ବିଶାଳ ନୈତିକ ସାହାସ ରହିଛି, ଫଳ ଉପରେ ନିଜର ଅଧିକାରକୁ ଛାଡ଼ିଦିଅ, ତଥାପି ପ୍ରୟାସ କରିଚାଲ। କିନ୍ତୁ ଆଜିର ରିଲ/ଭିଡ଼ିଓ ବା ଜ୍ୟୋତିଷ ୱେବସାଇଟ ଏହାର ଓଲଟା କରୁଛି ଓ କହୁଛି। ଏମାନଙ୍କ ମତରେ ଫଳର ଚିନ୍ତା କର, ଏଥିପାଇଁ ଉପାୟ କ୍ରୟ କର ଏବଂ କର୍ମକୁ ଗ୍ରହମାନଙ୍କ କୃପା ଉପରେ ଛାଡ଼ିଦିଅ।

ଏଠି ଏକ ବିରୋଧାଭାଷ ରହିଛି, ଯେଉଁ ଜ୍ୟୋତିଷକୁ କର୍ମର ବ୍ୟାଖ୍ୟା କୁହାଯାଏ ସେଇ ଜ୍ୟୋତିଷ ଏବେ ବ୍ୟକ୍ତିକୁ କର୍ମଠାରୁ ଅଲଗା କରିଦେଇଛି। ଆଧାତ୍ମ୍ୟ ଯେତେବେଳେ ଆତ୍ମନୀରିକ୍ଷଣ ର କଥା କହେ ସେତେବେଳେ ସେ ମୁକ୍ତ କରିଥାଏ କିନ୍ତୁ ଯେତେବେଳେ ଅଭିଶାପ ଏବଂ ନିବାରଣର ଭାଷା କହିଥାଏ ସେତେବେଳେ ସେ ବେଡ଼ି ରେ ପରିଣତ ହୋଇଯାଏ। ଥରେ ଭାବିବା ଉଚିତ୍ ଯେ ଏହି ବେଡ଼ି (ବନ୍ଧନ)ର ଲାଭାର୍ଥୀ କିଏ ? ଲାଭାର୍ଥୀ ହେଉଛି ବ୍ୟବସ୍ଥା। ଏହି ବ୍ୟବସ୍ଥା ଅନୁସାରେ କୁହାଯାଏ ଯେ ବେରୋଜଗାରୀ ଆପଣଙ୍କ କୁଣ୍ଡଳୀ (ଜାତକ)ରେ ରହିଛି ଏହା ନୀତିର ବିଫଳତା ବୋଲି କେବେ କୁହାଯାଏ ନାହିଁ। ଯେତେବେଳେ ଦୋଷ ଗ୍ରହ ନକ୍ଷତ୍ର ଏବଂ ବ୍ରହ୍ମାଣ୍ଡ ଉପରେ ଢ଼ାଳି ଦିଆଯାଏ ସେତେବେଳେ ଦାୟୀତ୍ୱରେ ଥିବା ବ୍ୟକ୍ତି ଏବଂ ସଂସ୍ଥା ନିର୍ଦୋଷ ପାଲଟିଯାଏ। ଗ୍ରହ ନକ୍ଷତ୍ର ମାନେ ଉତ୍ତର ଦେଇପାରନ୍ତି ନାହିଁ ବୋଧହୁଏ ଏହା ଏହି ବ୍ୟବସ୍ଥା/ରିଲ/ଭିଡ଼ିଓ/ୱେବସାଇଟ ପାଇଁ ଅଧିକ ଉପଯୋଗୀ ହୋଇପାରିଛି।

ଭବିଷ୍ୟବାଣୀ କରୁଥିବା ସବୁ ୱେବସାଇଟ ଯେ ଭୁଲ କରୁଛନ୍ତି ତାହା ନୁହେଁ। କିଛି ଜ୍ଞାନ ବାଣ୍ଟୁଛନ୍ତି ଏବଂ କିଛି ମଧ୍ୟ ସାନ୍ତ୍ୱନା ଦେଉଛନ୍ତି। ସମସ୍ୟା ବ୍ୟକ୍ତିର ନୁହେଁ ପ୍ରେରଣାର ଯେତେବେଳେ ଉଦେଶ୍ୟ ଦର୍ଶକ ବା ୱେବସାଇଟ ବ୍ୟବହାର କାରୀଙ୍କ ମୁକ୍ତି ହୋଇଥାଏ ସେତେବେଳେ ତାକୁ ସେବା କୁହାଯିବ ଅନ୍ୟଥା ଏହା ବେପାର। ଯେତେବେଳେ ବ୍ୟବସାୟକୁ ଧର୍ମର ବେଶ ଦିଆଯାଏ ସେତେବେଳେ ତାକୁ ଚାଲେ କରାଯିବା ଆବଶ୍ୟକ। ୨୦୨୬ ମଇ ମାସରେ ତେଲେଙ୍ଗାନା ପୋଲିସ ଏକ ସାର୍ବଜନୀକ ଚେତାବନୀ ଜାରି କରିଥିଲା। ସେଥିରେ କୁହାଯାଇଥିଲା ଯେ ସାମାଜିକ ଗଣ ମାଧ୍ୟମରେ ନକଲି ଜ୍ୟୋତିଷ, ତାନ୍ତ୍ରିକ ଏପରିକି ବଶୀକରଣ ବିଶେଷଜ୍ଞ ମାନେ ପ୍ରାରମ୍ଭରେ ଲୋକଙ୍କୁ ସ୍ୱଳ୍ପ ଅର୍ଥ ପ୍ରଦାନ ପାଇଁ କହୁଛନ୍ତି କିନ୍ତୁ ପରେ ଧମକ ଦେଉଛନ୍ତି ଏପରିକି ବ୍ଲାକମେଲ କରୁଛନ୍ତି ଏବଂ ବାରମ୍ବାର ଅର୍ଥ ପ୍ରଦାନ ପାଇଁ ମାନସିକ ଚାପ ପ୍ରୟୋଗ କରୁଛନ୍ତି। ଏହାକୁ ଏକ ସାମାଜିକ ରୋଗର ଲକ୍ଷଣ ବୋଲି ମଧ୍ୟ କୁହାଯାଇପାରେ। ବ୍ୟକ୍ତି ନିଜର ବିଫଳତାର କାରଣ ଆକାଶରେ ଖୋଜୁଛି, ବ୍ୟବସ୍ଥାରେ ନୁହେଁ। ଏ ସମ୍ପର୍କରେ ଗବେଷଣା କରୁଥିବା ଏକ ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ଲୋକେ ଏହି ରିଲ/ଭିଡ଼ିଓ/ଆପ/ୱେବସାଇଟକୁ ପ୍ରଥମେ ମନୋରନ ପାଇଁ ଦେଖିଥାନ୍ତି କିନ୍ତୁ ପରେ ଭାବନାତ୍ମକ ଭାବେ ଯୋଡ଼ିହୋଇ ଯାଆନ୍ତି।

+ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪



ଆତ୍ମଜ୍ଞାନ

ଶ୍ରୀ ଦିଲ୍ଲୀପ କୁମାର ବେହେରା



ଦର୍ଶନର ଆତ୍ମଜ୍ଞାନ ମିଳେ ପୁଣ୍ୟ ଫଳ
ସତ୍‌ପଥ ଦେଖାଇ
ସେ ଟାଳିଥାଏ କାଳ ।
ଜେଲ ହଷ୍ଟେଲ ଅଟଇ ବିନା ପଇସାର
ତାହା ଅଟେ
ବିନା ବେତନର ଚୌକିଦାର ।
ମଦ ସଙ୍ଗେ ଅନ୍ୟ ନିଶା କଳିର ଅମୃତ
ଚିନ୍ତା ଜରାଜୀର୍ଣ୍ଣ କରେ
ଜନକୁ ଆୟତ ।
କେବେ ସନ୍ତୋଷ ନ ହେବା
ତିନୋଟି ଜାଗାରେ
ସମର୍ପିତ ଆତ୍ମାର
ସେ ଭାବନା ଦ୍ୱାରରେ ।
ଜଗତରେ ଜପ, ଦାନ,
ସ୍ୱୟଂ ଅଧ୍ୟୟନ
ଶ୍ରଦ୍ଧା, ନିଷ୍ଠା ପ୍ରେମ
ଭରା ଆତ୍ମନିବେଦନ ।
ଦୁଃଖର ବାପ ଅଟଇ ଲୋଭ ସେହି ଜାଣ
ଲୋଭର ବାପ ଅଟଇ କାମନା ପ୍ରମାଣ ।
କାମନାର ବାପ ସେହି କୁସଙ୍ଗ ଅଟଇ
ମଣିଷର ଜୀବନଟି ଅନ୍ଧକାର ହୋଇ ।
ପରମ ଗତି ଯେ ହୁଏ ଆତ୍ମାର ଚିନ୍ତନ
ସତ୍‌ସଙ୍ଗ ଅଟଇ ସେହି ପରମକାରଣ ।
ରାମାୟଣ ଶିଖାଏ ଯେ ଜୀବନ ଦର୍ଶନ
ମହାଭାରତ ଶିଖାଏ ଅହଂକାର ମନ ।
ଭାଗବତ ଗୀତା
ଜୀବନକୁ ଗଢ଼ିବାରେ
ଶ୍ରୀମଦ୍ ଭାଗବତ
ଜୀବନ ମୁକ୍ତି କରେ ।
ଦୁଇ ଶକ୍ତି ସବୁଠାରୁ ବଡ଼ ଦୁନିଆରେ
ବୁଝିବା, ସହିବା ଆମ୍ଭେମାନେ
ଏ ସଂସାରେ
ଜୀବନର ଶେଷ ଯାତ୍ରା
ଅଟଇ ଶ୍ମଶାନ ।
ବିନା ଭିସାରେ ଗମନ ମୃତ୍ୟୁଟି ପ୍ରମାଣ
ପ୍ରେମ ଭରା ଭାବନା
ଯେ ମିଳେ ମୋକ୍ଷ ପ୍ରାପ୍ତି
ଶୁଦ୍ଧ ସ୍ୱୟଂ ଆତ୍ମାର
ଯେ ଉର୍ଜା ମିଳେ ତୃପ୍ତି ।

+ଓଲମରା, ରାଜନଗର, ପାଟଣା
ବାଲେଶ୍ୱର
ମୋ: ୯୭୭୭୦୭୫୯୫୫

ଜୀବନ

ସଦାଶିବ ବିଶ୍ୱାଳ



ଜୀବନ କୌଣସି ଗାଣିତିକ
ସମୀକରଣ ନୁହେଁ
ଯେଉଁଠି ପ୍ରତ୍ୟେକ ପ୍ରଶ୍ନର
ନିର୍ଦ୍ଦିଷ୍ଟ ଉତ୍ତର ମହଜୁଦ ଥାଏ
ଜୀବନ ଏକ କବିତା ପରି
ଯେଉଁଥିରେ ଅର୍ଥ
ଶବ୍ଦ ଗୁଡ଼ିକ ମଧ୍ୟେ ଛପି ରହିଥାଏ

ତର୍କ ଦ୍ୱାରା ଜୀବନକୁ ପଠନ କଲେ
ତା' ବ୍ୟାକରଣ ବୁଝିହୁଏ
କିନ୍ତୁ ତା'ର ସ୍ପନ୍ଦନ,
ଶିହରଣ କି କେବେ ପାଇ ହୁଏ ?

କୋମଳ କୁସୁମ କିପରି ପ୍ରସ୍ଫୁଟିତ ହୁଏ
ତର୍କ ବିଦ୍ୟା ବତାଇଦିଏ
ଫୁଟା ଫୁଲଦେଖି ହୃଦୟ କାହିଁକି ପୂରେ
ତାହା ବତେଇ ନ ଥାଏ

ଜୀବନକୁ ବୁଝିବା ଅର୍ଥ
ତାକୁ ନିୟନ୍ତ୍ରିତ କରିବା ନୁହେଁ
ବରଂ ଅନୁଭବ ଓ ସମ୍ବେଦନ ଦ୍ୱାରା
ଜୀବନକୁ ସହଜରେ ବୁଝିହୁଏ ।


+ମୋହନଦାସ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

ଅଲି ବଜରଙ୍ଗବାଲି ଫିଲ୍ମର ପୋଷ୍ଟର ଉନ୍ମୋଚନ



କଳ୍ପନା ଫିଲ୍ମସ ଆଣ୍ଡ ଲିଭ୍ ଲାଇଭ୍ ଓଡ଼ିଆ ଫିଲ୍ମ ପ୍ରସ୍ତୁତି ଅଲି ବଜରଙ୍ଗବାଲି ଫିଲ୍ମର ପୋଷ୍ଟର ଉନ୍ମୋଚନ ହୋଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ମୀରା ପରିଡା, ସାହିତ୍ୟିକ ସଞ୍ଜୟ ଭଟ୍ଟ, ପ୍ରଚାର ଓ ପ୍ରସାର ମୁଖ୍ୟ ପ୍ରଣୟ ଜେଠୀ, ଲିଭ୍ ଲାଇଭ୍ ଓଡ଼ିଆର ପ୍ରଯୋଜକ ଡଃ ଟିଟନ ସାହୁ, ମ୍ୟାନେଜିଂ ଡାଇରେକ୍ଟର ଦେବସ୍ମିତା ସାହୁ ପ୍ରମୁଖ ଯୋଗଦେଇଥିଲେ । ବହୁ ଅଭିଜ୍ଞ ନିର୍ଦ୍ଦେଶକ ଏସ ଦିଲ୍ଲୀପ ପଣ୍ଡା ଏହି ଚଳଚ୍ଚିତ୍ରର ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନା ଭାର ନେଇଛନ୍ତି । କଳ୍ପନା ଫିଲ୍ମସ ର ସୋହମ ସିଂହ ଏବଂ ଲିଭ୍ ଲାଇଭ୍ ର ଡଃ ଟିଟନ ସାହୁ ଙ୍କ ମିଳିତ ପ୍ରଯୋଜନାରେ ଅଲି ବଜରଙ୍ଗବାଲି ପ୍ରସ୍ତୁତ ହେଉଛି । ସୋହମ ସିଂହ କାହାଣୀ ରଚନା କରିଛନ୍ତି ଏବଂ ସଂଳାପ ବିଜୟ ରାଉଳ ରଚନା କରିଛନ୍ତି । ସଙ୍ଗୀତ ନିର୍ଦ୍ଦେଶନା ବୈଦ୍ୟନାଥ ଦାଶ ଏବଂ ଜେଏନ ପଦ୍ମା ଦେଇଛନ୍ତି । ତେବେ କଳାକାର ଆରାଧ୍ୟା ପ୍ରମୁଖ ଅଭିନୟ କରୁଛନ୍ତି । ଏହାର ସିନେମାଟୋଗ୍ରାଫି ଦାୟିତ୍ୱରେ ଧିରେନ ରହିଛନ୍ତି । ସୋହମ ସିଂହ ପୂର୍ବରୁ ଅଜାତଶତ୍ରୁ, ଲଭ୍ ୟୁ ପ୍ରିୟା, ରାଉଡି ରାଜା ଭଳି ଚଳଚ୍ଚିତ୍ରର ପ୍ରଯୋଜନା କରିଥିବା ବେଳେ ମୁଖ୍ୟ ନାୟକ ଭାବରେ ଅଭିନୟ କରିଛନ୍ତି । ଆସନ୍ତା ଡିସେମ୍ବର ମାସରେ ଏହି ଫିଲ୍ମ ସୁଟିଂ ଫ୍ଲୋର କୁ ଓହ୍ଲାଇବ ବୋଲି ପ୍ରଯୋଜନା ସଂସ୍ଥା ପ୍ରକାଶ କରିଛି ।

ରବିନାଙ୍କ ସୁସ୍ଥତାର ରହସ୍ୟ



ନବେ ଦଶକର ବଲିଉଡ୍ ଷ୍ଟାର ରବିନା ଟଣ୍ଡନ୍ ଆଜି ବି ନିଜର ସୌନ୍ଦର୍ଯ୍ୟ ଓ ଫିଟ୍‌ନେସ୍ ପାଇଁ ଜଣାଶୁଣା । ତାଙ୍କର ସହଜ, ସରଳ ଓ ସାଧାରଣ ସ୍ୱାସ୍ଥ୍ୟକର ଜୀବନଶୈଳୀକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମଧ୍ୟ ସମର୍ଥନ କରିଛି । ରବିନାଙ୍କ ଫିଟ୍‌ନେସ୍‌ର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ଏଥିପାଇଁ ସେ କୌଣସି କଠିନ କ୍ରାସ୍ ଡାଏଟ୍ କିମ୍ବା ଦାମୀ ସୁପରଫୁଡ୍ ଗ୍ରହଣ କରିନାହାନ୍ତି । ରବିନାଙ୍କ କହିବା ଅନୁଯାୟୀ, ତାଙ୍କ ଦୈନନ୍ଦିନ ମଧ୍ୟାହ୍ନ ଭୋଜନ ଅତ୍ୟନ୍ତ ସାଧାରଣ । ସେ ଡାଲି, ସବୁଜ ପରିବା ଓ ଦହି ଖାଇଥାନ୍ତି, ଯାହା ପେଟକୁ ପୂରା ରଖିବା ସହ ଶରୀରକୁ ପ୍ରଚୁର ପରିମାଣରେ ପ୍ରୋବାୟୋଟିକ୍‌ସ ଯୋଗାଇଥାଏ ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ, ଡାଲିଜାତୀୟ ଖାଦ୍ୟରୁ ଉଦ୍ଭିଦ ଆଧାରିତ ପ୍ରୋଟିନ୍, ଋତୁକାଳୀନ ପରିବାରୁ ମାଇକ୍ରୋନ୍ୟୁଟ୍ରିଏଣ୍ଟସ୍ ଓ ଫାଇବର ଏବଂ ଦହିରୁ ଗଟ୍-ହେଲ୍‌ଥ ବା ପାଚନ ପ୍ରକ୍ରିୟା ପାଇଁ ଉପକାରୀ ଜୀବାଣୁ ମିଳିଥାଏ । ରବିନା ନିଜ ଘରେ କେତେକ ନିୟମ ପାଳନ କରନ୍ତି । ଯେପରି 'ନୋ ସୋଡା' ନିୟମ ଅନୁସାରେ ସେ ଓ ତାଙ୍କ ପରିବାର ଅତ୍ୟଧିକ ଚିନିଯୁକ୍ତ ପାନୀୟଠାରୁ ଦୂରେଇ ରହନ୍ତି । ନିଜ ଫାର୍ମରୁ ମିଳୁଥିବା ଜୈବିକ ହଳଦୀ, ଜୁଆଣି, ଲବଙ୍ଗ, ଗୋଲମରିଚ, ଅଦା ଓ ଶୁଦ୍ଧ ଘିଅ ର୍ମି ଶ । ଇ ରବିନା ଏକ ସ୍ୱା ସ୍ଥ୍ୟ କର କାଢ଼ା ପ୍ରସ୍ତୁତ କ ର ନ୍ତି , ଯାହାକୁ ସେ ନି ୟ ର୍ମି ତ ପିଅନ୍ତି ଓ ପିଲାମାନଙ୍କୁ ମଧ୍ୟ ପିଇବାକୁ ଦିଅନ୍ତି । ଫିଟ୍‌ନେସ୍ ପାଇଁ ଜିମ୍‌ରେ ଘଣ୍ଟା ଘଣ୍ଟା ଝାଳ ବୁହାଇବା କିମ୍ବା ଓଜନିଆ ଜିନିଷ ଉଠାଇବା ତାଙ୍କ ପସନ୍ଦ ନୁହେଁ । ସେ ପହଁରିବା, ଯୋଗ, ଚାଲିବା ଓ ଦୌଡ଼ିବାକୁ ପ୍ରାଧାନ୍ୟ ଦିଅନ୍ତି । ବୟସ ବଢ଼ିବା ସହ ତ୍ୱଚାର ଶୁଷ୍କତା ଦୂର କରିବା ପାଇଁ ସେ ନିୟମିତ ତେଲ ମାଲିସ୍ କରନ୍ତି । ସାଧାରଣ ଘରୋଇ ଖାଦ୍ୟ, ସତେଜ ଜୀବନଶୈଳୀ ଓ ପସନ୍ଦର ବ୍ୟାୟାମ ହିଁ ରବିନାଙ୍କ ଫିଟ୍‌ନେସ୍ ଓ ସୌନ୍ଦର୍ଯ୍ୟର ସୂତ୍ର ।

ଅକ୍ଟୋବରରେ ବକ୍ସ ଅଫିସ୍‌ରେ ଜଲୱା ଦେଖାଇଲା 'ଦୃଶ୍ୟମ୍ ୩'



ବଲିଉଡ୍ ପାଇଁ ଅଗଷ୍ଟ ମାସ ବେଶ୍ ନିରାଶାଜନକ ରହିଥିଲା । ଏହି ମାସରେ କୌଣସି ଫିଲ୍ମ ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନ କରିପାରି ନଥିଲା । କିନ୍ତୁ ସେପ୍ଟେମ୍ବର ଓ ଅକ୍ଟୋବରରେ ଅନେକ ଦମଦାର ହିନ୍ଦୀ ଫିଲ୍ମ ଥିଏଟରକୁ ଆସିବା ପରେ ବକ୍ସ ଅଫିସ୍‌ରେ ପୁଣି ଚମକ ଫେରିଥିଲା । ତେବେ ଅକ୍ଟୋବର ମାସରେ ଅଜୟ ଦେବଗନଙ୍କ ଅଭିନୀତ 'ଦୃଶ୍ୟମ୍ ୩' ହିଁ ଏକମାତ୍ର ବଡ଼ ରୋଜଗାର କରିଥିବା ଫିଲ୍ମ ଥିଲା । ଏହି ଫିଲ୍ମକୁ ଛାଡ଼ିଦେଲେ ଅନ୍ୟ କୌଣସି ଫିଲ୍ମ ଏକାକୀ ୪୦ କୋଟି ଟଙ୍କାର ଆୟ ସୀମା ମଧ୍ୟ ଅତିକ୍ରମ କରିପାରି ନଥିଲା । ସୂଚନାଯୋଗ୍ୟ, 'ଦୃଶ୍ୟମ୍' ଫ୍ରାଞ୍ଚାଇଜ୍‌ର ପ୍ରଥମ ଦୁଇଟି ଫିଲ୍ମ ବ୍ଲକ୍‌ବଷ୍ଟର ହୋଇଥିଲା । ଏହାର ତୃତୀୟ ଭାଗକୁ ଶେଷ ଅଧ୍ୟାୟ ବୋଲି ପ୍ରଚାର କରାଯାଇଥିବାରୁ ଦର୍ଶକଙ୍କ ମଧ୍ୟରେ 'ଦୃଶ୍ୟମ୍ ୩'କୁ ନେଇ ବେଶ୍ ଉତ୍ସାହ ରହିଥିଲା । ଫଳରେ ଫିଲ୍ମଟି ଥିଏଟରରେ ରିଲିଜ୍ ହେବା ପରେ ଜବରଦସ୍ତ ଆରମ୍ଭ କରିଥିଲା ଏବଂ ଅନେକ ସପ୍ତାହ ଧରି ବକ୍ସ ଅଫିସ୍‌ରେ ନିଜର ଦମଦାର ପ୍ରଦର୍ଶନ ଜାରି ରଖିଥିଲା । ଅକ୍ଟୋବର ୨ ତାରିଖରେ ରିଲିଜ୍ ହୋଇଥିବା ଏହି ଫିଲ୍ମ ମାସର ସମସ୍ତ ପ୍ରମୁଖ ବଲିଉଡ୍ ଫିଲ୍ମ ମଧ୍ୟରେ ସର୍ବାଧିକ ଆୟ କରିଥିଲା । ଅଜୟ ଦେବଗନଙ୍କ ଅଭିନୀତ ଏହି ଫିଲ୍ମ ଅକ୍ଟୋବର ମାସରେ ନେଟ୍ ବକ୍ସ ଅଫିସ୍‌ରେ ୩୭୬ କୋଟି ଟଙ୍କା ଆୟ କରିଥିଲା । ବକ୍ସ ଅଫିସ୍‌ରେ ଦୀର୍ଘ ସମୟ ଧରି ଚାଲିବାର କ୍ଷମତା ଥିବାରୁ ଏହି ଫିଲ୍ମ ୪୦୦ କୋଟି ଟଙ୍କାରୁ ଅଧିକ ଆୟ କରିପାରିଥାନ୍ତା । ତଥାପି ଏହାର ରୋଜଗାର ଏକ ବଡ଼ ସଫଳତା ବୋଲି କୁହାଯାଉଛି ।




ଚଳିତ ଆଲୋକର ପର୍ବ ଦୀପାବଳିରେ ଓଡ଼ିଆ ଦର୍ଶକଙ୍କ ମନୋରଞ୍ଜନକୁ ଦ୍ୱିଗୁଣିତ କରିବା ପାଇଁ ଲୋକପ୍ରିୟ ମନୋରଞ୍ଜନ ଚ୍ୟାନେଲ 'ଜୀ ସାର୍ଥକ' ଦେଖନ୍ତୁ ବର୍ଷର ବହୁ ପ୍ରତୀକ୍ଷିତ ସସ୍‌ପେନ୍ସ ଥ୍ରିଲର ଚଳଚ୍ଚିତ୍ର 'ଛକି ଶୂନ'ର । ଆସନ୍ତା ୮ ନଭେମ୍ବର, ରବିବାର ସନ୍ଧ୍ୟା ୫:୩୦ ରେ ଦୀପାବଳି ଅବସରରେ ଏହି ଚଳଚ୍ଚିତ୍ରଟି ଟେଲିକାଷ୍ଟ ହେବ । ଚଳଚ୍ଚିତ୍ରରେ ଅନୁଭବ ନିଜେ ଗାଇଥିବା 'ବାଲୁଙ୍ଗା ଟୋକା' ଗୀତ ବହୁତ ଲୋକପ୍ରିୟ ହୋଇଥିଲା ।

'ଆମରା ଷ୍ଟୁଡିଓ' ଓ 'ଏସ୍‌ଏମ୍‌ଏ ଏଣ୍ଟରଟେନ୍‌ମେଣ୍ଟ୍ ପ୍ରଜେକ୍ଟ ୨୯୦ ଲାୟନ୍ ଫିଲ୍ମ'ର ମିଳିତ ସହଯୋଗରେ ନିର୍ମିତ ଏହି ଫିଲ୍ମର କାହାଣୀ ରଚନା ଓ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ମାନସ ପଢ଼ିହାରୀ । ପ୍ରଯୋଜନାରେ ଅନୁଭବ ମହାନ୍ତି, ଜାଗୃତି ଶୁକ୍ଲା, ଶୁଭମ୍ ମହାନ୍ତି ଓ ନବୀନ ଭଣ୍ଡାରୀ ରହିଥିବା ବେଳେ ଚଳଚ୍ଚିତ୍ରରେ ସୁପରଷ୍ଟାର ଅନୁଭବ ମହାନ୍ତିଙ୍କ ସହ ସମ୍ଭାବନା ମହାନ୍ତି, ଅଭିଷେକ ପଣ୍ଡା, ଦିବ୍ୟା ମହାନ୍ତି, ଚୌଧୁରୀ ଜୟପ୍ରକାଶ ଦାସ, ସୁକାନ୍ତ ରଥ, ସୁକୁମାର ତୁଡୁ, ନିତୁ ସିଂହ, ବିଜିନୀ ମିଶ୍ର, ଉଦିତ ଗୁରୁ, ତାପସ ସରଘରିଆ ଏବଂ ଜିତୁ ମଙ୍ଗରାଜ ପ୍ରମୁଖ ଶକ୍ତିଶାଳୀ ଅଭିନୟ

ଦୀପାବଳିରେ ଜୀ ସାର୍ଥକରେ ଦେଖନ୍ତୁ ଏହି ବର୍ଷର ସୁପରହିଟ ଚଳଚ୍ଚିତ୍ର : ସୁପରଷ୍ଟାରଅନୁଭବଙ୍କ ସସ୍‌ପେନ୍ସ ଥ୍ରିଲର 'ଛକି ଶୂନ'

କରିଛନ୍ତି । ଫିଲ୍ମର କାହାଣୀ ପିଲାଦିନର ସାଧାରଣ ଖେଳ 'ଛକି ଶୂନ' ଖେଳ ବୋର୍ଡକୁ ଆଧାର କରି ଏକ ଭୟଙ୍କର ମାନସିକ ଯୁଦ୍ଧରେ ରୂପାନ୍ତରିତ ହୋଇଛି । ପ୍ରତ୍ୟେକ ପୀଡ଼ିତ ଏକ ବଡ଼ ରହସ୍ୟର ନିର୍ଣ୍ଣାୟକ ଅଂଶ ଧାରଣ କରିଛନ୍ତି । ତଦନ୍ତ ଯେତିକି ଗଭୀର ହେଉଛି, ଶିକାରୀ ଓ ଶିକାର ମଧ୍ୟରେ ଥିବା ସୀମାରେଖା ସେତିକି ଧୂମିଳ ହୋଇପଡୁଛି; ଯେଉଁଥିରେ ଅନୁସନ୍ଧାନକାରୀ ନିଜେ ସେହି ରକ୍ତରଞ୍ଜିତ ବୋର୍ଡର ଶେଷ ଖେଳାଳି ହେବାର ଆଶଙ୍କା ସୃଷ ହୋଇଛି । ଏହି ଅବସରରେ ଜୀ ସାର୍ଥକର ଚ୍ୟାନେଲ ମୁଖ୍ୟ ରାହୁଲ ରାଓ ଦର୍ଶକମାନଙ୍କୁ ବିଶେଷ ନିବେଦନ କରି କହିଛନ୍ତି, "ଦୀପାବଳି ହେଉଛି ପରିବାର ସହ ଆନନ୍ଦ ଉଲ୍ଲାସ ବାଣ୍ଟିବାର ପର୍ବ । ଏହି ପବିତ୍ର ଅବସରରେ ଆମେ ଦର୍ଶକଙ୍କ ପାଇଁ ଏକ ଭିନ୍ନ ସ୍ୱାଦର, ରୋମାଞ୍ଚକର ଓଡ଼ିଆ ସିନେମା 'ଛକି ଶୂନ' ଉପହାର ସ୍ୱରୂପ ଭେଟି ଦେଉଛୁ । ସମସ୍ତେ ସପରିବାର ଏହି ଚଳଚ୍ଚିତ୍ରକୁ ଦେଖି ଦୀପାବଳିର ମଜା ନିଅନ୍ତୁ ଏବଂ ଓଡ଼ିଆ ସିନେମାକୁ ଭଲପାଇବା ଦିଅନ୍ତୁ ।"

'ରାମାୟଣ'ରେ ରାହାଙ୍କ ପଦାର୍ପଣ



ପ୍ରେକ୍ଷାଳୟଗୁଡ଼ିକରେ ଆଜି ରିଲିଜ୍ ହେଉଛି ବହୁ ପ୍ରତୀକ୍ଷିତ ସିନେମା 'ରାମାୟଣ' । ନିତେଶ ତିୱାରୀଙ୍କ ଏହି ବିଗ୍ ବଜେଟ୍ ସିନେମାରେ ଡେବ୍ୟୁ କରିଛନ୍ତି ରଣବୀର କପୁର ଓ ଆଲିଆ ଭଟ୍ଟଙ୍କ ଝିଅ ରାହା କପୁର । ମାତ୍ର ୩ ବର୍ଷ ବୟସରେ ରାହା ବଲିଉଡ୍‌ରେ ପାଦ ଥାପିଥିବା କଥା ନିଜେ ପିତା ରଣବୀର ଏକ ସାକ୍ଷାତ୍‌କାରରେ କହିଛନ୍ତି । ରଣବୀରଙ୍କ ଅଭିନୀତ ଏହି ସିନେମାରେ ରାହାଙ୍କର ଏକ ଛୋଟ ଦୃଶ୍ୟ ରହିଛି । ସେ ରଣବୀର, ଅଭିନେତ୍ରୀ ସାଇ ପଲ୍ଲବୀ ଓ ଅଭିନେତା ରବି ଦୁବେଙ୍କ ସହ ଏକ ଦୃଶ୍ୟରେ ନଜର ଆସିଛନ୍ତି । ରାହା ଏହି ପୌରାଣିକ କାହାଣୀ ପ୍ରତି ବେଶ୍ ଆଗ୍ରହୀ । ସୁଟିଂ ସମୟରେ ସେ ଅନେକ ଥର ଚଳଚ୍ଚିତ୍ରର ସେଟ୍‌କୁ ଯାଇଥିଲେ । ସେଠାରେ ସୁଟିଂ ଦେଖିବା ସହ ଧୀରେ ଧୀରେ ଭଗବାନ ରାମଙ୍କ ବିଷୟରେ ଶୁଣିବା ଲାଗି ତାଙ୍କର ଆଗ୍ରହ ବଢ଼ିଥିଲା । ଫଳରେ, ଆବଶ୍ୟକତା ଅନୁଯାୟୀ ଏକ ଦୃଶ୍ୟରେ ରାହାଙ୍କୁ ସାମିଲ କରାଯାଇଥିଲା । ଝିଅକୁ ନିଜ ଅଭିନୀତ ଚଳଚ୍ଚିତ୍ରରେ ଦେଖିବାକୁ ନେଇ ରଣବୀର ବେଶ୍ ଉତ୍ସାହିତ ଅଛନ୍ତି । ଅନ୍ୟପଟେ, ଦୀପାବଳିର ମାତ୍ର ଦୁଇ ଦିନ ପୂର୍ବରୁ ରାହାଙ୍କ ଜନ୍ମଦିନ ପଡୁଥିବାବେଳେ ରଣବୀର ତାଙ୍କୁ ନିଜ ଜୀବନର ଦୀପ ବୋଲି ସମ୍ବୋଧନ କରିଛନ୍ତି । ତାଙ୍କ ଜୀବନକୁ ଆଲୋକିତ କରୁଥିବା ବ୍ୟକ୍ତି କିଏ ବୋଲି ପଚରାଯିବାରୁ ସେ ନିଜ ଝିଅର ନାମ ନେଇଥିଲେ । ଉଲ୍ଲେଖଯୋଗ୍ୟ, ନଭେମ୍ବର ୬ରେ ରାହାଙ୍କ ଚତୁର୍ଥ ଜନ୍ମଦିନ । ଏହାକୁ ନେଇ କପୁର ପରିବାରରେ ବିଶେଷ ଉତ୍ସାହ ରହିଛି ।

ବାଥରୁମରେ ଗୀତ ଗାଇ ବଦଳାଇଥିଲେ ନିଜ ଭାଗ୍ୟ: ଜାଣନ୍ତୁ ସଙ୍ଗୀତ ନିର୍ଦ୍ଦେଶକ ଅନୁ ମଲିକଙ୍କ ସଂଘର୍ଷର କାହାଣୀ



ବଲିଉଡର ପ୍ରସିଦ୍ଧ ସଙ୍ଗୀତ ନିର୍ଦ୍ଦେଶକ ତଥା ଗାୟକ ଅନୁ ମଲିକ ଆଜି ନିଜର ସ୍ୱତନ୍ତ୍ର ସଙ୍ଗୀତ ଶୈଳୀ ପାଇଁ ବେଶ୍ ଜଣାଶୁଣା । କିନ୍ତୁ ଏହି ସଫଳତା ପଛରେ ଲୁଚି ରହିଛି ଅନେକ ଦିନର କଠିନ ସଂଘର୍ଷ, ଧୈର୍ଯ୍ୟ ଏବଂ ନିଷ୍ଠାର କାହାଣୀ । ନିକଟରେ ସଙ୍ଗୀତକାର ସମୀରଙ୍କ ସହ ତାଙ୍କର ଏକ ପୁରୁଣା ସାକ୍ଷାତକାର ଭିଡିଓ ସୋସିଆଲ ମିଡିଆରେ ପୁଣି ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ନିଜ ପ୍ରାରମ୍ଭିକ ଦିନର ଏକ ରୋଚକ କଥା ଶେୟାର କରିଛନ୍ତି । ଅନୁ ମଲିକ ଯେତେବେଳେ ସଙ୍ଗୀତ ଜଗତରେ କ୍ୟାରିୟର ଆରମ୍ଭ କରିଥିଲେ, ସେତେବେଳେ ଆର. ଡି. ବର୍ମନ, କଲ୍ୟାଣଜୀ-ଆନନ୍ଦଜୀ ଓ ଲକ୍ଷ୍ମୀକାନ୍ତ-ପ୍ୟାରେଲାଲଙ୍କ ଭଳି ମହାନ ସଙ୍ଗୀତକାରଙ୍କର ରାଜ୍ ଚାଲିଥିଲା । ଅନ୍ୟପଟେ ଲତା ମଙ୍ଗେଶକର, ଆଶା ଭୋସଲେ ଓ କିଶୋର କୁମାରଙ୍କ ଭଳି ମହାନ ଗାୟକ-ଗାୟିକାଙ୍କ ଡେଟ୍ସ ମିଳିବା ମଧ୍ୟ ଅତ୍ୟନ୍ତ କଷ୍ଟକର ଥିଲା । ସେହି ସମୟରେ ମୁମ୍ବାଇର ମହବୁବ୍ ଷ୍ଟୁଡିଓ, ଫିଲ୍ମ ସେଣ୍ଟର ଏବଂ ଫେମସ ଷ୍ଟୁଡିଓ ସବୁବେଳେ ବୁକ୍ ରହୁଥିଲା । ନୂଆ କଳାକାରଙ୍କ ପାଇଁ ସୁଯୋଗ ପାଇବା ଏକପ୍ରକାର ଅସମ୍ଭବ ଥିଲା । ଅନୁ ମଲିକ ପ୍ରକାଶ କରିଛନ୍ତି ଯେ ସେ ମହବୁବ୍ ଷ୍ଟୁଡିଓ ବାହାରେ ଘଣ୍ଟା ଘଣ୍ଟା ଛିଡ଼ା ହୋଇ କୌଣସି ପ୍ରଯୋଜକ ବା ନିର୍ଦ୍ଦେଶକଙ୍କୁ ଗୀତ ଶୁଣାଇବା ପାଇଁ ଅନୁରୋଧ କରୁଥିଲେ । ସେହି ଦିନଗୁଡ଼ିକରେ ମୋ ଶୁଣିବାକୁ କେହି ନଥିଲେ । ମୋର ସଂଘର୍ଷ ଏତେ ଅଲଗା ଥିଲା ଯେ ଗୋଟିଏ ଫିଲ୍ମରେ ସଙ୍ଗୀତ ଦେବାର ସୁଯୋଗ ପାଇବା ପାଇଁ ମୋତେ ଜଣେ ନିର୍ଦ୍ଦେଶକଙ୍କୁ ବାଥରୁମ୍‌ରେ ଗୀତ ଗାଇ ଶୁଣାଇବାକୁ ପଡ଼ିଥିଲା । ମୁଁ ନିଜ ବାପାଙ୍କ ଦୁଃଖ ଦେଖିପାରୁ ନଥିଲି, ତେଣୁ ସୁଯୋଗ ଛଡ଼ାଇ ଆଣିବା ପାଇଁ ମୋତେ ଏସବୁ କରିବାକୁ ପଡ଼ିଥିଲା ବୋଲି କହିଛନ୍ତି ଅନୁ ମଲ୍ଲିକ । ଧୀରେ ଧୀରେ ଅନୁ ମଲିକଙ୍କ କଠିନ ପରିଶ୍ରମ ରଙ୍ଗ ଆଣିଲା ଏବଂ ପ୍ରଯୋଜକମାନେ ତାଙ୍କ ପାଖକୁ ଆସିବା ଆରମ୍ଭ କଲେ । କ୍ୟାରିୟରରେ ସଫଳତା ଏବଂ ଆର୍ଥିକ ସ୍ୱଚ୍ଛଳତା ମିଳିବା ପରେ ସେ ପ୍ରଥମେ ନିଜ ବାପା ସରଦାର ମଲିକଙ୍କ ପାଇଁ ଏକ ବଡ଼ କାମ କରିଥିଲେ । ଦିନେ ନିଜ ବାପାଙ୍କୁ ବସ୍ ଷ୍ଟପ୍‌ରେ ଛିଡ଼ା ହୋଇଥିବାର ଦେଖି ଅନୁ ମଲିକ ଗୋଟିଏ ନୂଆ କାର୍ କିଣି ତାଙ୍କୁ ସରପ୍ରାଇଜ୍ ଦେଇଥିଲେ ।

କୋଲାବିରା ବ୍ଲକରେ ବିଧାୟକଙ୍କ ମାରାଥନ ଶିଳାନ୍ୟାସ

ରାସ୍ତା, ଶିକ୍ଷା, କ୍ରୀଡ଼ା ଓ ସାମାଜିକ ଭିତ୍ତିଭୂମିର ବିକାଶ ପାଇଁ ଅନେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଝାରସୁଗୁଡ଼ା,୪/୧୧ (ନି.ପ୍ର): ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ସହ ଜନସାଧାରଣଙ୍କ ମୌଳିକ ସୁବିଧାକୁ ଗୁରୁତ୍ୱ ଦେଇ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୋଲାବିରା ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଦ୍ୱାରା ମାରାଥନ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବହୁ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ଗ୍ରାମ୍ୟ ରାସ୍ତା, କଂକ୍ରିଟ ରାସ୍ତା, ଫୁଟବଲ ପଡ଼ିଆର ଉନ୍ନତିକରଣ, ଶିକ୍ଷାନୁଷ୍ଠାନରେ ଶ୍ରେଣୀଗୃହ ନିର୍ମାଣ, ସାମାଜିକ ଓ ଧାର୍ମିକ ଅନୁଷ୍ଠାନ ପାଇଁ ଗୃହ ନିର୍ମାଣ ଆଦି ପ୍ରକଳ୍ପ ସାମିଲ ରହିଛି। ପ୍ରଥମେ ସୋଡ଼ାମାଲ ପଞ୍ଚାୟତର ଆମଝରଣଠାରେ ବିଜିବିଓ ଯୋଜନାରେ ୪ ଲକ୍ଷ ଟଙ୍କା ବ୍ୟୟରେ ଫୁଟବଲ ପଡ଼ିଆର ଉନ୍ନତିକରଣ ଏବଂ ଆରଡ଼ି ରାସ୍ତାରୁ ଭଦୁଆପଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ବିଧାୟକ ଶିଳାନ୍ୟାସ କରିଥିଲେ। ସମାସିଂହା ପଞ୍ଚାୟତର କେ. ସମାସିଂହାରୁ ଖର୍ରାପଡ଼ା ପର୍ଯ୍ୟନ୍ତ ୫ ଲକ୍ଷ ଟଙ୍କା ବ୍ୟୟରେ କଂକ୍ରିଟ ରାସ୍ତା ଏବଂ ଗୌଡ଼ପଡ଼ାଠାରେ ଗୌଡ଼ ସମାଜ ପାଇଁ ୭ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଗୃହ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। କୁଳିହାମାଳ ପଞ୍ଚାୟତର ଏସ୍. ପଣ୍ଡକିମାଳ ଗ୍ରାମରେ ୫ ଲକ୍ଷ ଟଙ୍କା ବ୍ୟୟରେ ଫୁଟବଲ ପଡ଼ିଆରେ ପେଣ୍ଡାଲ ଓ ସେଡ୍ ନିର୍ମାଣ, କୁଳିହାମାଳ ଗ୍ରାମରେ ୫ ଲକ୍ଷ ଟଙ୍କାରେ ଭୀମଗୁଡ଼ି ଭୋଗମଣ୍ଡପ ନିର୍ମାଣ ଏବଂ ୩ ଲକ୍ଷ ଟଙ୍କା ବ୍ୟୟରେ ଆରଡ଼ି ରାସ୍ତାରୁ ଭୋଇପଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିଲା। ପୋଖରାସାଲେହ ପଞ୍ଚାୟତର ସମଲେଇ ମନ୍ଦିର ନିକଟରେ ବାଉଣ୍ଡାରୀ ୱାଲ୍ ନିର୍ମାଣ, ଯେଙ୍ଗାପଡ଼ାରେ କଂକ୍ରିଟ ଗୃହ ନିର୍ମାଣ ଏବଂ ଅମାତି ଗ୍ରାମରୁ ଲାଖୋପଡ଼ା ପର୍ଯ୍ୟନ୍ତ ଆରଡ଼ି ରାସ୍ତା ନିର୍ମାଣର ଶିଳାନ୍ୟାସ କରାଯାଇଥିଲା। ସେହିପରି ଝିର୍ଲାପାଲି ପଞ୍ଚାୟତର ଜଟିଆଡ଼ିହି ଗ୍ରାମରେ ଭାଗବତ ଟୁଙ୍ଗି ଏବଂ ବଡ଼ବାହାଲ ଗ୍ରାମରେ ଦୁଇଟି କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ବିଧାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କୋଲାବିରା ପଞ୍ଚାୟତରେ ଥିବା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଏମ୍ସିଏଲ୍ ସିଏସ୍ଆର୍ ପାଣ୍ଠିରୁ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଶ୍ରେଣୀ ପାଇଁ ନୂତନ ଶ୍ରେଣୀଗୃହ ନିର୍ମାଣର ଶିଳାନ୍ୟାସ ହୋଇଥିଲା। ଏଥିସହ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୫ ଲକ୍ଷ ଟଙ୍କାରେ ଗେଟ୍ ଓ ୧୦ ଲକ୍ଷ ଟଙ୍କାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ପୁରୋହିତ ବନ୍ଧରେ ୩ ଲକ୍ଷ ଟଙ୍କାରେ ଗାଧୁଆ ତୁଠ ନିର୍ମାଣ, ଏମ୍ଏଲ୍ଏ ଲାଡ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କାରେ ଶନି ମନ୍ଦିରକୁ କଂକ୍ରିଟ ରାସ୍ତା ନିର୍ମାଣ, ଗ୍ରାମଦେବତୀ ମନ୍ଦିରର ଫ୍ଲୋରିଂ ଓ ସେଡ୍ ନିର୍ମାଣ ଏବଂ ୮ ଲକ୍ଷ ଟଙ୍କା ବ୍ୟୟରେ ତରାଇକେଲାରୁ ରାକସବୁଡ଼ା ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣର ଶିଳାନ୍ୟାସ କରାଯାଇଥିଲା। ରଘୁନାଥପାଲି ପଞ୍ଚାୟତରେ ମାଉସୀ ମା’ ମନ୍ଦିରର ନୂତନ ଗୃହ ଓ ଜାମକାନୀ ଗ୍ରାମରେ କୀର୍ତ୍ତନ ମଣ୍ଡପ ନିର୍ମାଣ ସହ ଆରଡ଼ି ବିଭାଗ ପକ୍ଷରୁ ରଘୁନାଥପାଲିରୁ କେନ୍ଦୁଟିକିରା, ରଘୁନାଥପାଲିରୁ ଜାମକାନୀ, ପିଡବ୍ଲ୍ୟୁଡି ରାସ୍ତାରୁ ସୁନାଝରିଆ ଏବଂ ପିଡବ୍ଲ୍ୟୁଡି ରାସ୍ତାରୁ ରେଙ୍ଗାଲପାଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣର ଶିଳାନ୍ୟାସ ହୋଇଥିଲା। କେଲେଣ୍ଡାମାଲ ପଞ୍ଚାୟତର ଗୁଡ଼ିଗାଁ ରାମଲୀଳା ଯାତ୍ରା ପଡ଼ିଆରେ ମୁକ୍ତ ପେଣ୍ଡାଲ ନିର୍ମାଣ ଓ ଅର୍ଏଁଲାମାଳ ଗ୍ରାମରେ କଂକ୍ରିଟ ରାସ୍ତା ନିର୍ମାଣ ସହ ଏମ୍ଏଲ୍ଏ ଲାଡ୍ ପାଣ୍ଠିରୁ ଗୁଡ଼ିଗାଁ ନୂଆପଡ଼ାରେ କୀର୍ତ୍ତନ ମଣ୍ଡପ ଏବଂ ଓରାମପଡ଼ାରୁ ପିଡବ୍ଲ୍ୟୁଡି ରାସ୍ତା ପର୍ଯ୍ୟନ୍ତ ରାସ୍ତା ନିର୍ମାଣର ଶିଳାନ୍ୟାସ ହୋଇଥିଲା। ପରମାଣପୁର ପଞ୍ଚାୟତର ଉପର କିଷାନପଡ଼ାରେ ୬ ଲକ୍ଷ ଟଙ୍କା ବ୍ୟୟରେ ଗୃହ ନିର୍ମାଣ, ୩ ଲକ୍ଷ ଟଙ୍କାରେ ରୋହିଦାସପଡ଼ାକୁ କଂକ୍ରିଟ ରାସ୍ତା ଏବଂ ପତ୍ରାପାଲି ଗ୍ରାମରେ ପଟାଭାଡ଼ିରୁ ପତ୍ରାପାଲି ବେଢ଼ି ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ଅବସରରେ ବିଧାୟକ ଟଙ୍କଧର ତ୍ରିପାଠୀ କହିଥିଲେ ଯେ, ଏହି ସମସ୍ତ ଉନ୍ନୟନମୂଳକ ପ୍ରକଳ୍ପ ଦ୍ୱାରା କୋଲାବିରା ବ୍ଲକ ଅଞ୍ଚଳରେ ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ ଉନ୍ନତି ଆସିବ। ଏହାଦ୍ୱାରା ସ୍ଥାନୀୟ ଜନସାଧାରଣ ବିଶେଷ ଭାବେ ଉପକୃତ ହେବେ। ଆଗାମୀ ଦିନରେ ମଧ୍ୟ ଜନସାଧାରଣଙ୍କ ସେବା ଓ ଅଞ୍ଚଳର ବିକାଶମୂଳକ କାର୍ଯ୍ୟ ଜାରି ରହିବ ବୋଲି ସେ ମତପ୍ରକାଶ କରିଥିଲେ। ବୁଧବାର ଦିନତମାମ ଚାଲିଥିବା ଏହି କାର୍ଯ୍ୟକ୍ରମରେ ବିଡିଓ ଅବିନାଶ ଲାକ୍ରା, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଅଧିକାରୀ ଆଶିଷ ଲେଙ୍କା, ସୋଡ଼ାମାଲ ସରପଞ୍ଚ ଚନ୍ଦନ ପଟ୍ଟନାୟକ, କୁଳିହାମାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଞ୍ଜନ ପଟେଲ, ଝିର୍ଲାପାଲି ସରପଞ୍ଚ ଟିଲୋତ୍ତମା ଛଛାନ, କୋଲାବିରା ମଣ୍ଡଳ ସଭାପତି ରାଜେଶ ଦାସ, ସାଧାରଣ ସମ୍ପାଦକ ଲିଙ୍କନ ଟାଣ୍ଡକାର, ସମରେନ୍ଦ୍ର ରାୟ, ସଞ୍ଜୟ ପୂଜାରୀ, ଅନିଲ ବେହେରା, ମନୋଜ ସାହୁ, ଭାଗିରଥି ଛତ୍ରିୟା, ବେଦବ୍ୟାସ ପ୍ରଧାନଙ୍କ ସମେତ ବହୁ ସରକାରୀ କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

ଗାଁରେ ବିନା ଲାଇସେନ୍ସରେ ବାଣ ବଜାର

ଜୟପୁର,୪/୧୧ (ନି.ପ୍ର): କୋରାପୁଟ ଜିଲାରେ ଗାଁ ଗାଁରେ ବିନା ଲାଇସେନ୍ସରେ ବାଣ ବିକ୍ରୟ ଚାଲିଛି । ଦୀପାବଳୀକୁ ଆଉ ମାତ୍ର ୪ ଦିନ ବାକି । ଆଲୋକର ପବ ପାଇଁ ସାରା ଅବିଭକ୍ତ କୋରାପୁଟ ଜିଲ୍ଲାରେ ପ୍ରସ୍ତୁତି ଜୋରଦାର ଚାଲିଥିବା ବେଳେ ଗୋଟିଏ ପଟେ ଆଇନ ମାନୁଥିବା ବ୍ୟବସାୟୀମାନେ ଅସ୍ଥାୟୀ ଲାଇସେନ୍ସ ପାଇଁ ପାଂଚଟି ବିଭାଗରୁ ଏନ୍ଓସି ଏବଂ ଥାନାରେ ଆଇବଣ୍ଡ(ଶପଥ ପତ୍ର /ନିଜ ଦାୟୀତ୍ୱ ବନ୍ଧକ ପତ୍ର)ଦାଖଲ ପାଇଁ ଅଫିସ ଅଫିସ ବୁଲୁଥିବା ବେଳେ ଅନ୍ୟ ପଟେ କିଛି ଅସାଧୁ ବ୍ୟବସାୟୀ ପ୍ରଶାସନ ଓ ପୋଲିସକୁ ଚକମା ଦେଇ ଗାଁ ଗାଁରେ ବିନା ଲାଇସେନ୍ସରେ ବେଆଇନ ବାଣ ଦୋକାନ ଖୋଲି ସାରିଲେଣି। ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ବଢ଼ୁଛି ଏବଂ ସାଧାରଣ ଲୋକେ ପ୍ରଶ୍ନ କରୁଛନ୍ତି ଯଦି ଅଘଟଣ ଘଟେ ତେବେ ଦାୟୀ କିଏ ରହିବ । ଚଳିତ ବର୍ଷ ଦୀପାବଳୀ ନଭେମ୍ବର ୮ ତାରିଖ ରବିବାର ପଡୁଛି । ଏହାକୁ ନଜରରେ ରଖି କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ବାଣ ବିକ୍ରି ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରାଯାଇଛି। ସୂଚନା ଅନୁସାରେ ନଭେମ୍ବର ୬, ୭ରୁ ୮ ତାରିଖ ପର୍ଯ୍ୟନ୍ତ ଦୁଇ,ତିନି ଦିନ ପାଇଁ ଅସ୍ଥାୟୀ ଲାଇସେନ୍ସ ଦିଆଯିବ ବୋଲି ପୋଲିସ ପକ୍ଷରୁ ବ୍ୟବସାୟୀଙ୍କୁ ସୂଚନା ଦିଆଯାଇଛି । ଲାଇସେନ୍ସ ପାଇଁ ନିୟମ ବହୁତ କଡା କରାଯାଇଛି । ଜଣେ ବ୍ୟବସାୟୀଙ୍କୁ ପାଂଚଟି ବିଭାଗରୁ ଏନଓସି ଆଣିବାକୁ ପଡୁଛି । ଅଗ୍ନିଶମ ବିଭାଗ, କୋରାପୁଟ ଏସପି ଅଫିସ, ଜିଲ୍ଲା ପ୍ରଶାସନ, ସ୍ଥାନୀୟ ତହସିଲଦାର ଏବଂ ସ୍ଥାନୀୟ ଥାନାରୁ ଅନୁମତି । ଲାଇସେନ୍ସ ପାଇଁ ଅଫିସ ଅଫିସ ବୁଲୁଛି ବ୍ୟବସାୟୀ ଏହା ସହ ପୋଲିସ ପାଖରେ ନିଜ ଦାୟିତ୍ୱ ବନ୍ଧକ ପତ୍ର ଅର୍ଥାତ ଶପଥ ପତ୍ର ଦାଖଲ କରିବାକୁ ପଡୁଛି ଯେ ସେ ସମସ୍ତ ନିୟମ ମାନିବେ ଏବଂ କୌଣସି ଅଘଟଣ ହେଲେ ନିଜେ ଦାୟୀ ରହିବେ । ଏହା ପରେ ପୋଲିସ ଟିମ୍ ଯାଇ ସ୍ଥାନ ଯାଂଚ କରିବ । ଖୋଲା ପଡିଆରେ ଟିଣ ଛପର ଘର, ଗୋଟିଏ ଘର ଠାରୁ ଅନ୍ୟ ଘର ପାଂଚ ଫୁଟ ଦୂରତା, ସାମ୍ନାରେ ପାଣି ଟାଙ୍କି, ବାଲି ବସ୍ତା ଏବଂ ଅଗ୍ନି ନିର୍ବାପକ ଯନ୍ତ୍ର ରହିବା ବାଧ୍ୟତାମୂଳକ । କେବଳ ସବୁଜ ବାଣ ବା ଗ୍ରୀନ କ୍ରାକର୍ସ ବିକ୍ରି ଅନୁମତି ଅଛି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଟିମ୍ ମଧ୍ୟ ଯାଂଚ କରିବ । ନିୟମ ଭଙ୍ଗ ହେଲେ ଜରିମାନା ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ । ହେଲେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା । ଲାଇସେନ୍ସ ପାଇଁ ସରକାରୀ ବ୍ୟବସାୟୀ ଧାଁ ଦୌଡ଼ କରୁଥିବା ବେଳେ ଗାଁ ଗାଁରେ ବେଆଇନ ବେପାର ଜୋରଦାର ଚାଲିଛି । କିଛି ନିର୍ଦ୍ଦିଷ୍ଟ ବ୍ୟବସାୟୀ ବିନା ଲାଇସେନ୍ସରେ ଉଚ୍ଚ ଶବ୍ଦ ସମ୍ପନ୍ନ ବାଣ ବିକ୍ରି ଆରମ୍ଭ କରି ଦେଇଛନ୍ତି । ପାନ ଦୋକାନ ଏମିତି କି ଗ୍ରୋସରୀ, ଷ୍ଟେସନାରୀ ଦୋକାନ ଭିତରେ ବସ୍ତା ବସ୍ତା ବାଣ ଗଚ୍ଛିତ ଅଛି । ଯେ କୌଣସି ମୁହୂର୍ତରେ ବଡ ଅଘଟଣ ଘଟିପାରେ । ଗତ ୨ ଦିନ ତଳେ ଜୟପୁର ଟାଉନ ପୋଲିସ ଏନକେଟି ରୋଡ ରେ ବେଆଇନ ବାଣ ଗଛିତ ଅଭିଯୋଗ ରେ ଚଢାଉ କରି ଲକ୍ଷାଧିକ ଟଙ୍କାର ବାଣ ଜବତ କରିଥିଲା । ଲାଇସେନ୍ସ ଥିବା ବ୍ୟବସାୟୀ ହତାଶ ।

ମାର୍ଶାଘାଇରେ ଜିଲ୍ଲା ପ୍ରଶାସକଙ୍କ ରାଜସ୍ୱ ଜନଶୁଣାଣୀ ଶିବିର

କେନ୍ଦ୍ରାପଡ଼ା,୪/୧୧ (ନି.ପ୍ର): ମାର୍ଶାଘାଇ ତହସିଲ କାର୍ଯ୍ୟାଳୟରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସକଙ୍କ ରାଜସ୍ୱ ଜନଶୁଣାଣୀ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ମଲିକ ଯୋଗ ଦେଇ ଅଭିଯୋଗର ଶୁଣାଣୀ କରିଥିଲେ। ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା, ଅତିରିକ୍ତ ତହସିଲଦାର ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ବିମାନବନ୍ଦର ପରିସରରେ ପୌରପାଳିକା ଓ ବିମାନବନ୍ଦର ପ୍ରାଧିକରଣ ପକ୍ଷରୁ ମିଳିତ ଯାଞ୍ଚ

ଝାରସୁଗୁଡ଼ା,୪/୧୧ (ନି.ପ୍ର): ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସାର୍ବଜନୀନ ସ୍ୱଚ୍ଛତା ସଚେତନତା ସୃଷ୍ଟି କରିବା ଏବଂ ବିମାନବନ୍ଦର ଆଖପାଖ ଅଞ୍ଚଳକୁ ସ୍ୱଚ୍ଛ, ସ୍ୱାସ୍ଥ୍ୟକର ତଥା ନିରାପଦ ରଖିବା ଲକ୍ଷ୍ୟରେ ଆଜି ସ୍ଥାନୀୟ ପୌରପାଳିକା ପ୍ରଶାସନ ଏବଂ ଭାରତୀୟ ବିମାନବନ୍ଦର ପ୍ରାଧିକରଣ ପକ୍ଷରୁ ଏକ ମିଳିତ ସ୍ୱଚ୍ଛତା ତଥା ପରିମଳ ଯାଞ୍ଚ ଅଭିଯାନ କରାଯାଇଛି। ଏହି ଯାଞ୍ଚ ଅଭିଯାନ ମୁଖ୍ୟତଃ ବିମାନବନ୍ଦର ସଂଲଗ୍ନ ଅଞ୍ଚଳରେ ମୃତ ପ୍ରାଣୀଙ୍କ ଅବଶେଷ ତଥା ଅଳିଆ ଆବର୍ଜନାର ଅନୁପଯୁକ୍ତ ନିଷ୍କାସନକୁ ରୋକିବା, ଖୋଲା ସ୍ଥାନରେ ଫିଙ୍ଗିବା ଉପରେ କଟକଣା ଲଗାଇବା ଏବଂ ବାସ ଥରେ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ର କ୍ଷତିକାରକ ପ୍ରଭାବ ସମ୍ପର୍କରେ ଲୋକଙ୍କୁ ସଚେତନ ମଧ୍ୟ କରାଯାଇଥିଲା। ଏହା ସହିତ ନାଗରିକମାନଙ୍କ ମଧ୍ୟରେ ଦାୟିତ୍ୱସମ୍ପନ୍ନ ବର୍ଜ୍ୟବସ୍ତୁ ପରିଚାଳନାକୁ ପ୍ରୋତ୍ସାହିତ କରିବା, ପରିବେଶର ସନ୍ତୁଳନ ରକ୍ଷା କରିବା ତଥା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଉଭୟ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଯାଞ୍ଚ କାର୍ଯ୍ୟକ୍ରମ ସମୟରେ ନିର୍ଦ୍ଧାରିତ ପରିମଳ ଓ ସ୍ୱଚ୍ଛତା ନିୟମ ଉଲ୍ଲଂଘନ କରିଥିବା ବ୍ୟକ୍ତିବିଶେଷ ଓ ବ୍ୟବସାୟୀମାନଙ୍କୁ ଚିହ୍ନଟ କରାଯାଇଥିଲା ଏବଂ ସେମାନଙ୍କ ଠାରୁ ପ୍ରଚଳିତ ସରକାରୀ ନିୟମ ଅନୁଯାୟୀ ଆର୍ଥିକ ଜରିମାନା ମଧ୍ୟ ଆଦାୟ କରାଯାଇଥିଲା।

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ ଆର୍ଥିକ ଓ ଡିଜିଟାଲ ସ୍ୱାକ୍ଷରତା ଶିବିର

କେନ୍ଦ୍ରାପଡ଼ା,୪/୧୧ (ନି.ପ୍ର): ସଚେତନ ହୋଇ ବ୍ୟାଙ୍କ ଖାତାର ଆର୍ଥିକ ପରିଚାଳନା କରିବା ଏବଂ ସାଇବର ଠକଙ୍କ ଠାରୁ ସତର୍କ ରହିବା ନେଇ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ମାର୍ଶାଘାଇ ଶାଖା ପକ୍ଷରୁ ବୁଧବାର ଗ୍ରାହକ ମାନଙ୍କ ଆର୍ଥିକ ଓ ଡିଜିଟାଲ ସଚେତନତା ଶିବିର ମାର୍ଶାଘାଇ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ବିଭିନ୍ନ ଯୋଜନାର ଆର୍ଥିକ ସୁବିଧା ଡିବିଟି ଜରିଆରେ ପ୍ରଦାନ କରାଯାଉଥିବାରୁ ବ୍ୟାଙ୍କରେ ଆର୍ଥିକ କାରବାର ପାଇଁ ଖାତା ଖୋଲିବା ଜରୁରୀ ହୋଇପଡ଼ିଛି। ତେଣୁ ବ୍ୟାଙ୍କଗୁଡ଼ିକରେ ନୂଆ ସଂଚୟଖାତା ଖୋଲିବା, ନିୟମିତ ପରିଚାଳନା କରିବା, କେୱାଇସି ଅପଡେଟ କରିବା, ନୋମିନି ଚୟନ,ସାଇବର ଠକଙ୍କ ପ୍ରତି ସଚେତନ ରହିବା ଆଦି ବିଷୟରେ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ମୁଦ୍ରା ଯୋଜନା, କେସିସି, ଆଖୁ ଚାଷୀଙ୍କୁ ଋଣ, ମତ୍ସ୍ୟ, କୁକ୍କୁଡ଼ା ଫାର୍ମ ଆଦି ଋଣ ସହଜରେ ପାଇ ପାରିବା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏସ୍ଏଚ୍ଜି ଠାରୁ ଆରମ୍ଭ କରି ବ୍ୟକ୍ତିଗତ ଋଣ ଏବଂ ସହାୟତା ଯୋଜନା ବ୍ୟାଙ୍କ ମାଧ୍ୟମରେ କରାଯିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ତେଣୁ ଆର୍ଥିକ ସଚେତନତା ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ନାବାର୍ଡର କେନ୍ଦ୍ରାପଡ଼ା ଜିଲ୍ଲା ବିକାଶ ଅଧିକାରୀ ସ୍ମିତା ବଡ଼ଜେନା କହିଥିଲେ। ଓଡିଶା ଗ୍ରାମ୍ୟ ବ୍ୟାଙ୍କରେ ଗ୍ରାହକମାନଙ୍କୁ ଦିଆଯାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ବ୍ୟାଙ୍କର କେନ୍ଦ୍ରାପଡ଼ା ଆଂଚଳିକ ପ୍ରବନ୍ଧକ ମନୋଜ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୂଚନା ଦେଇଥିଲେ। ବ୍ଲକ ଜିପିଡିଓ ସୋନାଲି ବେଉରା, ବିପିଏମ ପ୍ରଭାତ ମଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଓଡିଶା ଗ୍ରାମ୍ୟ ବ୍ୟାଙ୍କର ମାର୍ଶାଘାଇ ଶାଖାର କ୍ୟାସିୟର ସଂଜୀବ ରଥ ଶିବିରକୁ ପରିଚାଳନା କରିଥିଲେ । ଶିଳିପୁର ପଞ୍ଚାୟତ ସମିତି ସଭ୍ୟା ଭାରତୀ କାନୁନଗୋ, ଏମବିକେ ମାନସୀ ମନ୍ତ୍ରୀଙ୍କ ସମେତ ବହୁ ସିଆରପି, ଶତାଧିକ ମହିଳା ସଦସ୍ୟା ଉପସ୍ଥିତ ଥିଲେ । ଓଡିଶା ଗ୍ରାମ୍ୟ ବ୍ୟାଙ୍କ ମାର୍ଶାଘାଇ ଶାଖାର ଦୀପକ କୁମାର ସ୍ୱାଇଁ, ବ୍ୟାଙ୍କ ମିତ୍ର ଜ୍ୟୋତିର୍ମୟୀ ସାମଲ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

ଖରିଫ୍ ୨୦୨୬ରେ ଜିଲ୍ଲାସ୍ତରୀୟ ପ୍ରଧାନ ମନ୍ତ୍ରୀ ଫସଲବୀମା ଯୋଜନା ଶସ୍ୟ କାଟ ପରୀକ୍ଷଣ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ

କେନ୍ଦୁଝର,୪/୧୧ (ନି.ପ୍ର): ଚଳିତ କୃଷି ବର୍ଷ:୨୦୨୬-୨୭ ନିମନ୍ତେ ଖରିଫ୍ ୨୦୨୬ରେ ଜିଲ୍ଲା ସ୍ତରୀୟ ପ୍ରଧାନ ମନ୍ତ୍ରୀ ଫସଲ ବିମା ଯୋଜନା ଶସ୍ୟ କାଟ ପରୀକ୍ଷଣ (ସିସିଇ)ସମ୍ପର୍କିତ ତାଲିମ କାର?ୟକ୍ରମ କେନ୍ଦୁଝର ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ଦରବାର୍ ହଲରେ ଗତ ଦୁଇଦିନ ଧରି ଦୁଇଟି ବ୍ୟାଚରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନ ପ୍ରଥମ ବ୍ୟାଚ୍ ତା.୦୩.୧୧.୨୦୨୬ରେ ଆନନ୍ଦପୁର, ଘଷିପୁରା, ହରିଚନ୍ଦନପୁର, ହାଟଡିହି, ପାଟଣା, ସାହରପଡା, ତେଲକୋଇ ବ୍ଲକର ୧୦୬ ଜଣ, ଦ୍ୱିତୀୟ ବ୍ୟାଚ ତଥା ଶେଷ ଦିନ ତା. ୦୪.୧୧.୨୦୨୬ ରେ ବାଂସପାଳ,ଚମ୍ପୁଆ, ଘଟଗାଁ, ଝୁମ୍ପୁରା,ଯୋଡା,କେନ୍ଦୁଝର ସଦର ବ୍ଲକର ୯୫ ଜଣ , ଏହିପରି ସର୍ବମୋଟ ୨୦୧ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି । ଏହି ତାଲିମ କର୍ଯ୍ୟରେ ଶସ୍ୟ କାଟ ପରୀକ୍ଷା ନିମନ୍ତେ ନିୟୋଜିତ ହେଇଥିବା ଜିଲ୍ଲାର ସମସ୍ତ ତହସିଲର ସଂପୃକ୍ତ ୫୩ ଜଣ ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ସମସ୍ତ ବ୍ଲକର ସଂପୃକ୍ତ ୧୧୮ ଜଣ କୃଷି ଓଭରସିୟର, ଭିଏଡବ୍ଲୁ ଏବଂ ସମସ୍ତ ବ୍ଲକର ୩୦ ଜଣ ଗୋଷ୍ଠୀ ପରିସଂଖ୍ୟାନ ଅଧିକାରୀ, ପରିସଂଖ୍ୟାନ ପର୍ଯ୍ୟବେକ୍ଷକ ଓ ପରିସଂଖ୍ୟାନ କ୍ଷେତ୍ର ସର୍ଭେୟର ଯୋଗ ଦେଇଥିଲେ । ଚଳିତ ବର୍ଷ ହରିଚନ୍ଦନପୁର ବ୍ଲକର ଦଇତାରି ଓ ଯୋଡ଼ା ବ୍ଲକର ଜୁରୁଡ଼ି ପଂଚାୟତକୁ ଛାଡି ଜିଲ୍ଲାର ସମସ୍ତ ବ୍ଲକର ୨୯୫ ପଂଚାୟତ ଏବଂ ସମସ୍ତ ୫ଟି ମୁନିସପାଲିଟ ଏବଂ ଏନ.ଏ.ସି ରେ ଅନଲାଇନରେ ମୋବାଇଲ ଆପ ମାଧ୍ୟମରେ ଧାନ ଶସ୍ୟ କାଟ ହୋଇ କେନ୍ଦୁଝର ଜିଲ୍ଲାରେ ଧାନ ଉତ୍ପାଦନ ସମ୍ବନ୍ଧିୟ ତଥ୍ୟ ଆକଳନ ପାଇଁ ସରକାରଙ୍କୁ ଫର୍ମ ୮ରେ ତଥ୍ୟ ପ୍ରଦାନ କରାଯିବ । ଏହି ପ୍ରଧାନ ମନ୍ତ୍ରୀ ଫସଲ ବିମା ଯୋଜନା କାର୍ଯ୍ୟକ୍ରମ ବିଗତ ୨୦୧୬-୧୭ କୃଷିବର୍ଷରୁ କାର୍ଯ୍ୟକାରି ହୋଇ ଆସୁଅଛି । ଏହି ତାଲିମ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ସଠିକ୍ ସମୟରେ ଓ ସଠିକ୍ ପଦ୍ଧତିରେ ୧୦୦% ଅନଲାଇନ ମାଧ୍ୟମରେ ମୋବାଇଲ୍ ଆପରେ ଧାନ ଶସ୍ୟ କାଟ କରିବାକୁ ପରାମର୍ଶ ଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କବିତା ବେହେରା ,ଯୋଜନା ଓ ପରିସଙ୍ଖ୍ୟାନର ଉପନିର୍ଦ୍ଦେଶକ ଗଜେନ୍ଦ୍ର କୁମାର ବେହେରା ଯୋଗ ଦେଇ ସମସ୍ତେ ତାଲିମ ଗ୍ରହଣ କାରିଙ୍କୁ ଏହି ତାଲିମ ନେଇ ଫିଲ୍ଡ/କ୍ଷେତ୍ରରେ ମୋବାଇଲ୍ ଆପରେ ସଠିକ୍ ଶସ୍ୟକାଟ କରି ଫର୍ମ-୮ ରେ ରିପୋର୍ଟ ପ୍ରଦାନ କରିବାକୁ ପରାମର୍ଶ ଦେବା ସହ ସରକାର ତଥା ଜିଲ୍ଲାର ଏହି ମହତ କାର୍ଯ୍ୟରେ ସହଯୋଗ କରିବାକୁ ଅବଗତ କରାଇଥିଲେ । ଓଡିଶା ସରକାରଙ୍କ ଅର୍ଥନିତୀ ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଜିଲ୍ଲା ପ୍ରଶାସନ ଓ ମୂଖ୍ୟ କୃଷି ଅଧିଳାରୀଙ୍କ ସହଯୋଗ ଓ କେନ୍ଦୁଝରସ୍ଥ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଆନୁକୁଲ୍ୟରେ ଆୟୋଜିତ ହୋଇଥିବା ଏହି ତାଲିକ କାର୍ଯ୍ୟକ୍ରମକୁ ମାଷ୍ଟର ଟ୍ରେନର ଭାବେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ପରିସଂଖ୍ୟାନ ସହକାରୀ ନିର୍ଦ୍ଦେଶକ ସମିତ୍ କୁମାର ଘୋଷ୍, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କାର୍ଯ୍ୟାଳୟର ପ୍ରଧାନ ମନ୍ତ୍ରୀ ଫସଲ ବିମା ଯୋଜନାର ସ୍କିମ୍ ଅଧିକାରୀ ତଥା ସହକାରୀ କୃଷି ଅଧିକାରୀ ଦୀପାଞ୍ଜଳୀ ମହାପାତ୍ର, ଜେନେରାଲି ସେଂଟ୍ରାଲ ୟୁନୁରାନ୍ସ କମ୍ପାନୀର ଜିଲ୍ଲା ସଂଯୋଜକ ସୌଭାଗ୍ୟ କୁମାର ଦାସ ତାଲିମଦାତା ଭାବେ ପରିଚାଳନା କରିଥିଲେ ଏବଂ ପରିଶେଷରେ ପରିସଂଖ୍ୟାନନ ଅଧିକାରୀ ଅନୁପମା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲାସ୍ତରୀୟ ଉନ୍ନୟନ ଓ ଦାରିଦ୍ର୍ୟ ଦୂରୀକରଣ ଯୋଜନା ସମୀକ୍ଷା ବୈଠକ

ସମ୍ବଲପୁର,୪/୧୧ (ନି.ପ୍ର): ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ପରିସରରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆଜି ଏକ ଉଚ୍ଚସ୍ତରୀୟ ଜିଲ୍ଲା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲାପାଳ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ଜିଲ୍ଲାରେ ଚାଲିଥିବା ବିଭିନ୍ନ ଗ୍ରାମୀଣ ଉନ୍ନୟନ ଓ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ। ଏହି ବୈଠକରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ଥିବା ସମସ୍ତ ଘର ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରି ଯୋଗ୍ୟ ହିତାଧିକାରୀଙ୍କୁ ଯୋଗାଇଦେବା ସହିତ ମନରେଗା ଜରିଆରେ ନିର୍ମାଣାଧୀନ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିସହିତ ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ଓ ଓରମାସ ଅଧୀନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆର୍ଥିକ ବିକାଶ, ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା, ମଡେଲ ଭିଲେଜ ମିଶନ, ବିଧାୟକ ପାଣ୍ଠି, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଏବଂ କେନ୍ଦ୍ରୀୟ ତଥା ରାଜ୍ୟ ଅର୍ଥ କମିଶନ ଅନୁଦାନରେ ସ୍ୱାସ୍ଥ୍ୟ କ୍ଷେତ୍ରର ଭିତ୍ତିଭୂମି ଉନ୍ନୟନ ଆଦି ବିଷୟରେ ବ୍ଲକୱାରୀ ବିସ୍ତୃତ ଭାବେ ତର୍ଜମା କରାଯାଇଥିଲା। ସମସ୍ତ ପ୍ରକଳ୍ପର କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ଏବଂ ବାକି ଥିବା ଉପଯୋଗିତା ପ୍ରମାଣପତ୍ର ତୁରନ୍ତ ଦାଖଲ କରିବା ପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ନିଜ ନିଜ କ୍ଷେତ୍ରର ଅଗ୍ରଗତି ତଥ୍ୟ ଉପସ୍ଥାପନ କରିଥିଲେ।

ଆସନ୍ତା ସାତରେ ଗଂଜାମ ଗସ୍ତରେ ଆସିବେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଗଂଜାମ,୪/୧୧ (ନି.ପ୍ର): ବହୁ ବାଦ ବିବାଦର ଅନ୍ତ ଘଟାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ହିଞ୍ଜିଳିକାଟୁର ବିଧାୟକ ନବୀନ ପଟ୍ଟନାୟକ ଆସନ୍ତା ସାତ ତାରିଖରେ ଗଂଜାମ ଜିଲ୍ଲା ତଥା ତାଙ୍କ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିକାଟୁ ଆସି ଅର୍ଣ୍ଣବ ପୀଡିତ ଲୋକଙ୍କ ପାଖରେ ପହଞ୍ଚିବେ । ନବୀନ ସେଠାରେ ସ୍ଥିତି ଅନୁଧ୍ୟାନ କରିବେ ଓ ସରକାରଙ୍କ ତରଫରୁ କିପରି ଥଇଥାନ କରାଯାଇଛି, ରିଲିଫ ଓ ସହାୟତା ମିଳିଛି ତାର ମଧ୍ୟ ଅନୁଧ୍ୟାନ କରିବେ । ନବୀନ ଗଂଜାମ ଆସୁଥିବା ଖବର ପାଇ ଜିଲ୍ଲାର ବିଜେଡି ନେତାଙ୍କ ମହଲରେ ଏବଂ ଜନସାଧାରଣଙ୍କ ମହଲରେ ପ୍ରବଳ ଆନନ୍ଦ ଓ ଉତ୍କଣ୍ଠା ପ୍ରକାଶ ପାଇଛି । ନିର୍ବାଚନ ପର ଠାରୁ ନବୀନ ଗଂଜାମ ଆସିନଥିବାରୁ ଓ ନବୀନ ନିଖୋଜ ବୋଲି ବିରୋଧୀଙ୍କ ପକ୍ଷରୁ ପ୍ରଚାର ଓ ବିଭିନ୍ନ ସ୍ଥାନରେ ପୋଷ୍ଟର ମରାଯାଇଥିଲା । ନବୀନ ଙ୍କ ଗଂଜାମ ଗସ୍ତ ପରେ ଏସବୁର ଅବସାନ ଘଟିବ ବୋଲି ଜନମତ ପ୍ରକାଶ ପାଇଛି ।

ଶୃଙ୍ଖଳିତ ଭସାଣି ପରିଚାଳନା ପାଇଁ ମାର୍ଶାଘାଇ ପୋଲିସ ପ୍ରଶଂସିତ

କେନ୍ଦ୍ରାପଡ଼ା,୪/୧୧ (ନି.ପ୍ର): ଶାନ୍ତି ଶୃଙ୍ଖଳାର ସହିତ ମାର୍ଶାଘାଇ ଗଜଲକ୍ଷ୍ମୀ ଭସାଣି ଉତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ଶାନ୍ତି କମିଟି ଦ୍ୱାରା ସର୍ବସମ୍ମତି କ୍ରମେ ସ୍ଥିରୀକୃତ ସମୟ ଅନୁଯାୟୀ ସମସ୍ତ ୮ ଯାକ ମେଢ଼ ଭସାଣି ଉତ୍ସବରେ ସାମିଲ ହୋଇ ବିସର୍ଜିତ ହୋଇଥିଲା। ମାର୍ଶାଘାଇ ଥାନା ଅଧିକାରୀ ତପନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏସ୍ଆଇ ଧରିତ୍ରୀ ଜେନା, ଏସ୍ଆଇ ପ୍ରବୀଣ କାନ୍ଦୁଲାନାଙ୍କ ସମେତ ସମସ୍ତ ହାବିଲଦାର, କନେଷ୍ଟବଳ ସଜାଗ ରହିଥିବାରୁ ଶୃଙ୍ଖଳିତ ଭାବେ ଭସାଣି ଉତ୍ସବ ଉଦଯାପିତ ହୋଇଥିବାରୁ ଥାନପତି ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପ୍ରଶଂସା କରାଯାଇଛି।

କେନ୍ଦ୍ରାପଡ଼ାରେ ୧୯ତମ ଜିଲ୍ଲା ଯୋଜନା କମିଟି ବୈଠକ ଅନୁଷ୍ଠିତ

କେନ୍ଦ୍ରାପଡ଼ା,୪/୧୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ସାମଗ୍ରିକ ବିକାଶ, ଉନ୍ନୟନମୂଳକ ଯୋଜନାର ସୁଚାରୁ ରୂପାୟଣ ଏବଂ ଜିଲ୍ଲାର ପ୍ରାଥମିକତାଭିତ୍ତିକ ଆବଶ୍ୟକତା ଉପରେ ଆଲୋଚନା ନିମନ୍ତେ ୧୯ତମ ଜିଲ୍ଲା ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୋଜନା କମିଟିର ନୂତନ ଅଧ୍ୟକ୍ଷ ଭାବେ ମାନ୍ୟବର ବିଧାୟକ ମହାକାଳପଡ଼ା ଦୁର୍ଗା ପ୍ରସନ୍ନ ନାୟକ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କ ଅଧ୍ୟକ୍ଷତାରେ ଏହା ତାଙ୍କର ପ୍ରଥମ ବୈଠକ ଥିଲା। ବୈଠକରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ, ସରକାରୀ ଯୋଜନାର ଅଗ୍ରଗତି, ଭିତ୍ତିଭୂମି ବିକାଶ, ଜନସାଧାରଣଙ୍କ ମୌଳିକ ସୁବିଧା ଏବଂ ବିଭିନ୍ନ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲ୍ଲାର ଆବଶ୍ୟକତା ଓ ସ୍ଥାନୀୟ ଜନସାଧାରଣଙ୍କ ଆଶାଆକାଂକ୍ଷାକୁ ଗୁରୁତ୍ୱ ଦେଇ ବିକାଶମୂଳକ ଯୋଜନା ପ୍ରସ୍ତୁତି ଓ ରୂପାୟଣ ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଶ୍ରୀ ଦୁର୍ଗା ପ୍ରସନ୍ନ ନାୟକ ଜିଲ୍ଲାର ସାମଗ୍ରିକ ଓ ସନ୍ତୁଳିତ ବିକାଶ ପାଇଁ ସମସ୍ତଙ୍କ ମିଳିତ ଉଦ୍ୟମ ଓ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ବିକାଶମୂଳକ ଯୋଜନାଗୁଡ଼ିକ ଯେପରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏବଂ ଗୁଣାତ୍ମକ ଭାବେ କାର୍ଯ୍ୟକାରୀ ହୁଏ, ସେଥିପାଇଁ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ଜିଲ୍ଲାର କୃଷି କ୍ଷେତ୍ରର ବିକାଶ, ଜଳସେଚନ ସୁବିଧାର ସମ୍ପ୍ରସାରଣ ଓ ଉନ୍ନତିକରଣ ଉପରେ ମତାମତ ଆଦାନପ୍ରଦାନ କରାଯାଇଥିଲା। ଚାଷଜମିକୁ ନିୟମିତ ଜଳ ଯୋଗାଣ ଏବଂ ଜଳସମ୍ପଦର ସୁବିନିଯୋଗ ମାଧ୍ୟମରେ କୃଷି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଦିଗରେ ଆଲୋଚନା ହୋଇଥିଲା ।ସେହିପରି ଜିଲ୍ଲାର ପର୍ଯ୍ୟଟନ ସମ୍ଭାବନାକୁ ଦୃଷ୍ଟିରେ ରଖି ଇକୋ-ଟୁରିଜିମ୍ ଓ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାର ପ୍ରାକୃତିକ ସମ୍ପଦ, ଐତିହାସିକ ଓ ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ସୁରକ୍ଷା, ଉନ୍ନତିକରଣ ଏବଂ ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକ ସୁବିଧା ସୃଷ୍ଟି ଉପରେ ଆଲୋଚନା ହୋଇଥିଲା। ଏହାଦ୍ୱାରା ସ୍ଥାନୀୟ ଅର୍ଥନୀତି ଓ ଜୀବିକାର ସୁଯୋଗ ବୃଦ୍ଧି ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ୀକରଣ, ପାନୀୟଜଳ, ଟଇଲେ ବ୍ୟବସ୍ଥା ଆଦି ଆଲୋଚନା କରାଯାଇଥିଲା।

OFFICE OF THE NOTIFIED AREA COUNCIL: UDALA
UDALA, MAYURBHANJ
ODISHA, PIN- 757041
TEL. No / FAX – 06795-232268

No....1677..../N.A.C. Date..31.X.2026..,Udala

QUOTATION CALL NOTICE

Sealed quotations are invited from the different Firms/Architecture/Engineering Consultancy having GST Registration Certificate & ISO, Udyam Registration Certificate for preparation of "Detailed Project Report (DPR) for the Development of Udala Bus Stand and its Peripherals". The quotation should reached to the undersigned on or before dt.13.11.2026 positively by 5 P.M. The said quotation will be opened on dt.16.11.2026 at 11.00 A.M. in presence of the bidder or their authorized representative. The bidder should submit an EMD amount of Rs.5000/- (Rupees Five thousand) only for each Project in favour of Executive Officer, Udala NAC payable at Udala which will be refunded within 15 days to the unsuccessful bidder. No quotations will be entered after schedule date & time.

SL No.	Particulars	Quantity	% of Project Cost in Rs.(Excluding GST)
01	Detailed Project Report (DPR) for Market Complex, Waiting Room, Employee Building, Bus Stop, Renovation of Toilets at Udala Thana Chhaka in Ward No-10 of Udala NAC	01	

The authority reserve the right to reject any or all quotations without assigning reason thereof.

Executive Officer,
Udala N.A.C, Udala

OIPR: 13001/13162/1/26-27/0010

ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟା
ପରିବାର ପରି ରାଷ୍ଟ୍ର ଗଠନରେ ମଧ୍ୟ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ



ଭଦ୍ରକ, ୦୫/୧୧ (ନି.ପ୍ର): ସମଗ୍ର ମାନବ ସମାଜର ଅର୍ଦ୍ଧେକ ଅଂଶ ନାରୀ। ନାରୀ ଶକ୍ତି ବିନା ରାଷ୍ଟ୍ରର ବିକାଶ ତ ଦୂରର କଥା ରାଷ୍ଟ୍ରର ସ୍ଥିତି ମଧ୍ୟ ଅସମ୍ଭବ । ନାରୀ ଗୃହକର୍ତ୍ତ୍ରୀ, ସୃଷ୍ଟି କାରିଣୀ ତଥା ପରିବାରର ମେରୁଦଣ୍ଡ। ଏଣୁ ପରିବାରରେ ନାରୀର ଭୂମିକା ଯେପରି ମହତ୍ତ୍ୱପୂର୍ଣ୍ଣ, ସେପରି ସଫଳ ଗଣତନ୍ତ୍ରରେ ନାରୀର ସହଭାଗିତା ଗୁରୁତ୍ୱପୂର୍ଣ୍ଣ ବୋଲି ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ତଥା ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ଆୟୋଜିତ ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭଦ୍ରକ ଭୂମିର ବିଶିଷ୍ଟ କବୀ ବିଦ୍ୟୁତପ୍ରଭା ଦେବୀ ସ୍ମୃତିରେ ଉତ୍ସର୍ଗୀତ ଏହି ସନ୍ଧ୍ୟାରେ ଭୂମିକନ୍ୟା ମହିଳା ସଂଗଠନ , ଭଦ୍ରକର ସଭାନେତ୍ରୀ ସଂଯୁକ୍ତା ବଳ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ଓ ସାଂସ୍କୃତିକ ସନ୍ଧ୍ୟାରେ ଭଦ୍ରକ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାଧାପିକା ଡ. ସୁକାନ୍ତି ମହାପାତ୍ର ମୁଖ୍ୟବକ୍ତା, ଚିକିତ୍ସାବିତ୍ ଡା. ପୂଜା ଲାହା , ଡ.ପୂଜାରିଣୀ ଘୋଷ ବରେଣ୍ୟ ଅତିଥି , ପ୍ରଧାନ ଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ, ନନ୍ଦିନୀ ମହିଳା ସଂଗଠନ ସଭାନେତ୍ରୀ ସଂଯୁକ୍ତା ଯାଦବ, ଶିକ୍ଷୟିତ୍ରୀ ତଥା କବୟିତ୍ରୀ ମନୋରମା ରାୟ, କବୟିତ୍ରୀ ତଥା ଅଧିବକ୍ତା ଚୈତାଳୀ ଖିଲାର ,ଭୂମିକନ୍ୟା ମହିଳା ସଂଗଠନ, ଭଦ୍ରକର ସମ୍ପାଦିକା ଦମୟନ୍ତୀ ରାଉତ ପ୍ରମୁଖ ସମ୍ମାନୀୟା ବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ' ଆମ ଗଣତନ୍ତ୍ରରେ ନାରୀର ଅଧିକାର' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ଲତା ବାରିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷୟିତ୍ରୀ ଭାରତୀ ବାଇ ଧନ୍ୟବାଦ ଅର୍ପଣ ଓ ଇଂ. ରିତିକା ଦାସ ଅତିଥି ମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିଲ। ଏହି ଅବସରରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟର ସଭାପତି ଇଂ . ଅଭୟ ସୁତାର, ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର, ସମ୍ପାଦକ ରବିନାରାୟଣ ଖିଲାର, ସାଂସ୍କୃତିକ ସମ୍ପାଦକ ରାମ ନାରାୟଣ ମହାନ୍ତି,ସଂଗଠନ ସମ୍ପାଦକ ନାଟ୍ୟଶ୍ରୀ ଡ. ନିର୍ମଳ ରାଉତ ଓ ନାରାୟଣ ଚନ୍ଦ୍ର ପାଢ଼ୀ ପ୍ରମୁଖ ମଞ୍ଚ ଓ ମହୋତ୍ସବ ପରିଚାଳନା କରିଥିଲେ। ଡ୍ରିମ୍ ଇଣ୍ଡିଆ ସ୍କୁଲ ଓ ବିଦ୍ୟାର୍ଥୀ ଇଣ୍ଟର ନ୍ୟାସନାଲ ସ୍କୁଲ ର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉକ୍ତ ମହୋତ୍ସବ ଓ ପୁସ୍ତକ ମେଳାରେ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ହସ୍ତଶିଳ୍ପ ପ୍ରଦର୍ଶନୀ ର ଷ୍ଟଲ ରହିଛି ଏବଂ ଭଦ୍ରକର ବିଧାୟକ ସିତାଂଶୁ ଶେଖର ମହାପାତ୍ର ଓ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ମିଳିତ ଭାବେ ଏହାକୁ ଉଦଘାଟନ କରିଛନ୍ତି। ଏହି ହସ୍ତଶିଳ୍ପ ଷ୍ଟଲରେ ବିକ୍ରି ହେଉଥିବା ପଦାର୍ଥ ଆକର୍ଷଣୀୟ ହୋଇ ଥିବାରୁ ଷ୍ଟଲରେ ଜନ ଗହଳି ଲାଗିରହୁଛି।

ଯୌନ ନିର୍ଯାତନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



ବାରିପଦା , ୦୫/୧୧ (ନି.ପ୍ର): ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତିକରଣ ଶାଖା ତରଫରୁ ଯୌନ ଉତ୍ପୀଡ଼ନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ.ଚନ୍ଦ୍ରକାନ୍ତ ଦାସ ଯୌନ ଉତ୍ପୀଡ଼ନ ଏକ ସାମାଜିକ ବ୍ୟାଧି ବୋଲି ମତବ୍ୟକ୍ତ କରିବା ସହ ଏହାର ନିରାକରଣ ପାଇଁ ସମସ୍ତଙ୍କର ସଚେତନତା ଓ ସହଯୋଗ ଆବଶ୍ୟକ ବୋଲି କହିଥିଲେ । ଉକ୍ତ ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ରାଜଶ୍ରୀ ପଟ୍ଟନାୟକ ଓ.ଜେ.ଏସ. ଯୋଗଦେଇ ଆଜିର ଦିନରେ ଝିଅ ତଥା ମହିଳା ମାନେ କିପରି ଯୌନ ଉତ୍ପୀଡ଼ନର ଶିକାର ହେଉଛନ୍ତି ଏବଂ ଅନେକ ସମୟରେ ସେମାନେ ବଦନାମ ହେବା ଭୟରେ ମୁହଁ ଖୋଲୁ ନଥିବାରୁ ଅପରାଧୀ ମାନେ ଖସି ଯିବାରେ ସକ୍ଷମ ହେଉଛନ୍ତି ବୋଲି କହିବା ସହିତ ଉତ୍ପୀଡ଼ନର ବିଭିନ୍ନ ଦିଗ, ଏହାର କୁପରିଣାମ, ଆଇନଗତ ବ୍ୟବସ୍ଥା ଓ ଏଥିରୁ ସୁରକ୍ଷା ପାଇବାର ଉପାୟ ସମ୍ପର୍କରେ ବିଶଦ ଭାବରେ ଆଲୋକପାତ କରି ଶିକ୍ଷାନୁଷ୍ଠାନ ଓ କର୍ମକ୍ଷେତ୍ରରେ ଏକ ସୁସ୍ଥ ସୁରକ୍ଷିତ ଏବଂ ଭୟମୁକ୍ତ ପରିବେଶ ସୃଷ୍ଟି କରିବା ସମସ୍ତଙ୍କର ଦାୟିତ୍ୱ ବୋଲି ମତ ପ୍ରକାଶ କରିଥିଲେ । ଶକ୍ତିଶ୍ରୀ ସଶକ୍ତିକରଣ ସେଲର ସଂଯୋଜିକା ତଥା ପ୍ରାଣୀ ବିଭାଗର ସହକାରୀ ପ୍ରଫେସର ସୁଶ୍ରୀ ସଂଗୀତା ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶକ୍ତିଶ୍ରୀ ସାଥୀ ତଥା ଇଂରାଜୀ ବିଭାଗର ଛାତ୍ରୀ ଶ୍ରଦ୍ଧା ସୁମନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ଲ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ, ଅଧାପକ, ଅଧାପକ, କର୍ମଚାରୀ ସକ୍ରିୟ ଅଂଶଗ୍ରହଣକରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

ବାଲେଶ୍ୱର ରାଣୀପାଟଣା ଦୃଷ୍ଟିବାଧିତ ବିଦ୍ୟାଳୟ ପାରା ଜୁଡୋରେ ରାଜ୍ୟ ଚାମ୍ପିୟନ୍



ବାଲେଶ୍ୱର, ୦୫/୧୧ (ନି.ପ୍ର): ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପସ୍ଥିତ ମନେଟ୍ ପବ୍ଲିକ୍ ସ୍କୁଲ୍ଠାରେ ଅନୁଷ୍ଠିତ ୩ୟ ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ ଓ ପାରା ଜୁଡୋ ଚାମ୍ପିୟନସିପ୍ (୨୦୨୬-୨୭)ରେ ବାଲେଶ୍ୱର ରା।ଣୀପାଟଣାସ୍ଥିତ ଦୃଷ୍ଟିବାଧିତ ବିଦ୍ୟାଳୟ ଅଭୂତପୂର୍ବ ସଫଳତା ହାସଲ କରି ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛି। ରାଜ୍ୟ ଦୃଷ୍ଟିବାଧିତ ଓ ପାରା ଜୁଡୋ ସଂଗଠନ ଓ 'ବୀର କଳିଙ୍ଗ'ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ମୋଟ ୨୧ଟି ଜିଲ୍ଲାରୁ ପାଖାପାଖି ୨୫୦ ଜଣ ଦୃଷ୍ଟିବାଧିତ ଓ ପାରା-କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ରା।ଣୀପାଟଣା ଦୃଷ୍ଟିବାଧିତ ବିଦ୍ୟାଳୟରୁ ମୋଟ ୧୭ ଜଣ ପ୍ରତିଭାବାନ୍ ଛାତ୍ରଛାତ୍ରୀ ଭାଗନେଇ ୧୪ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୧ଟି କାଂସ୍ୟ ପଦକ ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଦେବା ସହ ସମଗ୍ର ଜିଲ୍ଲାର ସୁନାମ ଓ ସମ୍ମାନକୁ ଆହୁରି ଦ୍ୱିଗୁଣିତ କରି ଚାମ୍ପିୟନସିପ୍ ଟ୍ରଫି ନିଜ ନାମରେ କରିଛନ୍ତି। ଏହି ଆକର୍ଷଣୀୟ ସଫଳତା ପରେ ବିଦ୍ୟାଳୟ ର ନିର୍ଦ୍ଦେଶକ, ଶିକ୍ଷକ-ଶିକ୍ଷୟିତ୍ରୀ, କ୍ରୀଡ଼ା ପ୍ରଶିକ୍ଷକ ଓ ଅଭିଭାବକମାନେ ସମସ୍ତ ବିଜୟୀ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଛନ୍ତି।

ଯୋଗାଣ ବିଭାଗର ଚଢ଼ଉ: ଏକ ଘରୋଇ ଯାତ୍ରୀବାହୀ ବସ୍‌ରୁ ବେଆଇନ ଭାବେ ଚାଲାଣ ହେଉଥିବା ୯ଟି ଗ୍ୟାସ ଟାଙ୍କି ଜବତ



ବସ୍ତା , ୦୫/୧୧ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ଗାନ୍ଧିଛକ ନିକଟରେ ଯୋଗାଣ ବିଭାବ ପକ୍ଷରୁ ଏକ ବଡ଼ଧରଣର ଚଢ଼ଉ କରାଯାଇଛି। ବେଆଇନ ଭାବେ ଏକ ଘରୋଇ ବସରେ ଚାଲାଣ ହେଉଥିବା ବେଳେ ଯୋଗାଣ ବିଭାବ ୯ଟି ରୋଷେଇ ଗ୍ୟାସ ଟାଙ୍କି ଜବତ କରିଛି । ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘଦିନ ହେବ ବସ୍ତା ଓ ଆଖପାଖ ଅଞ୍ଚଳରେ ରୋଷେଇ ଗ୍ୟାସର ବେଆଇନ କାରବାର ଏବଂ କଳାବଜାରୀ ବୃଦ୍ଧି ପାଉଥିବା ନେଇ ଯୋଗାଣ ବିଭାବ ପାଖରେ ଅଭିଯୋଗ ହୋଇଆସୁଥିଲା। ଆଜି ପୂର୍ବ ପ୍ରସ୍ତୁତି ଓ ବିଶେଷ ସୂତ୍ରରୁ ଖବର ପାଇ ଯୋଗାଣ ବିଭାବର ଏକ ଟିମଯୋଗାଣ ବିଭାବର ବଡ଼ଧରଣର ଚଢ଼ଉ। ଏକ ଘରୋଇ ଯାତ୍ରୀବାହୀ ବସ୍‌ରୁ ବେଆଇନ ଭାବେ ଚାଲାଣ ହେଉଥିବା ୯ଟି ଗ୍ୟାସ ଟାଙ୍କି ଜବତ। ବସ୍ତା ଥାନା ଅନ୍ତର୍ଗତ ଗାନ୍ଧିଛକ ନିକଟରେ ଯୋଗାଣ ବିଭାବ ପକ୍ଷରୁ ଏକ ଚଢ଼ଉ କରାଯାଇଛି। ବେଆଇନ ଭାବେ ଏକ ଘରୋଇ ବସରେ ଚାଲାଣ ହେଉଥିବା ବେଳେ ଯୋଗାଣ ବିଭାବ ୯ଟି ରୋଷେଇ ଗ୍ୟାସ ଟାଙ୍କି ଜବତ କରିଛି।ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘଦିନ ହେବ ବସ୍ତା ଓ ଆଖପାଖ ଅଞ୍ଚଳରେ ରୋଷେଇ ଗ୍ୟାସର ବେଆଇନ କାରବାର ଏବଂ କଳାବଜାରୀ ବୃଦ୍ଧି ପାଉଥିବା ନେଇ ଯୋଗାଣ ବିଭାବ ପାଖରେ ଅଭିଯୋଗ ହୋଇଆସୁଥିଲା। ଆଜି ପୂର୍ବ ପ୍ରସ୍ତୁତି ଓ ବିଶେଷ ସୂତ୍ରରୁ ଖବର ପାଇ ଯୋଗାଣ ବିଭାବର ଏକ ଟିମ ଗାନ୍ଧିଛକରେ ଜାଞ୍ଚ ଅଭିଯାନ ଜୋରଦାର କରିଥିଲେ। ସେହି ସମୟରେ ଏକ ଯାତ୍ରୀବାହୀ ଘରୋଇ ବସରେ ବେଆଇନ ଭାବେ ଗ୍ୟାସ ଟାଙ୍କି ଗୁଡ଼ିକୁ ଚାଲାଣ କରାଯାଉଥିବା ଜାଣିବାକୁ ପାଇ ଅଚାନକ ମାଡ଼ି ବସିଥିଲେ ଅଧିକାରୀ।ବସ ଭିତରୁ ମୋଟ ୯ଟି ଗ୍ୟାସ ଟାଙ୍କି ଜବତ କରାଯିବା ସହ ଏହି ଚାଲାଣ ପଛରେ କେଉଁ ମାନେ ଜଡ଼ିତ ଅଛନ୍ତି, ସେନେଇ ଯୋଗାଣ ବିଭାବ ଏବଂ ପୋଲିସ ଭିଭାଗ ପକ୍ଷରୁ ତନାଘନା ଜାରି ରହିଛି। ବେଆଇନ ଗ୍ୟାସ କଳାବଜାରୀ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଆଗକୁ ମଧ ଜାରି ରହିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଗାନ୍ଧିଛକରେ ଜାଞ୍ଚ ଅଭିଯାନ ଜୋରଦାର କରିଥିଲେ। ସେହି ସମୟରେ ଏକ ଯାତ୍ରୀବାହୀ ଘରୋଇ ବସ୍ ?ରେ ବେଆଇନ ଭାବେ ଏହି ଗ୍ୟାସ ଟାଙ୍କିଗୁଡ଼ିକୁ ଚାଲାଣ କରାଯାଉଥିବା ଜାଣିବାକୁ ପାଇ ଅଚାନକ ମାଡ଼ି ବସିଥିଲେ ଅଧିକାରୀମାନେ।ବସ୍ଭିତରୁ ମୋଟ ୯ଟି ଗ୍ୟାସ ଟାଙ୍କି ଜବତ କରାଯିବା ସହ ଏହି ଚାଲାଣ ପଛରେ କେଉଁମାନେ ଜଡ଼ିତ ଅଛନ୍ତି, ସେନେଇ ଯୋଗାଣ ବିଭାବ ଏବଂ ପୋଲିସ ପକ୍ଷରୁ ତନାଘନା ଜାରି ରହିଛି। ବେଆଇନ ଗ୍ୟାସ କଳାବଜାରୀ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଆଗକୁ ମଧ ଜାରି ରହିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ଜଳେଶ୍ୱରରେ ଅଡିଟ୍ ଅନଲାଇନ୍ ସମ୍ପର୍କିତ ବ୍ଲକ ସ୍ତରୀୟ ଏକ ଦିନିଆ ତାଲିମ ଶିବିର ଅନୁଷ୍ଠିତ

ଜଳେଶ୍ୱର, ୦୫/୧୧ (ନି.ପ୍ର): ପଞ୍ଚାୟତ ସ୍ତରୀୟ ଆର୍ଥିକ କାରବାରରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଦକ୍ଷତା ବୃଦ୍ଧି ଲକ୍ଷ୍ୟରେ ଜଳେଶ୍ୱର ବ୍ଲକ୍ ସମ୍ମିଳନୀ କକ୍ଷରେ ଏକ ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ତଥା ବାଲେଶ୍ୱର ଜିଲ୍ଲା ପରିଷଦର ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଡିଟ୍ ଅନଲାଇନ୍ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ବ୍ଲକ ଅଧୀନସ୍ଥ ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚ,ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ସହକାରୀ ଡାଟା ଏଣ୍ଟ୍ରି ଅପରେଟର ମାନେ ଅଂଶଗ୍ରହଣ କରିଥିଲେ। ସରକାରୀ ଅନୁଦାନର ସଠିକ୍ ବିନିଯୋଗ, ଡିଜିଟାଲ୍ ମାଧ୍ୟମରେ ସ୍ୱଚ୍ଛ ହିସାବ ରକ୍ଷଣ ଏବଂ ସରକାରୀ କ୍ରୟ ନିୟମାବଳୀର ସଠିକ୍ ପାଳନ ସମ୍ପର୍କରେ ଉପସ୍ଥିତ ପ୍ରତିନିଧିମାନଙ୍କୁ ବିସ୍ତୃତ ଧାରଣା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର୍ ଭାବେ ବ୍ଲକ୍ ଅର୍ଥ ଅଧିକାରୀ (ବିଏଫ୍ଓ) ଜୀବନ କୁମାର ପରିଡ଼ା, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ (ଜିପିଡିଓ) ସବ୍ୟସାଚୀ ଦାସ,କମ୍ପ୍ୟୁଟର ପ୍ରୋଗ୍ରାମର (ସିପି) ସୁଜିତ କୁମାର ଜେନା,ଏବଂ ବ୍ଲକ୍ ସ୍ତରୀୟ ସଂଯୋଜକ (ବିଏଲସି) ସଞ୍ଜୀବ କୁମାର ପାତ୍ର ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି ।ପଞ୍ଚାୟତ ସ୍ତରରେ ବିକାଶମୂଳକ କାର୍ଯ୍ୟର ଆର୍ଥିକ ତଦାରଖକୁ ଅଧିକ ସୁଦୃଢ଼ କରିବା ଦିଗରେ ଏହି ତାଲିମ ବିଶେଷ ସହାୟକ ହେବ ବୋଲି ଆଲୋଚନା ହୋଇଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ତୁଟିଲା ବିଧାୟକ...

ଏହାକୁ ନେଇ ପ୍ରଶାସନିକ ମହଲରେ ମଧ ଚର୍ଚ୍ଚା ଜୋର୍ ଧରିଥିଲା । ତେବେ ଆଜି ସକାଳେ ବିଧାୟକ ସରୋଜ ପାଢ଼ୀ ବିବାଦର ସମାଧାନ ହୋଇଥିବା କହିଥିଲେ । ଏହାପରେ ସନ୍ଧ୍ୟାରେ ଦକ୍ଷିଣାଞ୍ଚଳ ଆରଡିସି ବିଜୟ ଅମୃତ କୁଳାଙ୍ଗେଙ୍କ ଚାମ୍ବରରେ ବିଧାୟକ ଓ ସିଡିଓ ଏକାଠି ହୋଇଥିଲେ। ଉଭୟଙ୍କ ମଧ୍ୟରେ ଆଲୋଚନା ପରେ କୋଳାକୋଳି ହେବାର ଫଟୋ ସାମ୍ନାକୁ ଆସିଛି । ଏହି ଫଟୋ ସହ ବିଧାୟକ ଓ ଅଫିସରଙ୍କ ମଧ୍ୟରେ ଚାଲିଥିବା ବିବାଦର ଅନ୍ତ ଘଟିଥିବା ସ୍ପଷ୍ଟ ହୋଇଛି । ତେବେ ଏହି ଘଟଣା ରାଜନୈତିକ ଓ ପ୍ରଶାସନିକ ମହଲରେ ଚର୍ଚ୍ଚାର ବିଷୟ ହୋଇଥିଲା ।

ସୁନ୍ଦରଗଡ଼ରେ ଦୁଇ ...

ବୋଲି ପ୍ରାଥମିକ ସୂଚନାରୁ ଜଣାପଡ଼ିଛି । ଘଟଣା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଛି । ଗୁଳିକାଣ୍ଡର କାରଣ ଓ ଏଥିରେ କିଏ ସମ୍ପୃକ୍ତ, ସେନେଇ ତଦନ୍ତ ଆରମ୍ଭ କରିଛି । ଘଟଣା ସମ୍ପର୍କରେ ପୁଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନି ।

ସୁନ୍ଦରଗଡ଼ରେ ଦୁଇ ...

ଏନେଇ ଅଭିଯୋଗ ପାଇବା ପରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଯୋଜନାବଦ୍ଧ ଭାବେ ଚଢ଼ାଉ କରାଯାଇଥିଲା । ଗିରଫ ଅଭିଯୁକ୍ତ ସୁଜିତ କୁମାର ମହାନ୍ତଙ୍କୁ ସମ୍ବଲପୁରର ମାନ୍ୟବର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଅଦାଲତରେ ହାଜର କରାଯିବ । ଏହି ଘଟଣାକୁ ନେଇ ପୁଲିସ୍ ବିଭାଗରେ ଏବେ ଚର୍ଚ୍ଚା ଜୋର ଧରିଛି ।

ଗିଡ଼ିପାବାଲି ଭୂସ୍ଖଳନ...

ଆହୁରି ୬ ଜଣଙ୍କ ମୃତଦେହ ମାଟି ତଳେ ରହିଥିବା କୁହାଯାଉଛି। ଆଜି ଓଡ୍ରାଫ ଓ ଅଗ୍ନିଶମ ବାହିନୀ ମିଳିତ ଭାବେ ଅପରେସନ ଚଳାଇଥିଲେ। ୭ ଦିନ ଭିତରେ ୭ ମୃତଦେହ ମିଳିବା ପରେ ଉଦ୍ଧାରକାରୀ ଦଳର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି।

ଅଣ୍ଟା ଭାଙ୍ଗିଗଲା...

ଏବଂ ଆଗାମୀ ଦିନରେ ଟ୍ରମ୍ପଙ୍କ ପ୍ରଶାସନର ନୀତିଗତ ନିଷ୍ପତ୍ତି ଉପରେ ଗଭୀର ପ୍ରଭାବ ପକାଇବ। ଦେଶରେ ବଢ଼ୁଥିବା ମହଙ୍ଗା ଏବଂ ଅନ୍ୟାନ୍ୟ ଆର୍ଥିକ ପ୍ରସଙ୍ଗକୁ ନେଇ ଭୋଟରମାନଙ୍କ ମଧ୍ୟରେ ଥିବା ଅସନ୍ତୋଷ ମଧ ନିର୍ବାଚନୀ ଫଳାଫଳକୁ ପ୍ରଭାବିତ କରୁଥିବା ଦେଖିବାକୁ ମିଳିଥିଲା । ଡୋନାଲ୍ଡ ଟ୍ରମ୍ପଙ୍କ ଏହି ବୟାନ ଦଳୀୟ କର୍ମୀ ଓ ସମର୍ଥକମାନଙ୍କ ମଧ୍ୟରେ ଉତ୍ସାହ ଭରିବା ସହିତ ଆଗାମୀ ଦିନର ରଣନୀତିକୁ ସ୍ପଷ୍ଟ କରୁଛି। ଆମେରିକା ମିଡଟର୍ମ ନିର୍ବାଚନର ଚୂଡ଼ାନ୍ତ ଫଳାଫଳ ଆମେରିକୀୟ ରାଜନୀତିର ଭବିଷ୍ୟତ ଦିଗ ନିର୍ଦ୍ଧାରଣ କରିବ। ଟ୍ରମ୍ପଙ୍କ ଏହି ଦାବି ପରେ ଦେଶର ରାଜନୈତିକ ବାତାବରଣ ଆହୁରି ସରଗରମ ହୋଇଉଠିଛି।

ଦିଲ୍ଲୀରେ ଭୁଶୁଡ଼ିଲା ...

ସବୁଠାରୁ ବଡ଼ ସମସ୍ୟା ହେଉଛି, ଘଟଣାସ୍ଥଳକୁ ଯାଇଥିବା ରାସ୍ତା ମାତ୍ର ୪ ଫୁଟ ଚଉଡ଼ା । ତେଣୁ ବଡ଼ ମେସିନ୍ ଭିତରକୁ ଯାଇପାରୁନାହିଁ । ଫଳରେ ଉଦ୍ଧାର କାର୍ଯ୍ୟ ମାନୁଆଲ୍ ଭାବେ ଚାଲିଛି । ଭଗ୍ନାବଶେଷ ତଳେ ଆଉ କେହି ଫସି ରହିଛନ୍ତି କି ନାହିଁ, ସେନେଇ ଖୋଜାଖୋଜି ଜାରି ରହିଛି । ଅନ୍ୟପଟେ ଏହି ଘଟଣାକୁ ନେଇ ଦିଲ୍ଲୀ ସରକାରଙ୍କୁ ଘେରିଛି ଆମ୍ ଆଦମୀ ପାର୍ଟି । ଦଳର ନେତା ସୌରଭ ଭରଦ୍ୱାଜ୍ ବିଲ୍ଡିଂ ସୁରକ୍ଷା ଅଡିଟ୍‌କୁ ନେଇ ପ୍ରଶ୍ନ ଉଠାଇଛନ୍ତି । ବାରମ୍ବାର ସୁରକ୍ଷା ଯାଞ୍ଚ ହେଉଥିବା ସତ୍ତ୍ୱେ କାହିଁକି କୋଠା ଭୁଶୁଡୁଛି ବୋଲି ସେ ପ୍ରଶ୍ନ କରିଛନ୍ତି । ଏଥିସହ ବିଭିନ୍ନ ସରକାରୀ ଓ ନଗର ପ୍ରଶାସନିକ ବିଭାଗରେ ଦୁର୍ନୀତି ହେଉଥିବା ମଧ ସେ ଅଭିଯୋଗ କରିଛନ୍ତି। ତେବେ ଏହା ତାଙ୍କର ରାଜନୈତିକ ଅଭିଯୋଗ ।

ଏବେ ନେତନ୍ୟାହୁଙ୍କୁ ...

ଜ୍ୟୋତିଷୀୟ ସଙ୍କେତ ମଧ ସତ୍ତାରେ ବଡ଼ ଉଥଳପାଥଳ ଓ ନେତୃତ୍ୱ ପରିବର୍ତ୍ତନ ଦିଗକୁ ଇଙ୍ଗିତ କରୁଛି। 'ଡେଗେଲ୍ ହାତୋରା' ଗୋଷ୍ଠୀର ଅସନ୍ତୋଷର ମୁଖ୍ୟ କାରଣ ହେଉଛି ଅତ୍ୟନ୍ତ ରୂଢ଼ିବାଦୀ ଯେହୁଦୀ ସମୁଦାୟର ପୁରୁଷମାନଙ୍କୁ ବାଧ୍ୟତାମୂଳକ ସାମରିକ ସେବାରୁ ଛାଡ଼ ଦେବା ସମ୍ପର୍କିତ ଆଇନ ଉପରେ ସହମତି ନ ହେବା। ଯଦିଓ ଏହି ଗୋଷ୍ଠୀ ମେଣ୍ଟ ଛାଡ଼ିବାକୁ ଆନୁଷ୍ଠାନିକ ଘୋଷଣା କରିନାହିଁ, ତଥାପି ସମର୍ଥନ ରୋକି ନେତାନ୍ୟାହୁଙ୍କ ପାଇଁ ସହଯୋଗୀମାନଙ୍କୁ ଏକଠା ରଖିବାକୁ ଅତ୍ୟନ୍ତ କଠିନ କରିଦେଇଛି। ଇସ୍ରାଏଲର ୧୨୦ ଆସନ ବିଶିଷ୍ଟ ସଂସଦରେ ନେତାନ୍ୟାହୁଙ୍କ ଶିବିର ପାଖରେ ୫୩ଟି ଆସନ ରହିଛି। ମୁଖ୍ୟ ବିରୋଧୀଙ୍କ ପାଖରେ ୪୮ଟି ଏବଂ ଆରବ ଦଳଗୁଡ଼ିକ ପାଖରେ ୧୯ଟି ଆସନ ଅଛି। ନିର୍ବାଚନ ଫଳାଫଳ ପରେ ରାଷ୍ଟ୍ରପତି ଆଇଜାକ୍ ହର୍ଜୋଗ୍ ସମସ୍ତ ଦଳ ସହ ଆଲୋଚନା କରୁଛନ୍ତି। ସଂସଦରେ ଯିଏ ଭରସାଯୋଗ୍ୟ ଏବଂ ସ୍ଥିର ସଂଖ୍ୟାବଳ ଦେଖାଇପାରିବେ, ସରକାର ଗଠନ ପାଇଁ ପ୍ରଥମ ଆମନ୍ତ୍ରଣ ସେହି ନେତାଙ୍କୁ ମିଳିବ। ଭୂମିସ୍ତରର ରାଜନୀତି ଏବଂ ଦୁଇଟି କୁଣ୍ଡଳୀର ଗୋଚରକୁ ଏକାସାଙ୍ଗେ ଦେଖିଲେ, ନେତାନ୍ୟାହୁଙ୍କ ପାଇଁ ପୁଣିଥରେ ସରକାର ଗଠନ କରିବା ବହୁତ ଚ୍ୟାଲେଞ୍ଜିଂ ବୋଲି ଦେଖାଯାଉଛି। ଗୁରୁ ନୂଆକରି ଆଲୋଚନା ଆରମ୍ଭ କରିବାର ସୁଯୋଗ ଦେଉଛନ୍ତି, କିନ୍ତୁ କେତୁ ଓ ଶନିଙ୍କ ନକାରାତ୍ମକ ପ୍ରଭାବ ସେହି ସୁଯୋଗକୁ ସ୍ଥିର ସମର୍ଥନରେ ପରିଣତ କରିବାକୁ ବାଧା ଦେଉଛି ବୋଲି ଜ୍ୟୋତିଷୀୟ ମତ ରହିଛି। ବର୍ତ୍ତମାନର ପରିସ୍ଥିତିକୁ ଦେଖିଲେ ତାଙ୍କର ପୁଣି ସତ୍ତାକୁ ଫେରିବା କଠିନ ବୋଲି ଏହି ବିଶ୍ଳେଷଣରେ କୁହାଯାଉଛି ଏବଂ ନେତୃତ୍ୱ ପରିବର୍ତ୍ତନ ଦିଗକୁ ସମୀକରଣ ଝୁକୁଥିବା ବୋଲି ଦାବି କରାଯାଇଛି। ଯଦି ସେ କୌଣସି ଭଳି ଭାବରେ ପୁଣି ଫେରିବା ରାସ୍ତା ଖୋଜିନେବେ, ତେବେ ସେହି ସରକାର ଅତ୍ୟନ୍ତ ଦୁର୍ବଳ ଭିତ୍ତି ଏବଂ କଠିନ ସମଝୋତା ଉପରେ ନିର୍ଭରଶୀଳ ହୋଇପାରେ।

ଶିଶୁପାଳଗଡ଼ରେ...

ତପନ ନାୟକ। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସହ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ଶେଷରେ ତାଙ୍କର ମୃତ୍ୟୁ ହୋଇଥିଲା। ଆଉ ଏ ଘଟଣାକୁ ଲୁଚାଇବାକୁ କରଯାଇଥିଲା ବ୍ଲୁ ପ୍ରିଣ୍ଟ। ବନ୍ଧୁକ ଟିଙ୍କୁ ଗଙ୍ଗୁଆ ନାଳକୁ ଫପାଡ଼ି ଦେବା ସହ କେହି ଜଣେ ଦୁର୍ବୃତ୍ତ ଗୁଳି ଚାଳନା କରିଥିବା ପୋଲିସକୁ ସୂଚନା ଦେଇଥିଲେ। ହେଲେ ସମସ୍ତେ ଆସିଥିଲେ ସନ୍ଦେହର ଘେରକୁ।ବ୍ୟବହୃତ ବନ୍ଧୁକକୁ ଖୋଜିବା ପାଇଁ ପୋଲିସ ଅଗ୍ନିଶମ ବାହିନୀର ସହାୟତା ନେଇଥିଲା। ପରେ ପୋଲିସ ତଦନ୍ତ ଆରମ୍ଭ କରି ୮ ଜଣଙ୍କୁ ଗିରଫ କରିଛି।

ପାରାଦୀପ ବନ୍ଦର ଓ ପୂର୍ବ ତଟ ରେଳ ବିଭାଗ ପ୍ରତିନିଧିଙ୍କ ମଧ୍ୟରେ କାର୍ଯ୍ୟକ୍ଷମ ସମୀକ୍ଷା ବୈଠକ



ପାରାଦୀପ, ୦୫/୧୧ (ନି.ପ୍ର): ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ପୂର୍ବତଟ ରେଳପଥ, ଖୋର୍ଦ୍ଧା ରୋଡ୍ ଡିଭିଜନର ଏକ ବରିଷ୍ଠ ପ୍ରତିନିଧିମଣ୍ଡଳିଙ୍କ ମଧ୍ୟରେ ରେଳ-ବନ୍ଦର ସମନ୍ୱୟକୁ ସୁଦୃଢ଼ କରିବା, ପଣ୍ୟ ଖଲାସ କରିବାରେ ଉନ୍ନତି ଆଣିବା ଏବଂ ବନ୍ଦର ଟର୍ମିନାଲରେ କାର୍ଯ୍ୟକ୍ଷମ ଚ୍ୟାଲେଞ୍ଜର ମୁକାବିଲା କରିବା ପାଇଁ ନିକଟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବତଟ ରେଳବାଇ ପ୍ରତିନିଧିମଣ୍ଡଳିର ନେତୃତ୍ୱ ନେଇଥିଲେ କେ.ଭି.ଏସ.ଆର.କେ କିଶୋର, ମୁଖ୍ୟ ପଣ୍ୟ ପରିବହନ ପରିଚାଳକ (ସିଏଫଟିଏମ) ଏବଂ ଶ୍ରୀମତୀ ପ୍ରୀତି ରାଣା, ବରିଷ୍ଠ ବିଭାଗୀୟ ପରିଚାଳନା ପରିଚାଳକ, ଖୋର୍ଦ୍ଧା ରୋଡ୍ ଡିଭିଜନ, ଭୁବନେଶ୍ୱର। ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବନ୍ଦର ର ଉପାଧ୍ୟକ୍ଷ ଟି.ଭେଣୁ ଗୋପାଳ ଏବଂ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ଆଲୋଚନାରେ କାର୍ଯ୍ୟକ୍ଷମ କାର୍ଯ୍ୟଦକ୍ଷତା ସମୀକ୍ଷା କରିବା, ମାଲ ପରିବହନ ଦକ୍ଷତା ମୂଲ୍ୟାଙ୍କନ କରିବା, ପ୍ରତିବନ୍ଧକ ଚିହ୍ନଟ କରିବା ଏବଂ ମାଲ ପରିବହନର ସୁଗମ ପରିବହନ ପାଇଁ ବନ୍ଦର ଏବଂ ରେଳ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକ ପରେ, ରେଳ ପ୍ରତିନିଧି ଦଳ, ପାରାଦୀପ ବନ୍ଦର ଅଧିକାରୀଙ୍କ ସହିତ, ଭୂମିସ୍ତରୀୟ କାର୍ଯ୍ୟକ୍ଷମ ପରିସ୍ଥିତିର ମୂଲ୍ୟାଙ୍କନ କରିବା ଏବଂ ଧ୍ୟାନ ଦେବା, ଆବଶ୍ୟକୀୟ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ପାଇଁ ମାନୁଆଲ୍ ସାଇଡିଂ, ଡିଡିଆଇପି ଏବଂ କେଆଇସିଟି ସମେତ ପ୍ରମୁଖ କାର୍ଯ୍ୟକ୍ଷମ କ୍ଷେତ୍ରଗୁଡ଼ିକର ସ୍ଥାନ ପରିଦର୍ଶନ କରିଥିଲେ । ସମୀକ୍ଷାର ଅଂଶ ସ୍ୱରୂପ, ଦୁଇ ସଂସ୍ଥାର ପ୍ରମୁଖ ସମନ୍ୱୟ ପଦକ୍ଷେପ ଉପରେ ସହମତ ହୋଇଥିଲେ, ଯେଉଁଥିରେ ଉଭୟ ସଂସ୍ଥାର ନେତୃତ୍ୱଙ୍କ ମଧ୍ୟରେ ପାକ୍ଷିକ ଭିଡିଓ-କନଫରେନ୍ସ ସମୀକ୍ଷା, କାର୍ଯ୍ୟକ୍ଷମ ଚ୍ୟାଲେଞ୍ଜ ଗୁଡ଼ିକୁ ତଦାରଖ କରିବା ଏବଂ ସମୟୋଚିତ ପ୍ରତିବନ୍ଧକ ସମାଧାନକୁ ସହଜ କରିବା ପାଇଁ ଦୈନିକ ବ୍ୟତିକ୍ରମ ରିପୋର୍ଟିଂ ଅନ୍ତର୍ଭୁକ୍ତ। ବୈଠକରେ ରେଳ-ବନ୍ଦର ସଂଯୋଗୀକରଣକୁ ସୁଦୃଢ଼ କରିବା, କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା, ମାଲ ପରିବହନକୁ ତ୍ୱରାନ୍ୱିତ କରିବା ଏବଂ ଭାରତର ସାମୁଦ୍ରିକ ବାଣିଜ୍ୟର ଅଭିବୃଦ୍ଧିକୁ ସମର୍ଥନ କରିବା ପ୍ରତି ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଏବଂ ପୂର୍ବତଟ ରେଳବାଇର ପ୍ରତିବଦ୍ଧତାକୁ ପୁନଃଦୋହରାଇ ଦିଆଯାଇଥିଲା।

ଶୁକ୍ରବାର, ନଭେମ୍ବର ୦୬, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ସରକାରୀ ବିଦ୍ୟାଳୟର ଛାତରୁ ଖସୁଛି କଂକ୍ରିଟ



ଉଦଳା , ୦୫/୧୧ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ଖଲାଡ଼ି ପଂଚାୟତ ଅନ୍ତର୍ଗତ ବେଗୁନିଆଡ଼ିହା ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ଦୃଶ୍ୟ । ଏହି ବିଦ୍ୟାଳୟର ଛାତରୁ ଖଣ୍ଡଖଣ୍ଡ କଂକ୍ରିଟ ଖସିଯିବା ଫଳରେ ଶ୍ରେଣୀଗୃହଟି ଅସୁରକ୍ଷିତ ଅବସ୍ଥାରେ ରହିଛି । ଆବଶ୍ୟକ ସଂଖ୍ୟକ ଶ୍ରେଣୀଗୃହ ନଥିବା ବେଳେ ଛାତଘରଟିର ଏପରି ଅବସ୍ଥା ବିଦ୍ୟାଳୟ ପାଇଁ ନାହିଁନଥିବା ଅସୁବିଧାକୁ ଡ଼ାକି ଆଣିଛି । ସେହିପରି ବିଦ୍ୟାଳୟର ପାଇଖାନା ବ୍ୟବହାର ହୋଇପାରୁନଥିବାର ଜଣାଯାଇଛି । ପିଲାଙ୍କ ଖେଳାଖେଳି ପାଇଁ ସରଞ୍ଜାମ ନଥିବା ସାଙ୍ଗକୁ ଚାରିପାଖକୁ ପାଚେରି ନାହିଁ । ଆଜି ନଭେମ୍ବର ୫ ତାରିଖ ଗୁରୁବାର ଦିନ ଲୋକ ସଂଗଠନ ଜନଜାଗୃତି ମଂଚ ତରଫରୁ ଏହି ବିଦ୍ୟାଳୟରେ 'ପ୍ରତିବନ୍ଧକରୁ ପରିବର୍ତନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଏଠାରେ କାର୍ଯ୍ୟରତ ଶିକ୍ଷକ, ଶିକ୍ଷୟିତ୍ରି ଓ ଛାତ୍ର ଛାତ୍ରୀ ମାନେ ମିଳିତ ଭାବରେ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ସିଆରସିସି ଶାନ୍ତନୁ କୁମାର ଦାଶ ମଧ ଉପସ୍ଥିତ ଥିଲେ । ମଂଚର ଜନସାଥି ରବିନ୍ଦ୍ର ଓ ଉର୍ମି ଲିଡ଼ର ସସ୍ମିତା ଆଜିର ଏହି କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିଲେ ।

ଗୁଡ୍ ଭିଜନ୍ ଇଣ୍ଡିଆ ଫାଉଣ୍ଡେସନ୍ କେୟାର୍ ନେତ୍ରମ୍ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ



ଜଳେଶ୍ୱର, ୦୫/୧୧ (ନି.ପ୍ର): ଜଳେଶ୍ୱର ଅଂଚଳରେ ପ୍ରତ୍ୟେକ ବର୍ଗର ଲୋକଙ୍କ ନିକଟରେ ଉନ୍ନତ ତଥା ସୁଲଭ ଚକ୍ଷୁ ଚିକିତ୍ସା ସେବା ପହଞ୍ଚାଇବା ଉଦ୍ଦେଶ୍ୟରେ ଗୁଡ୍ ଭିଜନ୍ ଇଣ୍ଡିଆ ଫାଉଣ୍ଡେସନ୍'ର ପ୍ରମୁଖ ପଦକ୍ଷେପ 'କେୟାର୍ ନେତ୍ରମ୍' ପକ୍ଷରୁ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଆରୁହା ଗ୍ରାମର କମ୍ୟୁନିଟୀ ସେଣ୍ଟର ପରିସରରେ ସରପଞ୍ଚ ତପନୀ ଭୂୟାଁ ଅନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଏହି ଶିବିରରେ ବହୁ ସଂଖ୍ୟାରେ ଗ୍ରାମାଞ୍ଚଳର ଲୋକମାନେ ଉପସ୍ଥିତ ରହି ନିଜ ଆଖିର ମାଗଣା ଯାଞ୍ଚ କରାଇଥିଲେ ।ଏହି କାର୍ଯ୍ୟକ୍ରମରେ କେୟାର୍ ନେତ୍ରମ୍‌ର ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞ ଓ ବୈଷୟିକ ଦଳ ଉପସ୍ଥିତ ରହି ଲୋକମାନଙ୍କର ଦୃଷ୍ଟିଶକ୍ତି ପରୀକ୍ଷା,ଆଖିର ସାଧାରଣ ସମସ୍ୟା ଯାଞ୍ଚ କରିବା ସହ ଉଚିତ୍ ପରାମର୍ଶ ପ୍ରଦାନ କରିଥିଲେ।ଦୃଷ୍ଟିଦୋଷ ଥିବା ବ୍ୟକ୍ତିବିଶେଷଙ୍କୁ ଉପଯୁକ୍ତ ଚଷମା ଯୋଗାଇ ଦିଆଯିବା ସହିତ ମୋତିଆବିନ୍ଦୁ ଚିହ୍ନଟ ହୋଇଥିବା ରୋଗୀମାନଙ୍କୁ ଆଗାମୀ ଚିକିତ୍ସା ଓ ଅସ୍ତ୍ରୋପଚାର ନିମନ୍ତେ ଆବଶ୍ୟକୀୟ ସହାୟତା ପାଇଁ ମାର୍ଗଦର୍ଶନ କରାଯାଇଛି । ଅନୁଷ୍ଠାନର ପ୍ରତିନିଧିମାନେ ମତବ୍ୟକ୍ତ କରିଛନ୍ତି ଯେ, ସଚେତନତା ଓ ଉପଯୁକ୍ତ ଚିକିତ୍ସାର ଅଭାବରୁ ଅନେକ ଲୋକ ଅନ୍ଧତ୍ୱର ଶିକାର ହୋଇଥାନ୍ତି ।ଏହି ନିରାକରଣ ଯୋଗ୍ୟ ଅନ୍ଧତ୍ୱକୁ ଦୂର କରିବା ଏବଂ ଗ୍ରାଉଣ୍ଡ ଲେଭଲରେ ଲୋକଙ୍କୁ ସଶକ୍ତ କରିବା କେୟାର୍ ନେତ୍ରମ୍ ଏବଂ ଗୁଡ୍ ଭିଜନ୍ ଇଣ୍ଡିଆର ମୁଖ୍ୟ ଲକ୍ଷ୍ୟ।ସାମ୍ବାଦିକ ମନୋଜ କୁମାର ଭୂୟାଁ,ଯୁବ ସମାଜ ସେବୀ ବିଜୟ କୁମାର ଗିରି, ଲକ୍ଷ୍ମୀକାନ୍ତ ନନ୍ଦୀ, ଜନ୍ମଜୟ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପତି, ଅନନ୍ତ ବେହେରା ପ୍ରମୁଖ ଶିବିରକୁ ଆସିଥିବା ସ୍ଥାନୀୟ ହିତାଧିକାରୀ ମାନେ ଏହି ମହତ ସେବା ପାଇଁ କେୟାର୍ ନେତ୍ରମ୍ ଏବଂ ଗୁଡ୍ ଭିଜନ୍ ଇଣ୍ଡିଆ ଫାଉଣ୍ଡେସନ୍ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।ଆଗାମୀ ଦିନରେ ଜଳେଶ୍ୱର ର ବିଭିନ୍ନ ଅଞ୍ଚଳରେ ଏଭଳି ଆହୁରି ଅନେକ ଜନହିତକର ଶିବିର ଆୟୋଜନ କରାଯିବ ବୋଲି କୋଡ଼ିନେଟର ଉମାକାନ୍ତ ଦଳେଇ,ସୁନିତା କର,ଭିଜନ ଟେକ୍ନୋସିଆନ ଅର୍ଚ୍ଚିତା ବରାଳ,ପିଙ୍କି ବାଗ,ଟିମ ମ୍ୟାନେଜର ଦିପ୍ତିମୟୀ ପୃଷ୍ଟି ପ୍ରମୁଖ ସୂଚନା ଦେଇଛନ୍ତି।

ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ରାଜ୍ୟପାଳଙ୍କୁ ସାକ୍ଷାତ୍ ଆଲୋଚନା


ଭୁବନେଶ୍ୱର, ୦୫/୧୧ (ନି.ପ୍ର): ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ଏକ ୫ଜଣିଆ ପ୍ରତିନିଧି ଦଳ ରାଜଭବନରେ ଓଡ଼ିଶାର ନୂତନ ରାଜ୍ୟପାଳ ବ୍ରଜମୋହନ ରାମଙ୍କୁ ସାକ୍ଷାତ୍ କରିଥିଲେ। ରାଜ୍ୟରେ ସାମ୍ବାଦିକମାନଙ୍କର ବୃତିଗତ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ତାଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟତଃ ଓଡ଼ିଶାର ସାମ୍ବାଦିକ ମାନଙ୍କୁ ପେନସନ ଦେବା ବିଷୟରେ ଆଲୋଚନା ହୋଇଥିଲା। ଦେଶର ପ୍ରାୟ ୨୧ଟି ରାଜ୍ୟରେ ସେଠାକାର ରାଜ୍ୟ ସରକାର ମାନଙ୍କ ପକ୍ଷରୁ ସାମ୍ବାଦିକ ମାନଙ୍କୁ ପେନସନ ଦେବା ନିଷ୍ପତି କାର୍ଯ୍ୟକାରୀ ହେଉଥିବା ବେଳେ ଓଡ଼ିଶାରେ ସାମ୍ବାଦିକମାନେ ସେଥିରୁ ବଂଚିତ ହେଉଛନ୍ତି। ଓଡ଼ିଶା ସରକାର ଖୁବ୍ ଶୀଘ୍ର ସାମ୍ବାଦିକମାନଙ୍କୁ ପେନସନ ଦେବା ସମ୍ପର୍କରେ ନିଷ୍ପତି ନେବା ପାଇଁ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟପାଳ ଏ ସମ୍ପର୍କରେ ଖୁବ୍ ଶୀଘ୍ର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

ପାରାଦୀପ କଳିଙ୍ଗ ବାଲିଯାତ୍ରା ପାଇଁ ଭୂମିପୂଜା



ପାରାଦୀପ, ୦୫/୧୧ (ନି.ପ୍ର): ଆସନ୍ତା ନଭେମ୍ବର ୨୩ ତାରିଖରେ ପାରାଦୀପ ବେଳାଭୂମିରେ ଆରମ୍ଭ ହେବାକୁ ଯାଉଥିବା ଓଡ଼ିଶାର ଦ୍ୱିତୀୟ ପ୍ରସିଦ୍ଧ କଳିଙ୍ଗ ବାଲିଯାତ୍ରା ମହୋତ୍ସବର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ପାଇଁ ଗୁରୁବାର ସକାଳେ ଭୂମି ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ଏହି ପୂଜାରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଉପାଧକ୍ଷ ନିରଞ୍ଜନ ବେହେରା କର୍ତ୍ତା ଭାବେ ପୂଜା ରୀତିନୀତିରେ ଯୋଗଦାନ ପୂର୍ବକ କାର୍ଯ୍ୟାରମ୍ଭ ପାଇଁ ବାଉଁଶ ପୋତିଥିଲେ । ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ,ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା,ପାରାଦୀପ ଡେପୁଟି କଲେକ୍ଟର ସାଏଦା ନାୟରା, ଶିକ୍ଷ ମନ୍ତ୍ରୀଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ପାରିଷଦ ସୁବ୍ରତ ପ୍ରଧାନ, ପ୍ରତାପ ନାୟକ, ସୌଦାମିନୀ ସାହୁ, ଅଜିତ ଷଡଙ୍ଗୀ ପ୍ରମୁଖଙ୍କ ସମେତ ବହୁ ପାରିଷଦ ଓ ବାଲିଯାତ୍ରା କମିଟିର ସଦସ୍ୟ ଓ ସଦସ୍ୟା ଉପସ୍ଥିତ ଥିଲେ । ଏହି ସମସ୍ତ ମାଙ୍ଗଳିକ ପୂଜାର୍ଚ୍ଚନା କାର୍ଯ୍ୟକୁ ପଣ୍ଡିତ ମାର୍କଣ୍ଡ ଆଚାର୍ଯ୍ୟ ଓ ଇନ୍ଦ୍ରଜିତ ଆଚାର୍ଯ୍ୟ ସଫଳତାର ସ?ହ ସମ୍ପାଦନ କରିଥିଲେ । ଏହି ମହୋତ୍ସବ ନଭେମ୍ବର ୨୩ ରୁ ୨୯ ତାରିଖ ଦୀର୍ଘ ସପ୍ତାହ ବ୍ୟାପି ଚାଲିବ କ୍ଷ ଚଳିତ ବର୍ଷ ଏହି ମହୋତ୍ସବ କୁ ଆକର୍ଷଣୀୟ କରିବାକୁ ବାଲି ଯାତ୍ରା କମିଟି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିବା ନେଇ ବାଲିଯାତ୍ରା କମିଟି ଉପାଧ୍ୟକ୍ଷ ଶ୍ରୀ ବେହେରା ଏବଂ ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି ।

ଆଖିବୁଜିଲେ ଆଦର୍ଶ ଶିକ୍ଷକ



ଖଇରା, ୦୫/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ଅଲିପୁର ଗ୍ରାମର ଆଦର୍ଶ ଶିକ୍ଷକ ବାସୁଦେବ ପୃଷ୍ଟି(୭୭)ଙ୍କର ବୁଧବାର ସଂଧ୍ୟାରେ ପରଲୋକ ହୋଇ ଯାଇଛି । ସେ ଗତ କିଛିଦିନ ହେଲା ମଧୁମେହ ରୋଗରେ ପିଡିତ ଥିବା ବେଳେ ଛାତିରେ ଯନ୍ତ୍ରଣା କରିବାକୁ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ । ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁ ସମ୍ପର୍କରେ ଖବର ପାଇଁ ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସରପଞ୍ଚ ପ୍ରତିନିଧି ସୁରେଶ ମାଝୀ ପ୍ରମୁଖ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ପରିବାରକୁ ସମବେଦନା ଜଣାଇଥିଲେ । ସ୍ୱର୍ଗତ ପୃଷ୍ଟି ଗତ ୨୦୦୮ ମସିହା ଅଗଷ୍ଟ୩୧ ତାରିଖରେ ଦାମୋଦରପୁରସ୍ଥିତ ରାମଚନ୍ଦ୍ର ମଧ୍ୟ ଇଂରାଜୀ ବିଦ୍ୟାଳୟରୁ ଅବସର ଗ୍ରହଣ କରିବା ପରେ ବିଭିନ୍ନ ସାମାଜିକ ସଙ୍ଗଠନ ନିଜକୁ ନିୟୋଜିତ କରିଥିଲେ ।

ପୂର୍ବତନ ସରପଞ୍ଚଙ୍କ ବିୟୋଗ

ବସ୍ତା, ୦୫/୧୧ (ନି.ପ୍ର): ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ପୋଡାପୁଡା ଗ୍ରାମର ସମାଜସେବୀ ସ୍ୱର୍ଗତ ଦେବନ୍ଦ୍ରନାଥ ଆଇଚଙ୍କ ଜେଷ୍ଠପୁତ୍ର ପୂର୍ବତନ ସରପଞ୍ଚ ଯାତ୍ରା କଳାକାର, ଜଳକା ପ୍ରଜେକ୍ଟ ପ୍ରତିଷ୍ଠାତା ସମାଜ ସେବୀ ରାଜେନ୍ଦ୍ରଆଇଚ (୭୮)ଆଜି ଦିନ ଗୋଟାଏ ୩୦ମିନିଟରେ ମୃତ୍ୟୁବରଣ କରିଛନ୍ତି । ସେ କିଛିଦିନଧରି ରୋଗ ଶଯ୍ୟାରେ ଘରେ ଚିକିତ୍ସାଧିନ ଅବସ୍ଥାରେ ରହିଥିଲେ । ତାଙ୍କ ବିୟୋଗରେ ଏକ ଶୋକାକୁଳ ପରିବେଷ ସୃଷ୍ଟି ହୋଇଛି । ତାଙ୍କଶେଷ ଦର୍ଶନପାଇଁ ମଥାନୀ ପୂର୍ବତନ ସରପଞ୍ଚ ଅନିଲ କୁମାର ମହାପାତ୍ର, ବିଜେଡି ନେତା ଦେବେନ୍ଦ୍ର ବେହେରା, ସାମ୍ବାଦିକ ବିଜୟ ଭୂୟାଁ, ଫୁଲମଣି ବିଦ୍ୟାପିଠର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଭୂୟାଁ, ନରେନ୍ଦ୍ର ଦଣ୍ଡପାଟ, ଶଚିନ୍ଦ୍ର ଦଣ୍ଡପାଟ, ସମାଜସେବୀ ଅମରକୁମାର ପାଳ, ଯାତ୍ରା ଅଭିନେତା ଶରତ କୁମାର ମହାନ୍ତି, ପାର୍ଥ ସାରଥି ମହାନ୍ତି, ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଶେଷଦର୍ଶନ କରି ପରିବାରକୁ ସମବେଦନା ଜଣାଇଥିଲେ । ପୁତ୍ର ପ୍ରତାପ ଆଇଚ (ବାବୁଲା)ମୂଖାଗ୍ନୀ ଦେଇଥିଲେ ।

ନାବାଳିକା ଛାତ୍ରୀ ସନ୍ତାନ ପ୍ରସବ ମାମଲା: ନ୍ୟାୟିକ ତଦନ୍ତ ଦାବି କଲା ବିଜେଡି, କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ ଚେତାବନୀ

ବୈଶିଙ୍ଗା, ୦୫/୧୧ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ବିଶ୍ରାମ ପୁର ଗ୍ରାମ ର ଜନୈକା ନାବାଳିକା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି) ରେ ଆବାସିକ ଛାତ୍ରୀ ଭାବେ ଗର୍ଭବତୀ ହୋଇ ଶିଶୁପୁତ୍ର ଜନ୍ମ ଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ସମଗ୍ର ଘଟଣାର ନ୍ୟାୟିକ ତଦନ୍ତ, ଦୋଷୀଙ୍କ ତୁରନ୍ତ ଗିରଫ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜୋରଦାର ଦାବି କରାଯାଇଛି। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦାଙ୍କ ନେତୃତ୍ୱରେ ବିଜେଡିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ଅନୁଧାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବେତନଟୀ ବ୍ଲକ ସଭାପତି ରାଜୀବ ସେନାପତି, ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ସବିତା ଦାସ, ଧାନି କିସ୍କୁ, ବ୍ଲକ ଉପାଧକ୍ଷ ଦେବଦତ୍ତ ତିଆଡ଼ି, ଜ୍ୟୋତି ସାମଲ, ସନ୍ତୋଷ ଜେନା, ସୁଶାନ୍ତ କୁମାର ବଳା, ଚିତେଶ୍ୱର ବେହେରା, ମନୀଷ ଗିରି, ଦୀପକ ସାହୁ ଓ ଅନିଲ ସିଂ ପ୍ରମୁଖ ସାମିଲ ଥିଲେ। ପ୍ରତିନିଧି ଦଳ ଅଭିଯୋଗ କରିଛନ୍ତି ଯେ, କେଜିବିଭି ବିଦ୍ୟାଳୟରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା ଥିବା ସତ୍ତ୍ୱେ ଜଣେ ଛାତ୍ରୀ ଦୀର୍ଘ ୭ ମାସ ଧରି ଗର୍ଭବତୀ ଥିବା କଥା ବିଦ୍ୟାଳୟ କର୍ତ୍ତୃପକ୍ଷ କିପରି ଜାଣିପାରିଲେ ନାହିଁ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହା କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଓ ଦାୟିତ୍ୱହୀନତାକୁ ଦର୍ଶାଉଛି ବୋଲି ଦଳ କହିଛି। ଏଥିସହ ନବଜାତ ଶିଶୁଟି ଉପଯୁକ୍ତ ଚିକିତ୍ସା ଓ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ହୋଇଥିବା ନେଇ ମଧ ଉଦ୍‌ବେଗ ପ୍ରକାଶ ପାଇଛି। ଦଳ ପକ୍ଷରୁ ନାବାଳିକା ଓ ତାଙ୍କ ନବଜାତ ଶିଶୁର ସୁରକ୍ଷା, ଉପଯୁକ୍ତ ଚିକିତ୍ସା, କାଉନସେଲିଂ ଓ ପୁନର୍ବାସ ବ୍ୟବସ୍ଥା ଯୋଗାଇଦେବାକୁ ଦାବି କରାଯାଇଛି। ଆବାସିକ ବିଦ୍ୟାଳୟରେ ଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ନେଇ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରିବା ସହ ଠୋସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ପ୍ରତିନିଧି ଦଳ ଦାବି କରିଛି। ଆସନ୍ତାକାଲି ସୁଦ୍ଧା ସରକାର ଦୃଢ଼ ପଦକ୍ଷେପ ଗ୍ରହଣ ନକଲେ ଦଳ ରାଜରାସ୍ତାକୁ ଓହ୍ଲାଇ ଗଣତାନ୍ତ୍ରିକ ଢଙ୍ଗରେ ଆନ୍ଦୋଳନକୁ ତୀବ୍ର କରିବ ବୋଲି ଚେତାବନୀ ଦେଇଛି।

ବ୍ଲକସ୍ତରୀୟ ସୁରଭି- ୨୦୨୬ରେ ରାଇକମା ଆଶ୍ରମ ବିଦ୍ୟାଳୟର ୨ ଜଣ କୁନି ପ୍ରତିଭା ପୁରସ୍କୃତ

ବୈଶିଙ୍ଗା , ୦୫/୧୧ (ନି.ପ୍ର): ଗତକାଲି ବୁଧବାର ୪ ନଭେମ୍ବର,୨୦୨୬ରେ ବେତନଟୀ ବ୍ଲକସ୍ତରୀୟ ସୁରଭି - ୨୬ ସଠିଲୋ ଉ.ପ୍ରା. ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । କୁନି କୁନି ଛାତ୍ର ଛାତ୍ରୀ ମାନଙ୍କର ପ୍ରତିଭା ବିକାଶ ପାଇଁ ଶ୍ରିକ୍ଷା ବିଭାଗ ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି ଜଣାଯାଏ । ଏହି ଅବସରରେ ରାଇକମା ଆଶ୍ରମ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ର ଶ୍ରୀ ପ୍ରକାଶ ବେହେରା କନିଷ୍ଠ ବିଭାଗ କୁଇଜରେ ତୃତୀୟ ଏବଂ ଷଷ୍ଠ ଶ୍ରେଣୀର ଛାତ୍ରୀ ଜୟସ୍ମିତା ମାଝୀ ସୃଜନଶୀଳ ଲିଖନରେ ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ବିପ୍ଳବ କରଙ୍କ ଠାରୁ ପୁରସ୍କାର ପାଇଛନ୍ତି । ପ୍ରତିଯୋଗୀଦ୍ୱୟ ବିଦ୍ୟାଳୟରେ ପହଞ୍ଚିବା କ୍ଷଣି ଉପସ୍ଥିତଥିବା ଛାତ୍ରଛାତ୍ରୀ ସେମାନଙ୍କୁ ସ୍ୱାଗତ ଜଣାଇଥିଲେ ।

ବେଆଇନ ବାଣ ତିଆରି କାରଖାନା ଉପରେ ସିଂଲା ପୁଲିସର ଚଢାଉ: ବିପୁଳ ବାଣ ଜବତ

ବସ୍ତା, ୦୫/୧୧ (ନି.ପ୍ର): ସିଂଲା ଥାନା ପୁଲିସ ଦ୍ୱାରା ବାଣ ତିଆରି କାରଖାନା ଉପରେ ଚଢାଉ କରି ବିପୁଳ ଟଙ୍କାର ବାଣ ଜବତ କରିଛି।ସୂଚାନାରୁ ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ତାଡ଼ଦା ପଞ୍ଚାୟତ ଅନ୍ତର୍ଗତ ଶାସନ ଗ୍ରାମର ଅବନ୍ତି ସେଠୀ ଦୀର୍ଘ ଦିନ ଧରି ବେଆଇନ ବାଣ ତିଆରି କରି ଆସୁଥିଲା।ଗାଁ ମଧ୍ୟରେ ଏହି ବାଣ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ଘଟିବାର ଆଶଙ୍କା ଦେଖି ଲୋକମାନଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଥିଲା।ବିଶେଷ ସୂତ୍ରରୁ ଖବର ପାଇ ସିଂଲା ଥାନା ଭାରପ୍ରାପ୍ତ ଅଧିକାରୀ ସୁଚନ୍ଦ୍ର ମହାଳିକ,ଏ ଏସ ଆଇ ରାଜେଶ କୁମାର ମହାପାତ୍ର ସଦଳବଳେ ଉକ୍ତ ବାଣ ତିଆରି କାରଖାନା ଉପରେ ଚଢାଉ କରି ପ୍ରାୟ ୨୦ ହଜାର ଟଙ୍କାର ବାଣ ଜବତ କରିଥିବାବେଳେ ମାଲିକ ଅବନ୍ତୀ ଘଟଣା ସ୍ଥଳରୁ ଚମ୍ପଟ ମାରିଛି।

ଔପଦା ବ୍ଲକ ବାଉଁଶବଣିଆ ଗ୍ରାମ ପଂଚାୟତରେ କଂଗ୍ରେସ ବୈଠକ



ନୀଳଗିରି , ୦୫/୧୧ (ନି.ପ୍ର): ଔପଦା ବ୍ଲକ ବାଉଁଶବଣିଆ ଗ୍ରାମ ପଂଚାୟତରେ କଂଗ୍ରେସ କର୍ମୀ ମାନଙ୍କୁ ନେଇ ନୀଳଗିରି କଂଗ୍ରେସ ନେତା ତଥା ବ୍ଲକ୍ ସଭାପତି ତପନ କୁମାର ରାଉତଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।ଏହି ବୈଠକରେ ଔପଦା ବ୍ଲକ ଉପସଭାପତି ବାସୁଦେବ ପାତ୍ରଙ୍କ ସମେତ ନୀଳଗିରି ନଗରସଭାପତି ଉପେନ୍ଦ୍ର ବେହେରା,ଜିଲ୍ଲା କଂଗ୍ରେସ ଉପସଭାପତି ରାମକୃଷ୍ଣ ଜେନା, ଜିଲ୍ଲା କଂଗ୍ରେସସାଧାରଣ ସମ୍ପାଦକ ଯଶୋଦା ନନ୍ଦନ ସିଂହ ପ୍ରମୁଖ ଉପସ୍ଥିତରହି ବକ୍ତବ୍ୟ ରଖିଥିଲେ ।ବୈଠକରେ ବରିଷ୍ଠ କଂଗ୍ରେସନେତା ତଥା ଉକ୍ତ ପଂଚାୟତର ପ୍ରାକ୍ତନ ସରପଞ୍ଚ ରାମଚନ୍ଦ୍ର ବେହେରା ଅଧକ୍ଷତା କରିଥିଲେ। ପଂଚାୟତ ସଂଗଠନକୁ ସୁଦୃଢ କରିବାପାଇଁ, ବହୁ ଦିନଧରି ଅବହେଳିତହୋଇ ପଡ଼ିଥିବା ଉକ୍ତ ପଂଚାୟତରେ କଂଗ୍ରେସ ସଂଗଠନ ପାଇଁ ଏକ ଶୃଙ୍ଖଳିତ କମିଟି ଗଠନ କରାଯାଇଥିଲା। ଉକ୍ତ ନବଗଠିତ କମିଟିର ସଭାପତି ରୂପେ ଶ୍ରୀଯୁକ୍ତ ବିଜୟ କୁମାର ଗିରି, ଉପସଭାପତି ରୂପେ ଶ୍ରୀ ତପନ ମିଶ୍ର, ଓ ବିଦ୍ୟାଧର ପଣ୍ଡିତ,ସମ୍ପାଦକ ରୂପେ ଅକ୍ଷୟ କୁମାର ପାତ୍ର, ସହସମ୍ପାଦକ ରୂପେ ହରିଶଚନ୍ଦ୍ର ରାଉତ, ତାପସ କୁମାର ପାତ୍ର, ଓ କୋଷାଧକ୍ଷ ରୂପେ ପ୍ରକାଶ ଚନ୍ଦ୍ର ଚୌଧୁରୀ, ଓ ପ୍ରତ୍ୟେକ ୱାର୍ଡ ସଦସ୍ୟଙ୍କୁ ନେଇ ମୋଟ ୩୫ଜଣିଆ କମିଟି ଗଠନ କରାଯାଇଛି ।ନୀଳଗିରି କଂଗ୍ରେସ ଦଳର ଭୀଷ୍ମ ପିତାମହ କୁହାଯାଉଥିବା ରାମଚନ୍ଦ୍ର ବେହେରା ପଂଚାୟତର କର୍ମୀମାନଙ୍କୁ ବୈଠକରେ ଗୁରୁମନ୍ତ୍ର ପ୍ରଦାନ କରିଥିଲେ।ନୀଳଗିରିରୁ ସନ୍ତରାଗଡ଼ିଆ ରାସ୍ତାପାଇଁ ପ୍ରଶାସନର ଦୋମୁହାଁ ନୀତି ଓ ଜଙ୍ଗଲବିଭାଗର ଜୁଲମକୁ ପ୍ରତିହତ କରିବାପାଇଁ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଏଥିସହ ଆଗାମୀ ଦିନରେ କଂଗ୍ରେସ ଏକାକୀ ନିର୍ବାଚନ ଲଢ଼ିବାପାଇଁ ସର୍ବସମ୍ମତି ମତପ୍ରକାଶ ପାଇଥିଲା। ପରିଶେଷରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା ନିଜ ଅଭିଭାଷଣରେ ନୀଳଗିରିରେ କଂଗ୍ରେସଦଳ ସ୍ୱଚ୍ଛ, ନିଷ୍ଠାର ସହ କାର୍ଯ୍ୟକଲେ ଦଳ ଆଗକୁ ବଢିବ ଓ ଲୋକ ଗ୍ରହଣୀୟ ହେବବୋଲି ପରିପ୍ରକାଶ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ବାଲେଶ୍ୱର ଚମ୍ପିୟାନ

ଖେଳାଳୀଙ୍କୁ ଉତ୍ସାହିତ କଲେ ବିଧାୟିକା ସୁବାସିନୀ ଜେନା



ବାଲିଆପାଳ , ୦୫/୧୧ (ନି.ପ୍ର): ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ବାଲିଆପାଳ ବ୍ଲକ ଅଧିନସ୍ଥ ନୂଆଗାଁ କଟରାମହଲ ଦୁର୍ଗାପୂଜା କମିଟି ପକ୍ଷରୁ ଖେଳ ପଡିଆ ଠାରେ ୮ ଦିନ ଧରି କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ମଙ୍ଗଳବାର ଫାଇନାଲ ଖେଳରେ ଭୋଗରାଇ ଦଳକୁ ହରାଇ ବାଲେଶ୍ୱର ଦଳ ଚମ୍ପିୟାନ ହୋଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତାର ମାନ୍ୟବର ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ଯୋଗ ଦେଇ କବାଡ଼ି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏଥିସହ ବିଧାୟିକା ଶ୍ରୀମତୀ ଜେନା ମା'ଙ୍କ ନିକଟରେ ସମସ୍ତ ଖେଳାଳିଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ।ଖେଳକୁ ପରିଚାଳନା କରିଥିଲେ ରାଜୀବ ସାର , ହେମନ୍ତ ସାର ଏବଂ ରଞ୍ଜନ ସାର । ଦୁର୍ଗାପୂଜା କମିଟି ସଭାପତି ଅନିଲ କୁମାର ଦେବନାଥ,ବରିଷ୍ଠ ସଦସ୍ୟ ଚକ୍ରଧର ଗିରି,ଅଞ୍ଜନ କୁମାର ଦେବନାଥ, ତପନ ପାତ୍ର, ରଞ୍ଜନ ବେହେରା, ପ୍ରଶାନ୍ତ ବିଶ୍ୱାଳ, ଲକ୍ଷ୍ମୀଧର ଗିରି, ବିଦ୍ୟାଧର ଦଳାଇ, ପଞ୍ଚାନନ ଗିରି, ବଂଶୀଧର ଦଳାଇ, ବାଇଧର ଦଳାଇ, ପ୍ରଶାନ୍ତ ଦାସ ଏବଂ ଅନ୍ୟମାନେ କବାଡ଼ି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

ମାର୍ଚ୍ଚ ୨୦୨୭ ସୁଦ୍ଧା ମେହେରପାଲି ସିବିଜି ପ୍ଲାଂଟ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୦୫/୧୧ (ନି.ପ୍ର): ଭୁବନେଶ୍ୱରରେ ସ୍ୱଚ୍ଛ ଶକ୍ତି ଉତ୍ପାଦନ ଓ ଉନ୍ନତ ବର୍ଜ୍ୟବସ୍ତୁ ପରିଚାଳନା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ମେହେରପାଲିଠାରେ ନିର୍ମାଣାଧୀନ କମ୍ପ୍ରେସଡ୍ ବାୟୋଗ୍ୟାସ୍ (ସିବିଜି) ପ୍ଲାଂଟର କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରିଛନ୍ତି ବିଏମ୍‌ସି କମିଶନର ଚଂଚଳ ରାଣା। ଆଜି କମିଶନର ଶ୍ରୀ ରାଣା ଉପକମିଶନର, ନିର୍ବାହୀ ଯନ୍ତ୍ରୀ, ସହକାରୀ କମିଶନର ଓ ବିଏମ୍‌ସିର ଅନ୍ୟ ଅଧିକାରୀଙ୍କ ସହ ଅଏଲ୍ ଇଣ୍ଡିଆ ଲିମିଟେଡ୍ ର ବୈଷୟିକ ଟିମ୍ ସହ ପ୍ଲାଂଟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଯାଂଚ କରିବା ସହ ସମସ୍ତ କାର୍ଯ୍ୟ ଧାର୍ଯ୍ୟ ସମୟ ଆସନ୍ତା ମାର୍ଚ୍ଚ ୨୦୨୭ ସୁଦ୍ଧା ଶେଷ କରିବାକୁ ସମ୍ପୃକ୍ତ ଟିମ୍ କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ଲାଂଟ କାର୍ଯ୍ୟକ୍ଷମ ହେଲେ ସହରର ବର୍ଜ୍ୟବସ୍ତୁର ସୁପରିଚାଳନା ସହ ବାୟୋଗ୍ୟାସ୍ ମାଧ୍ୟମରେ ସ୍ୱଚ୍ଛ ଶକ୍ତି ଉତ୍ପାଦନକୁ ପ୍ରୋତ୍ସାହନ ମିଳିବ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida